ବର୍ଷ 1, ସଂଖ୍ୟା 17

# ନ୍ୟୁ ଇଣ୍ଡିଆ ସମାଚାର

ମାର୍ଚ୍ଚ 1-15, 2021
ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ




## ପୂର୍ବୋଦୟ

### ନୂତନ ଭାରତ ପାଇଁ ଏକ ନୂଆ ମନ୍ତ୍ର

ପୂର୍ବ ଏବଂ ପଶ୍ଚିମାଞ୍ଚଳର ସନ୍ତୁଳିତ ବିକାଶ ପାଇଁ ସରକାରଙ୍କ ଲକ୍ଷ୍ୟ ଓ ପଦକ୍ଷେପଗୁଡ଼ିକ ଦେଶର ପୂର୍ବ ଭାଗର ଅଭିବୃଦ୍ଧି ଏବଂ ବିକାଶକୁ ଆଗେଇ ନେଉଛି।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

WORLD CONSUMER RIGHTS DAY
15 March




## ନୂତନ ଭାରତରେ ଗ୍ରାହକଙ୍କ ଆତ୍ମବିଶ୍ୱାସ, ବିଶ୍ୱାସ ସର୍ବୋଚ୍ଚ ସ୍ତରରେ

- କନଫରେନ୍ସ ବୋର୍ଡ ଗ୍ଲୋବାଲ କଞ୍ଜୁମର କନଫିଡେନ୍ସ ସର୍ବେକ୍ଷଣ ଅନୁଯାୟୀ, ବିଗତ କିଛି ବର୍ଷ ହେବ ଭାରତରେ ଗ୍ରାହକମାନଙ୍କର ଆତ୍ମବିଶ୍ୱାସ ସର୍ବୋଚ୍ଚ ସ୍ତରରେ ରହିଛି।
- କରୋନାଭୂତାଣୁ ମହାମାରୀ ମଧ୍ୟରେ, ସରକାର 2020 ଜୁଲାଇ ମାସରେ ଉପଭୋକ୍ତା ସୁରକ୍ଷା ଆଇନ, 2019 ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ, ଏହା ଉପଭୋକ୍ତା ସୁରକ୍ଷା ଆଇନ, 1986 ସ୍ଥାନରେ ଲାଗୁ ହୋଇଥିଲା। ପ୍ରଥମ ଥର ପାଇଁ ଏହି ଆଇନରେ ଇ-କମର୍ସ ସଂସ୍ଥାଗୁଡ଼ିକ ପାଇଁ କର୍ତ୍ତବ୍ୟ ଏବଂ ଉତ୍ତରଦାୟିତ୍ୱକୁ ତାଲିକାଭୁକ୍ତ କରାଯାଇଥିଲା।
- ଜୁଲାଇ 2020ରେ, କେନ୍ଦ୍ର ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ (ସିସିପିଏ) ପ୍ରତିଷ୍ଠା କରାଯାଇଥିଲା। ଏହି ସଂସ୍ଥା ଉପଭୋକ୍ତାଙ୍କ ଅଧିକାର ଉଲ୍ଲଂଘନ, ଅନୈତିକ ବ୍ୟବସାୟିକ କାରବାର ଏବଂ ମିଛ ଓ ବିଭ୍ରାନ୍ତିକର ବିଜ୍ଞାପନ ସଂକ୍ରାନ୍ତ ମାମଲାଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ଦିଗରେ କାର୍ଯ୍ୟ କରିବ।
- ମହାମାରୀ ସମୟରେ ଜମାଖୋରୀ ଓ ଯୋଗାଣ ଅଭାବକୁ ଦୂର କରିବା ଲାଗି ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅଧୀନରେ ଜୁନ 2020 ପର୍ଯ୍ୟନ୍ତ ଫେସ ମାସ୍କ ଓ ସାନିଟାଇଜରଗୁଡ଼ିକୁ ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରେ ସାମିଲ କରାଯାଇଥିଲା।
- ଅଭିଯୋଗ ଦାଖଲ କରିବା ଲାଗି ଜାତୀୟ ଉପଭୋକ୍ତା ସହାୟତା ନଂ : 1800-11-4000 କିମ୍ବା 14404ରେ କଲ କରନ୍ତୁ କିମ୍ବା https://consumerhelpline.gov6ରେ ଲଗଇନ୍ କରନ୍ତୁ।



"ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅବସରରେ ଶୁଭକାମନା। ଅର୍ଥବ୍ୟବସ୍ଥାରେ ଉପଭୋକ୍ତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ସରକାର କେବଳ ଉପଭୋକ୍ତାଙ୍କ ସୁରକ୍ଷା ନୁହେଁ ବରଂ ସେମାନଙ୍କର ସମୃଦ୍ଧି ଉପରେ ଗୁରୁତ୍ୱାରୋପ କରୁଛନ୍ତି।

**-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

# ନ୍ୟୁ ଇଣ୍ଡିଆ ସମାଚାର

ବର୍ଷ 1, ସଂଖ୍ୟା 17 ମାର୍ଚ୍ଚ 1-15, 2021


## ସୂଚୀପତ୍ର


| | | |
|---|---|---|
| 1 | ସମ୍ପାଦକୀୟ | ପୃଷ୍ଠା. 02 |
| 2 | ଚିଠି ବାକ୍ସ | ପୃଷ୍ଠା. 03 |
| 3 | ସଂକ୍ଷିପ୍ତ ସମାଚାର | ପୃଷ୍ଠା. 04-05 |
| 4 | ମହିଳା ଦିବସ | ପୃଷ୍ଠା. 06-08 |
| 5 | ପ୍ରଧାନମନ୍ତ୍ରୀଙ୍କ ତାମିଲନାଡୁ ଏବଂ କେରଳ ଗସ୍ତ | ପୃଷ୍ଠା. 09 |
| 6 | ପ୍ରମୁଖ ଯୋଜନା | ପୃଷ୍ଠା. 10-11 |
| 7 | ସଂସଦରେ ପ୍ରଧାନମନ୍ତ୍ରୀ | ପୃଷ୍ଠା. 12-13 |
| 8 | ପ୍ରଚ୍ଛଦ ପ୍ରସଙ୍ଗ | ପୃଷ୍ଠା. 14-23 |
| 9 | ବ୍ୟକ୍ତିତ୍ୱ | ପୃଷ୍ଠା. 24 |
| 10 | ଲଦାଖ ନିରସ୍ତୀକରଣ | ପୃଷ୍ଠା. 25 |
| 11 | ଏରୋ ଇଣ୍ଡିଆ | ପୃଷ୍ଠା. 26-27 |
| 12 | ବନ୍ୟଜୀବଙ୍କ ସୁରକ୍ଷା | ପୃଷ୍ଠା. 28-30 |
| 13 | କରୋନା ବିରୋଧୀ ଲଢ଼େଇ | ପୃଷ୍ଠା. 31 |
| 14 | ସ୍ୱାସ୍ଥ୍ୟ | ପୃଷ୍ଠା. 32-33 |
| 15 | ଅବିସ୍ମରଣୀୟ : ମହାରାଜା ସୁହେଲଦେବ | ପୃଷ୍ଠା. 34-35 |
| 16 | ସ୍ୱତନ୍ତ୍ର ରିପୋର୍ଟ | ପୃଷ୍ଠା. 36-39 |
| 17 | ସକାରାତ୍ମକ ଆଭିମୁଖ୍ୟ | ପୃଷ୍ଠା. 40 |



**ସମ୍ପାଦକ**
ଜୟଦୀପ ଭଟନାଗର
ପ୍ରମୁଖ ମହାନିର୍ଦ୍ଦେଶକ, ପିଆଇବି,
ନୂଆଦିଲ୍ଲୀ

**ଉପଦେଷ୍ଟା ସମ୍ପାଦକ**
ବିନୋଦ କୁମାର
ସନ୍ତୋଷ କୁମାର

**ଅଳଙ୍କରଣ**
ରବୀନ୍ଦ୍ର କୁମାର ଶର୍ମା

**ପ୍ରକାଶକ ଓ ମୁଦ୍ରାକାର**
ସତ୍ୟେନ୍ଦ୍ର ପ୍ରକାଶ,
ଡିଜି, ବିଓସି
ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ କମ୍ୟୁନିକେସନ

**Printed at**
**Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-1210030**

**ପ୍ରକାଶିତ**
ବ୍ୟୁରୋ ଅଫ ଆଉଟରିଚ ଏବଂ କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ,
ନୂଆଦିଲ୍ଲୀ-110003

**ନ୍ୟୁ ଇଣ୍ଡିଆ ସମାଚାର**

RNI No. : DELODI/2020/78831

response-nis@pib.gov.in

# ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର!

ନ୍ୟୁ ଇଣ୍ଡିଆ ସମାଚାର ପ୍ରତି ପାଠକମାନଙ୍କର ବିଶେଷ ଆଗ୍ରହ ଦେଖିବାକୁ ମିଳୁଛି। ଅନୁରୂପ ଭାବେ ସରକାରଙ୍କ ପ୍ରତି ଜନସାଧାରଣଙ୍କ ଆସ୍ଥା ବୃଦ୍ଧି ପାଉଥିବାରୁ ଏହା ଆହୁରି ଅଧିକ ବିକାଶମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ନୂତନ ଶକ୍ତି ଲାଭ କରୁଛି। ଆହୁରି, ଦେଶର ଅଭିବୃଦ୍ଧି ଧାରାକୁ ଆଗେଇ ନେଉଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆପଣମାନଙ୍କୁ ଅବଗତ କରାଇବା ଲାଗି ଆମେ ପ୍ରୟାସ କରୁଛୁ। 2014ରେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆରମ୍ଭ କରିଥିବା 'ଆକ୍ଟ ଇଷ୍ଟ' ନୀତିରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହା ଅଧୀନରେ, ଲୋକମାନଙ୍କୁ ସହଜ ଜୀବନଧାରଣ ସୁବିଧା ଦେବା ଲାଗି ଏହି ଅଞ୍ଚଳଗୁଡ଼ିକୁ ହାଇୱେ, ଆଇ-ୱେ, ରେଲୱେ ଏବଂ ଏୟାରୱେ ମାଧ୍ୟମରେ ସଂଯୋଗ କରାଯାଇଛି।

ପତ୍ରିକାର ଚଳିତ ସଂସ୍କରଣରେ ପୂର୍ବ ଭାରତର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି ଯାହାକି ଏକଦା ଦେଶର ବ୍ୟବସାୟିକ କେନ୍ଦ୍ରସ୍ଥଳୀ ଥିଲା। ସରକାର ବର୍ତ୍ତମାନ ପୂର୍ବ ଭାରତକୁ ଅଭିବୃଦ୍ଧିର ବାହକରେ ପରିଣତ କରିବା ଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଯୋଜନାରେ ସମ୍ପୂର୍ଣ୍ଣ ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର ସମେତ ପଶ୍ଚିମବଙ୍ଗ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ଆମେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଥିବାରୁ ଏହି ସଂସ୍କରଣରେ ଦେଶର ସଫଳ ମହିଳାଙ୍କ ବିଷୟରେ ଉଲ୍ଲେଖ କରାଯାଇଛି। ବନ୍ୟଜୀବଙ୍କ ସଂରକ୍ଷଣ ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆପଣ ପଢ଼ିପାରିବେ। ଚଳିତ ସଂସ୍କରଣରେ ଦକ୍ଷିଣ ରାଜ୍ୟଗୁଡ଼ିକର ବିକାଶ ସମ୍ପର୍କରେ ରିପୋର୍ଟ ସହିତ ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା ସମ୍ପର୍କରେ ଏକ ରିପୋର୍ଟ ରହିଛି।

ସମାନ ସ୍ନେହ ଏବଂ ବିଶ୍ୱାସର ସହିତ ଆମକୁ ନିଜର ମତାମତ ଲେଖି ଜଣାନ୍ତୁ....


ଠିକଣା : ବ୍ୟୁରୋ ଅଫ ଆଉଟରିଚ୍ ଆଣ୍ଡ କମ୍ୟୁନିକେସନ,

ଦ୍ୱିତୀୟ ମହଲା, ସୂଚନା ଭବନ, ନୂଆଦିଲ୍ଲୀ-110003

ଇମେଲ : response-nis@pib.gov.in

(ଜୟଦୀପ ଭଟନାଗର)

# ଚିଠି ବାକ୍ସ




ମହାଶୟ,
ନ୍ୟୁ ଇଣ୍ଡିଆ ସମାଚାର ପାଇ ଓ ପଢ଼ି ଓ ପ୍ରକୃତରେ ଆନନ୍ଦ ଅନୁଭବ କରୁଛି। ଦେଶ ଏବଂ ଜନସାଧାରଣରଙ୍କ ସାମଗ୍ରିକ ହିତ ଦୃଷ୍ଟିରୁ ବାସ୍ତବ ଖବର ଏବଂ ସରକାରଙ୍କ ପ୍ରଗତିଶୀଳ କାର୍ଯ୍ୟକଳାପ ସମ୍ପର୍କରେ ପ୍ରକାଶ କରିବା ଏକ ଭଲ ପ୍ରୟାସ। ଏହା ହେଉଛି ଏକ ଛାପା ମାଧମ ଯାହା ଜରିଆରେ ଲୋକମାନେ ଦେଶରେ ହେଉଥିବା କାର୍ଯ୍ୟକଳାପ, କାର୍ଯ୍ୟକ୍ରମ ଏବଂ ବିକାଶ ସମ୍ପର୍କରେ ଜାଣିପାରିବେ। ଏହା ବିଦେଶରେ ରହୁଥିବା ଭାରତୀୟମାନେ ମଧ ପାଇବା ଆବଶ୍ୟକ।
ନୂଆ ପ୍ରକଳ୍ପ ଏବଂ ବିକାଶ ସମ୍ପର୍କରେ ଜାଣିବା ଲାଗି ଏହି ପତ୍ରିକା ମଧ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ପାଇଁ ମଧ ବିଶେଷ ସହାୟକ ହୋଇପାରିବ। ମୁଁ ଏହାର ସଫଳତା କାମନା କରିବା ସହିତ ଦେଶରେ ଜାରି ରହିଥିବା ଅଗ୍ରଗତି ଏବଂ ବିକାଶଗୁଡ଼ିକ ବିଷୟରେ ଜାଣିବା ଲାଗି ଅଧିକ ଆଗ୍ରହ ପ୍ରକାଶ କରୁଛି।

**ଜୟ ହିନ୍ଦ**
**କୌଶିକ ବ୍ୟାସ**

## ଡିଜିଟାଲ କ୍ୟାଲେଣ୍ଡର




ଭାରତ ସରକାରଙ୍କର ଡିଜିଟାଲ କ୍ୟାଲେଣ୍ଡର ଏବଂ ଡାଏରୀରେ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ସମ୍ପର୍କରେ ସଦ୍ୟତମ ସୂଚନା ରହିଛି ଏବଂ ସରକାରଙ୍କର ପ୍ରକାଶନୀଗୁଡ଼ିକ ରହିଛି। ଏହାଛଡ଼ା ସରକାରୀ ଛୁଟିଦିବସ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତାରିଖ ଗୁଡ଼ିକ ରହିଛି।

ଏହାକୁ ଗୁଗଲ ପ୍ଲେ ଷ୍ଟୋର ଏବଂ ଆଇଓଏସରୁ ଡାଉନ ଲୋଡ କରାଯାଇପାରିବ।

ଗୁଗଲ ପ୍ଲେ ଷ୍ଟୋର ଲିଙ୍କ
https://play.google.com/store/apps/details?id=in.gov.calendar

ଆଇଓଏସ ଲିଙ୍କ
https://apps.apple.com/in/app/goi-calendar/id1546365594

**https://goicalendar.gov.in/**

ମହାଶୟ,
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନ୍ୟୁ ଇଣ୍ଡିଆ ସମାଚାରର ଇ-ଏଡିସନ ଆରମ୍ଭ କରାଯିବା ଏକ ଭଲ ପ୍ରୟାସ ଏବଂ ଏହି ପତ୍ରିକା ଶେୟାର କରିବା ଲାଗି ଧନ୍ୟବାଦ। ଏହା ସଦ୍ୟତମ ବୈଜ୍ଞାନିକ ଉଦ୍ଭାବନ, ସାମାଜିକ ନୀତି ଏବଂ ଆର୍ଥିକ ପ୍ରଗତି ସମ୍ପର୍କରେ ମୂଲ୍ୟବାନ ସୂଚନା ଦେଉଥିବାରୁ ଏହା ଛାତ୍ରଛାତ୍ରୀଙ୍କ ପାଇଁ ମଧ ଅତି ସହାୟକ ହୋଇପାରିବ। ଆଶା ଯେ ଏହା ଯୁବ ମସ୍ତିଷ୍କ ଉପରେ ଅଧିକ ଉତ୍ତମ ପ୍ରଭାବ ପକାଇବ। ଆପଣଙ୍କର ସଫଳତା କାମନା କରୁଛି।

**ଡ. ଏସ.ଟି. ରାଘବାମ୍ମା ସହାୟକ ପ୍ରଫେସର**
**ଚଲପତି ଇନଷ୍ଟିଚ୍ୟୁଟ ଅଫ ଫାର୍ମାସ୍ୟୁଟିକାଲ ସାଇନ୍ସେସ,**
**ଆନ୍ଧ୍ର ପ୍ରଦେଶ, stvraghavamma@gmail.com**

ମହାଶୟ,
ଏହି ସମ୍ବାଦ ପତ୍ରିକା ପ୍ରକାଶ କରିବା ଏବଂ ଏଥିରେ ଅତ୍ୟନ୍ତ ସୂଚନାପ୍ରଦ ବିଷୟବସ୍ତୁ ପ୍ରକାଶ କରିଥିବାରୁ ସାଦର ସ୍ୱାଗତ ଏବଂ ଧନ୍ୟବାଦ। ମୋର ଏକ ପରାମର୍ଶ ହେଉଛି କିପରି ଭାବେ ନିଜ ପିଲାମାନଙ୍କୁ ସଠିକ ମାର୍ଗରେ ନେଇ ହେବ ସେ ସମ୍ପର୍କରେ ଏକ ବିଷୟବସ୍ତୁ ଏଥିରେ ଯୋଡ଼ାଯିବା ଆବଶ୍ୟକ।

ଧନ୍ୟବାଦ
ପ୍ରକାଶ ଭୂଷଣ
mailme_prakashbhushan@rediffmail.com


ମହାଶୟ,
ନ୍ୟୁ ଇଣ୍ଡିଆ ସମାଚାରର ସମ୍ପାଦକୀୟ ଟିମକୁ ମୁଁ ଅଭିନନ୍ଦନ ଜଣାଉଛି। ମୁଁ ପ୍ରଥମ ଥର ଲାଗି ଏହାର ପ୍ରଥମ ଏବଂ 15ତମ ସଂଖ୍ୟା ପ୍ରଥମ ଥର ପାଇ ଦେଖିବାକୁ ପାଇଲି। ଏଥିରେ କୋଭିଡ-19 ବିରୋଧୀ ଲଢ଼େଇ, ଦୀର୍ଘସ୍ଥାୟୀ ବିକାଶ ଏବଂ ଭାରତର ପ୍ରତିବଦ୍ଧତା ସମ୍ପର୍କରେ ରହିଥିବା ଚମତ୍କାରୀ ସ୍ତମ୍ଭଗୁଡ଼ିକ ଅତ୍ୟନ୍ତ ସୂଚନାପ୍ରଦ ହୋଇପାରିଛି। ଏହି ପତ୍ରିକାର ନାମ ପରିବର୍ତ୍ତନ ନକରିବା ଲାଗି ମୁଁ ଦୃଢ଼ ଭାବେ ପରାମର୍ଶ ଦେଉଛି... ମୁଁ ଏହି ପତ୍ରିକାର ସଫଳତା କାମନା କରୁଛି।

ଧନ୍ୟବାଦ ଓ ସଦିଚ୍ଛା
ଏବିଏସଭି ପ୍ରସାଦ ରାଓ,
ବରିଷ୍ଠ ବୈଜ୍ଞାନିକ (ଅବସରପ୍ରାପ୍ତ) ଇସ୍ରୋ ହାଇଦ୍ରାବାଦ, ତେଲଙ୍ଗାନା
anupojukk@gmail.com

ମହାଶୟ,
ମୁଁ ନ୍ୟୁ ଇଣ୍ଡିଆ ସମାଚାରର ଫେବୃଆରୀ 1-15 ସଂସ୍କରଣ ପଢ଼ି ପ୍ରଭାବିତ ହେଲି।
ଏହାର ବିଷୟବସ୍ତୁ ଅତ୍ୟନ୍ତ ସୂଚନାପ୍ରଦ ଏବଂ ଏଥିରେ ବିଭିନ୍ନ କ୍ଷେତ୍ର ସମ୍ପର୍କରେ ସୂଚନା ରହିଛି। ଏହା କେବଳ ମୋ ଭଳି ଦୈନିକ ସମ୍ବାଦପତ୍ର ପାଠକମାନଙ୍କ ପାଇଁ ନୁହେଁ ବରଂ ୟୁପିଏସସି, ଏନଡିଏ ଆଦି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀଙ୍କ ପାଇ ମଧ ଅତ୍ୟନ୍ତ ଉପଯୋଗୀ।
ମୁଁ ନ୍ୟୁ ଇଣ୍ଡିଆ ସମାଚାରର ସମ୍ପୂର୍ଣ୍ଣ ଟିମକୁ ଶୁଭକାମନା ଜଣାଉଛି।

**ସଦିଚ୍ଛା ସହ,**
**ଆନନ୍ଦ କିଶୋର ପାଣ୍ଡେ, ନୂଆଦିଲ୍ଲୀ**
**pandey.anandkishore6@gmail.com**

# ନୂତନ ରାଜପଥରେ ଆସନ୍ତା ବର୍ଷର ସାଧାରଣତନ୍ତ୍ର ଦିବସ



2022ରେ ଭାରତ ସ୍ୱାଧୀନତାର 75ବର୍ଷ ପୂରଣ କରିବା ସମୟରେ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାର ସାକ୍ଷୀ ରହିବ। ସାଧାରଣତନ୍ତ୍ର ଦିବସ ସମାରୋହ ନୂତନ ପୁନଃବିକଶିତ ରାଜପଥରେ ଆୟୋଜନ କରାଯିବ। ଫେବୃଆରୀ 4, 2021ରେ କେନ୍ଦ୍ର ଆବାସ ଏବଂ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସେଣ୍ଟ୍ରାଲ ଭିସ୍ଟା ଆଭେନ୍ୟୁ ଠାରେ ଭୂମି ପୂଜନ କାର୍ଯ୍ୟ ସମାପନ କରିଛନ୍ତି। ସେ କହିଥିଲେ ଯେ ଏହି ପ୍ରକଳ୍ପ ପାଇଁ କାର୍ଯ୍ୟ ନିମ୍ନ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଯିବ। ଭାରତ ସ୍ୱାଧୀନ ହେବାର 75ତମ ବର୍ଷ ପୂର୍ତ୍ତି ଅବସରରେ ଦେଶ ବ୍ରିଟିଶମାନଙ୍କ ଦ୍ୱାରା ନିର୍ମିତ ଭିତ୍ତିଭୂମିରୁ ବାହାରକୁ ଆସିବ। ସେହିପରି ଭାରତ ଯେତେବେଳେ 73ତମ ସାଧାରଣତନ୍ତ୍ର ଦିବସ ପରେଡ ଆୟୋଜନ କରିବ ସେତେବେଳେ ରାଜପଥ ଏକ ନୂଆ ରୂପ ପାଇଥିବ। ଏହି ପ୍ରକଳ୍ପ ଅଧୀନରେ ରାଜପଥ ଚାରିପାଖରେ ସବୁଜ କ୍ଷେତ୍ର ବୃଦ୍ଧି ପାଇବ ଏବଂ ସେଠାରେ ଶୌଚାଳୟ, ପାନୀୟ ଜଳ ସୁବିଧା, ପାର୍କିଂ ସ୍ଥାନ ଭଳି ସାର୍ବଜନୀନ ସୁବିଧା ରହିବ।

## କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର କର୍ମଚାରୀ ଓ ପରିବାରବର୍ଗଙ୍କ ପାଇଁ 'ଆୟୁଷ୍ମାନ ସିଏପିଏଫ'



5ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଦେଉଥିବା ବିଶ୍ୱର ସବୁଠାରୁ ବଡ ସ୍ୱାସ୍ଥ୍ୟସେବା ଯୋଜନା ଆୟୁଷ୍ମାନ ଭାରତର କଭର କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ)ର କର୍ମଚାରୀ ଏବଂ ସେମାନଙ୍କର ପରିବାରବର୍ଗଙ୍କୁ ମିଳିବ। 'ଆୟୁଷ୍ମାନ ସିଏପିଏଫ' ଯୋଜନା ମେ ପହିଲା, 2021 ସୁଦ୍ଧା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 125ତମ ଜନ୍ମବାର୍ଷିକୀରେ ଦେଶ 'ପରାକ୍ରମ ଦିବସ' ପାଳନ କରିଥିଲା। ଏହି ଅବସରରେ ଆସାମର ଗୌହାଟୀ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ଏହି ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାକୁ ଆରମ୍ଭ କରିବା ଲାଗି ଏହାଠାରୁ ଭଲ ଦିନ ଆଉ ହୋଇନପାରେ। ଏଥିସହିତ ସମସ୍ତ ସିଏପିଏଫ କର୍ମଚାରୀ ଏବଂ ସେମାନଙ୍କର ପରିବାର କେବଳ ମାତ୍ର ଏକ କାର୍ଡ ସ୍ୱାଇପ କରି 24,000 ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ।

## 5 ମାସ ଶିଶୁର ଔଷଧ ଉପରେ 6 କୋଟି ଟଙ୍କାର ଆମଦାନୀ ଶୁଳ୍କ, ଜିଏସଟି ଛାଡ଼

ବିରଳ ଆନୁବଂଶିକ ରୋଗରେ ପୀଡ଼ିତ ଏକ 5 ମାସର ଶିଶୁର ପୀଡ଼ା ପ୍ରତି ସମ୍ବେଦନଶୀଳତା ବ୍ୟକ୍ତ କରି ସରକାର ଆମଦାନୀ କରାଯାଇଥିବା ଏକ ଔଷଧ ଉପରୁ 6 କୋଟି ଟଙ୍କାର ଆମଦାନୀ ଶୁଳ୍କ ଏବଂ ଜିଏସଟି ଛାଡ଼ କରିଛନ୍ତି। ପାଞ୍ଚ ବର୍ଷୀୟା ତୀରା କାମାତ ସ୍ପାଇନାଲ ମସ୍କ୍ୟୁଲାର ଆଟ୍ରୋଫୀ (ଏସଏମଏ) ଟାଇପ 1ରେ ପୀଡ଼ିତ। ଏହି ରୋଗରେ ସମ୍ପୂର୍ଣ୍ଣ ସ୍ନାୟୁ କୋଷିକାଗୁଡ଼ିକ ଭଗ୍ନ ହୋଇଯାଇଥାଏ ଫଳରେ ମାଂସପେଶୀର ଗତିବିଧି ଉପରେ ନିୟନ୍ତ୍ରଣ ରହିନଥାଏ। ତାଙ୍କର ଚିକିତ୍ସା ପାଇଁ Zolgensma ନାମକ ଔଷଧ ବ୍ୟବହାର କରାଯାଇଥିଲା। ଆମେରିକାରୁ ଆମଦାନୀ କରାଯାଉଥିବା ଏହି ଔଷଧର ମୂଲ୍ୟ 16 କୋଟି ଥିଲା। ସାର୍ବଜନୀନ ଅର୍ଥ ସଂଗ୍ରହ ମାଧ୍ୟମରେ ପିଲାଟିର ମାତାପିତା ଅର୍ଥ ସଂଗ୍ରହ କରିଥିଲେ ଏବଂ ଔଷଧ ଆମଦାନୀ ଲାଗି ଆମଦାନୀ ଶୁଳ୍କ ଓ ଜିଏସଟି ଛାଡ଼ କରିବା ଲାଗି ସରକାରଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ଫେବୃଆରୀ 9, 2021ରେ ସରକାର ଏଥିପ୍ରତି ଦୃଷ୍ଟି ଦେବା ସହିତ ସମସ୍ତ ପ୍ରକାରର ଟିକସ ଛାଡ଼ କରିଥିଲେ।



# ଯୁବ ଲେଖକମାନଙ୍କୁ ପ୍ରଶିକ୍ଷଣ ଦେବା ଲାଗି ଜାତୀୟ ଯୋଜନାର ଶୁଭାରମ୍ଭ

2022ରେ ଭାରତ ସ୍ୱାଧୀନତାର 75 ବର୍ଷ ପୂରଣ କରିବାକୁ ଯାଉଥିବାରୁ ଯୁବ ଲେଖକମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ସରକାର ଏକ ଜାତୀୟ ଯୋଜନା ଆରମ୍ଭ କରିଛନ୍ତି। ଜାନୁଆରୀ 31, 2021ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ମନ କୀ ବାତ୍ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଏହା କେବଳ ଲେଖକମାନଙ୍କର ଏକ ପିଢ଼ି ସୃଷ୍ଟି କରିବ ନାହିଁ ବରଂ ସେମାନଙ୍କୁ ନିଜ ମାତୃଭାଷାରେ ଦକ୍ଷ ହେବା ଲାଗି ଏକ ସୁଯୋଗ ଦେବ। ଏହି ଯୋଜନା 22ଟି ଭାରତୀୟ ଭାଷାରେ ଲେଖମାନଙ୍କର ଏକ ପିଢ଼ି ସୃଷ୍ଟି କରିବାରେ ସହାୟକ ହେବ। ଯୁବ ଲେଖକମାନଙ୍କୁ ବିଭିନ୍ନ ବିଷୟ ଯେପରିକି, କାଳ୍ପନିକ, ଅକାଳ୍ପନିକ, ଭ୍ରମଣକାହାଣୀ, ସ୍ମୃତି, ନାଟକ, କବିତା ଆଦି ଲେଖିବା ଲାଗି ପରାମର୍ଶ ଦିଆଯିବ।

ଜାତୀୟ ପୁସ୍ତକ ଟ୍ରଷ୍ଟ (ଏନବିଟି) ଦୁଇଟି ପର୍ଯ୍ୟାୟରେ ଲେଖକମାନଙ୍କ ପାଇଁ ପ୍ରଶିକ୍ଷଣ ଆୟୋଜନ କରିବ। ପ୍ରଥମ ପର୍ଯ୍ୟାୟରେ ଲେଖକମାନଙ୍କ ପାଇଁ ଦୁଇ ସପ୍ତାହ ବିଶିଷ୍ଟ ଅନଲାଇନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହା ଅଧୀନରେ ପ୍ରତ୍ୟେକ ଭାଷା ବର୍ଗରେ ଯୁବ ଲେଖକମାନଙ୍କୁ ଏନବିଟିର ଦୁଇ ଜଣ ବିଶିଷ୍ଟ ଲେଖକ/ପ୍ରଶିକ୍ଷକ ପ୍ରଶିକ୍ଷଣ ପ୍ରଦାନ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଯୁବ ଲେଖକମାନଙ୍କୁ ବିଭିନ୍ନ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଯେପରିକି ସାହିତ୍ୟ ମହୋତ୍ସବ, ପୁସ୍ତକ ମେଳା, ଭର୍ଚୁଆଲ ପୁସ୍ତକ ମେଳା, ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଆଦି ଜରିଆରେ ସେମାନଙ୍କର କୌଶଳ ପ୍ରଦର୍ଶନ କରିବାର ସୁଯୋଗ ମିଳିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପରିଣାମ ଭାବେ ଯୁବ ଲେଖକମାନଙ୍କ ଦ୍ୱାରା ରଚିତ ଏକ ପୁସ୍ତକ କିମ୍ବା ପୁସ୍ତକଗୁଡ଼ିକର ଏକ ସିରିଜ ଏନବିଟି ପକ୍ଷରୁ ପ୍ରକାଶ କରାଯିବ। ଏଥିପାଇଁ ଆବେଦନ କରିବା ଲାଗି, ନିଜର ଆବେଦନପତ୍ର : director@nbtindia.gov.in କୁ ପଠାନ୍ତୁ।

## ପ୍ରାୟତଃ ଚାରି ଦଶନ୍ଧିର ପ୍ରତୀକ୍ଷା ପରେ ଜନସାଧାରଣଙ୍କ ପାଇଁ ଖୋଲିଲା ଆଲାପ୍‌ପୁଝା ବାଏପାସ୍



ପାଖାପାଖି ଚାରି ଦଶନ୍ଧିର ପ୍ରତୀକ୍ଷାର ଅନ୍ତ ଘଟିଛି। 6.8 କିମି ଏବଂ ଦୁଇ ଲେନ ବିଶିଷ୍ଟ ଆଲାପ୍‌ପୁଝା ବାଏପାସ୍ ସର୍ବସାଧାରଣଙ୍କ ପାଇଁ ଜାନୁଆରୀ 28, 2021ରେ ଖୋଲିଛି। ଏହି ପ୍ରକଳ୍ପ 348 କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଏହା କୋମ୍ମାଡୀକୁ କାଲାରକୋଡ ସହିତ ଯୋଡ଼ିବ। ଏହି ବାଏପାସ ଥିରୁଅନନ୍ତପୁରମ-ଏର୍ଣ୍ଣାକୁଲମ୍ ସଡ଼କରେ ଟ୍ରାଫିକ ଭିଡ଼କୁ ଦୂର କରିବା ସହିତ ଯାତ୍ରୀଙ୍କ ପାଇଁ ସୁଗମ ବ୍ୟବସ୍ଥା ଯୋଗାଇ ଦେବ। ଏହି ପ୍ରକଳ୍ପ ଲାଗି 1980ରେ ଶିଳାନ୍ୟାସ କରାଯାଇଥିଲା। କିନ୍ତୁ ବିଭିନ୍ନ ପ୍ରକାରର ବାଧା କାରଣରୁ ପ୍ରକଳ୍ପ ବିଳମ୍ବିତ ହୋଇଥିଲା। ଏହି ବାଏପାସରୁ ଆରବ ସାଗର ଦେଖାଯାଉଥିବାରୁ ଏହା ଉପର ଦେଇ ଯାତ୍ରା କରିବା ଯାତ୍ରୀମାନଙ୍କୁ ଏକ ସୁଖଦ ଅନୁଭବ ପ୍ରଦାନ କରିବ। 6.8 କିମି ରାଜପଥ ମଧ୍ୟରୁ 3.2 କିମି ସଡ଼କ ଉଚ୍ଚକୁ ଉଠିଥିବା ପରି ନିର୍ମାଣ କରାଯାଇଛି। ଏଥିରେ ଏକ ଫ୍ଲାଏଓଭର ମଧ୍ୟ ସାମିଲ ରହିଛି ଯାହା ଆଲାପ୍‌ପୁଝା ଉପକୂଳ ସହିତ ସମାନ୍ତରାଳ ଭାବେ ଗତି କରିଛି। ଏହି ଭାଗରେ ହିଁ ଯାତ୍ରୀମାନେ ସମୁଦ୍ରର ଚମତ୍କାରୀ ଦୃଶ୍ୟ ଦେଖିପାରିବେ।

## 2030 ସୁଦ୍ଧା ଭାରତ ହେବ ତୃତୀୟ ବୃହତମ ଶକ୍ତି ଉପଯୋଗକାରୀ




2030 ସୁଦ୍ଧା ଭାରତ ୟୁରୋପୀୟ ସଂଘକୁ ପଛରେ ପକାଇ ଦୁନିଆର ତୃତୀୟ ବୃହତମ ଶକ୍ତି ଉପଯୋଗକାରୀରେ ପରିଣତ ହେବ। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ପକ୍ଷରୁ ଏହାର ଏନର୍ଜି ଆଉଟଲୁକ 2021ରେ ଏପରି ଆକଳନ କରାଯାଇଛି। ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଶକ୍ତି ଚାହିଦାରେ ଭାରତର ଭାଗ ବୃଦ୍ଧି ପାଇବାକୁ ଯାଉଛି। ଏହି ରିପୋର୍ଟରେ ମଧ୍ୟ କୁହାଯାଇଛି ଯେ ଭାରତରେ ସୌର ଶକ୍ତି କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଦେଖିବାକୁ ମିଳିବ। ବର୍ତ୍ତମାନ ଭାରତର ମୋଟ ଶକ୍ତି ଉତ୍ପାଦନରେ ସୌର ଶକ୍ତିର ଭାଗ 4 ପ୍ରତିଶତ ରହିଛି। କିନ୍ତୁ 2040 ସୁଦ୍ଧା ଏହା 18 ପ୍ରତିଶତକୁ ବୃଦ୍ଧି ପାଇବ। କୋଭିଡ-19 ମହାମାରୀ ପୂର୍ବରୁ ଭାରତର ଶକ୍ତି ଚାହିଦା 2019 ଏବଂ 2030 ମଧ୍ୟରେ ପାଖାପାଖି 50 ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଉପରୋକ୍ତ ଅବଧି ମଧ୍ୟରେ ଭାରତର ଶକ୍ତି ଚାହିଦା ପାଖାପାଖି 35 ପ୍ରତିଶତ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି। ଏହା ଆହୁରି ମଧ୍ୟ କୁହାଯାଇଛି ଯେ ଅନ୍ୟ କୌଣସି ରାଷ୍ଟ୍ର ତୁଳନାରେ ଭାରତର ଶକ୍ତି ଚାହିଦା ସର୍ବାଧିକ ବୃଦ୍ଧି ପାଇବ।

# ନାରୀଙ୍କ ସଫଳତାକୁ ସମ୍ମାନ

ଜଣେ ଦୃଢ଼ ଓ ସଶକ୍ତ ମହିଳା ଏକ ଶକ୍ତି ଭାବେ ପରିଗଣିତ ହୋଇଥା'ନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆମେ ଏହିପରି କେତେଜଣ ଦୃଢ଼ ମହିଳାଙ୍କୁ ସମ୍ମାନ ଜଣାଉଛୁ ଯେଉଁମାନେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ଇତିହାସ ସୃଷ୍ଟି କରିଛନ୍ତି...



ପ୍ରତ୍ୟେକ ବର୍ଷ, ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନ ମହିଳାମାନଙ୍କର ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ରାଜନୈତିକ ସଫଳତାକୁ ପାଳନ କରିବାର ଅବସର ଆଣିଥାଏ। ମହିଳା ଦିବସ ପାଇଁ ଚଳିତ ବର୍ଷର ବିଷୟବସ୍ତୁ ରହିଛି #ChooseToChallenge (ଆହ୍ୱାନକୁ ଗ୍ରହଣ କରିବା)। ଏହା ପଛରେ ଥିବା ଉଦ୍ଦେଶ୍ୟ ହେଉଛି ଏକ ଲିଙ୍ଗ ସମାନତା ଥିବା ବିଶ୍ୱ ଗଠନ କରିବା। ଚଳିତ ବର୍ଷର ବିଷୟବସ୍ତୁ ଅନୁରୂପ ଆମେ ସଫଳ ମହିଳାମାନଙ୍କର ଉପଲବ୍ଧିକୁ ପାଳନ କରୁଛୁ। ସମାନ ସୁଯୋଗ ଦିଆଗଲେ ମହିଳାମାନେ ମଧ ଉପରକୁ ଉଠିପାରିବେ, ଏହା ଦର୍ଶାଇବା ଆମର ଉଦ୍ଦେଶ୍ୟ।



## କର୍ଣ୍ଣେଲିଆ ସୋରାବଜୀ

ସେ ଥିଲେ ଭାରତର ପ୍ରଥମ ମହିଳା ଓକିଲ। ବମ୍ବେ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀ ଡିଗ୍ରୀ ହାସଲ କରିବା ପରେ ଉଚ୍ଚ ଶିକ୍ଷା ପାଇଁ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ। ସେ ସ୍ନାତକ ହାସଲ କରିପାରିନଥିଲେ କାରଣ ସେତେବେଳେ ମହିଳାମାନଙ୍କୁ ଡିଗ୍ରୀ ସମ୍ମାନ ଦିଆଯାଉନଥିଲା। ୧୮୯୪ରେ ସେ ଭାରତ ଫେରି ଆସିଥିଲେ ଏବଂ ଦୀର୍ଘଦିନର ସଂଘର୍ଷ ପରେ ସେ ପୁରୁଦା ମହିଳାମାନଙ୍କ ପାଇଁ ଆଇନ ପରାମର୍ଶଦାତା ହେଲେ। ମହିଳାମାନଙ୍କୁ ପାଠପଢ଼ା ପାଇଁ ସୁଯୋଗ ଦିଆଯାଉନଥିବା ସମୟରେ ସେ ଲିଙ୍ଗ ବୈଷମ୍ୟ ବିରୋଧରେ ଲଢ଼େଇ କରିଥିଲେ ଏବଂ ଆଇନ ଅଭ୍ୟାସ ଜାରି ରଖିଥିଲେ।



## ଆନନ୍ଦ ଗୋପାଳ ଜୋଶୀ

ସେ ଥିଲେ ଭାରତର ପ୍ରଥମ ମହିଳା ଡାକ୍ତର। ଏକ ବ୍ୟକ୍ତିଗତ ଦୁଃଖ ତାଙ୍କ ମନରେ ଡାକ୍ତରୀ ପାଠପଢ଼ା ପାଇଁ ଆଗ୍ରହ ଜନ୍ମାଇଥିଲା। ଉପଯୁକ୍ତ ଚିକିତ୍ସା ନପାଇବା କାରଣରୁ ତାଙ୍କର 10 ମାସର ପୁଅ ପ୍ରାଣ ହରାଇଥିଲା। ଏହାପରେ ସେ ସେ ଡାକ୍ତର ହେବା ଏବଂ ଅନ୍ୟ ମହିଳାମାନଙ୍କୁ ଏପରି ଦୁର୍ଭାଗ୍ୟରୁ ବଞ୍ଚାଇବା ଲାଗି ସଂକଳ୍ପ ନେଲେ। ସେ ପାଠପଢ଼ିବା ଲାଗି ଆମେରିକା ଗଲେ ଏବଂ ସେଠାରେ ୧୮୮୬ରେ ଭେଷଜ ଚିକିତ୍ସାରେ ଏମଡି ପାଠ୍ୟକ୍ରମ ଶେଷ କଲେ। ଯେଉଁ ସମୟରେ ମହିଳାମାନେ ଘରକୁ ପଦାକୁ ଗୋଡ଼ କାଢ଼ି ପାରୁନଥିଲେ ସେତେବେଳେ ଏକାକୀ ଯାଇ ବିଦେଶରେ ପାଠପଢ଼ି ଡାକ୍ତର ହେବା ଫଳରେ ସେ ଏକ ଅଭୂତପୂର୍ବ ଉଦାହରଣ ସୃଷ୍ଟି କରିଥିଲେ ଏବଂ ପରବର୍ତ୍ତୀ ଅନେକ ପିଢ଼ିର ମହିଳାଙ୍କ ପାଇଁ ଏକ ପ୍ରେରଣା ସାଜିଥିଲେ।



## ଏ. ଲଳିତା

ଖୁବ୍ ଅଳ୍ପ ବୟସରେ ବିଧବା ହେବାର ଦୁଃଖ ଭୋଗିଥିବା ଜଣେ ଏକାକିନୀ ମାତା ରୂଢ଼ିବାଦୀ ପରମ୍ପରାକୁ ଭଙ୍ଗ କରି ଭାରତର ପ୍ରଥମ ମହିଳା ଇଲେକ୍ଟ୍ରିକାଲ ଇଞ୍ଜିନିୟର ହୋଇପାରିଥିଲେ। ପିଲାଦିନୁ ତାଙ୍କର ବିଜ୍ଞାନ ପ୍ରତି ଆଗ୍ରହ ରହିଥିଲା। ତାଙ୍କ ସ୍ୱାମୀଙ୍କର ଦେହାନ୍ତ ପରେ ବିଭିନ୍ନ ମହଲରୁ ବିରୋଧ ସତ୍ତ୍ୱେ ସେ ଇଞ୍ଜିନିୟରିଂ ପଢ଼ିବା ଲାଗି ମନସ୍ଥ କଲେ। ସେ 'ଅନ୍ତର୍ଜାତୀୟ ମହିଳା ଇଞ୍ଜିନିଅର ଓ ବୈଜ୍ଞାନିକମାନଙ୍କର ସମ୍ମିଳନୀ 1964'ରେ ଭାରତର ପ୍ରତିନିଧିତ୍ୱ କରିଥିଲେ।



## ଆନ୍ନା ଚାଣ୍ଡୀ

ଭାରତର ପ୍ରଥମ ମହିଳା ବିଚାରପତି ପରବର୍ତ୍ତୀ ସମୟରେ ଦେଶର ପ୍ରଥମ ମହିଳା ହାଇକୋର୍ଟ ବିଚାରପତି ହୋଇପାରିଥିଲେ। ସମସ୍ତ ପ୍ରକାରର ବାଧାବିଘ୍ନ ଏବଂ ଲିଙ୍ଗଗତ ବୈଷମ୍ୟକୁ ଏଡ଼ାଇ ସେ 1926ରେ ଆଇନରେ ନିଜର ସ୍ନାତୋକୋତ୍ତର ଶିକ୍ଷା ସମ୍ପୂର୍ଣ୍ଣ କରିଥିଲେ। 1937ରେ ସେ ତ୍ରାଭାଙ୍କୋରର ମୁନସିଫ ଭାବେ ନିଯୁକ୍ତି ପାଇଥିଲେ ଯାହାଫଳରେ ସେ ଦେଶର ପ୍ରଥମ ମହିଳା ବିଚାରପତି ହୋଇପାରିଥିଲେ। କେରଳ ହାଇକୋର୍ଟରେ 1959ରେ ତାଙ୍କର ନିଯୁକ୍ତି ପରେ ସେ ଭାରତର ପ୍ରଥମ ମହିଳା ହାଇକୋର୍ଟ ବିଚାରପତି ହୋଇପାରିଥିଲେ।



## ଡ. ମୁଥୁଲକ୍ଷ୍ମୀ ରେଡ୍ଡୀ

ସେ ଭାରତର ପ୍ରଥମ ମହିଳା ବିଧାୟିକା। 1926ରେ ସେ ମାଡ୍ରାସ ବିଧାନ ପରିଷଦରେ ନିଯୁକ୍ତି ପାଇଥିଲେ। ସେ ମଧ 1912ରେ ସ୍ନାତକ ହାସଲ କରିଥିବା ପ୍ରଥମ ଭାରତୀୟ ମହିଳା ଡାକ୍ତରୀ ଛାତ୍ର ଥିଲେ। ସେ ଡ. ଆନି ବେସାନ୍ତ ଏବଂ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲେ ଏବଂ ମହିଳାମାନଙ୍କର କଲ୍ୟାଣ ଲାଗି ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ସର୍ବସାଧାରଣ ସ୍ଥାନରେ ମହିଳାମାନେ ଦେଖିବାକୁ ମିଳିବା କିମ୍ବା ସେମାନଙ୍କ କଥା ଶୁଣାଯିବା ବିରଳ ହୋଇଥିବା ସମୟରେ ସେ ମହିଳାମାନଙ୍କର ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ।



## ପ୍ରୀୟା ଝିଙ୍ଗାନ

ସେ ହେଉଛନ୍ତି କ୍ୟାଡେଟ 001। ସେପ୍ଟେମ୍ବର 1992ରେ ଭାରତୀୟ ସ୍ଥଳ ସେନାରେ ଯୋଗ ଦେବାରେ ସେ ହେଉଛନ୍ତି ପ୍ରଥମ ମହିଳା କ୍ୟାଡେଟ। ଭାରତୀୟ ସେନା ମହିଳାମାନଙ୍କ ପାଇଁ ନିଜର ଦ୍ୱାର ଖୋଲିବା ପରେ ଝିଙ୍ଗାନ ଓ ଅନ୍ୟ 24 ଜଣ ମହିଳା ପ୍ରଥମ ଥର ପାଇଁ ସେନାରେ ସାମିଲ ହୋଇଥିଲେ। ଆଇନରେ ଶିକ୍ଷା ଲାଭ କରିଥିବାରୁ ତାଙ୍କୁ ବିଚାରପତି ଆଡଭୋକେଟ ଜେନେରାଲ ଭାବେ ନିଯୁକ୍ତି ଦିଆଯାଇଥିଲା। ଦଶ ବର୍ଷ ପର୍ଯ୍ୟନ୍ତ ସେ ଭାରତୀୟ ସେନାରେ ସେବା କରିଥିଲେ। 2002ରେ ସେ ମେଜର ପଦବୀର ଅବସର ଗ୍ରହଣ କରିଥିଲେ। 2018ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ସରଳା ଠକରାଲ

ସେ ଥିଲେ ଭାରତର ପ୍ରଥମ ମହିଳା ପାଇଲଟ। 1936ରେ ସେ 21 ବର୍ଷ ବୟସରେ ନିଜର ପାଇଲଟ ଲାଇସେନ୍ସ ପାଇବା ସହିତ ଏକ ଜିପ୍ସି ମୋଥ ସୋଲୋ ବିମାନ ଉଡ଼ାଇଥିଲେ। ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି ସେତେବେଳେ 4 ବର୍ଷୀୟ ସନ୍ତାନର ଜନନୀ ଥିବା ସରଳା ଶାଢ଼ି ପିନ୍ଧି ଏହା କରିପାରିଥିଲେ! 1000 ଘଣ୍ଟା ବିମାନ ଉଡ଼ାଇବା ପରେ ଭାରତର ପ୍ରଥମ ମହିଳା ଭାବେ ତାଙ୍କୁ 'ଏ' ଲାଇସେନ୍ସ ମିଳିଥିଲା। ଠକରାଲ ଅନ୍ୟ ମହିଳାମାନଙ୍କୁ ତାଙ୍କର ପଦାଙ୍କ ଅନୁସରଣ କରିବା ଲାଗି ଅନୁପ୍ରାଣିତ କରିପାରିଥିଲେ।



## ଆନ୍ନା ରାଜମ ମଲହୋତ୍ରା

ସେ ଥିଲେ ଭାରତର ପ୍ରଥମ ମହିଳା ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଅଧିକାରୀ। ମାଲହୋତ୍ରା 1951ରେ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। କିନ୍ତୁ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ସୁଦ୍ଧା ତାଙ୍କୁ ଆଇଏଏସ ପଦବୀ ପାଇବା ଲାଗି ସଂଘର୍ଷ କରିବାକୁ ପଡ଼ିଥିଲା। ତେବେ ତାଙ୍କର ପ୍ରୟାସ ନିଷ୍ଫଳ ହୋଇନଥିଲା ଏବଂ ସେ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିଲେ, ଏହା କରିବାରେ ଥିଲେ ସେ ପ୍ରଥମ ମହିଳା। ଅନ୍ୟ ମହିଳାମାନଙ୍କୁ ତାଙ୍କର ପଦାଙ୍କ ଅନୁସରଣ କରିବା ଲାଗି ସେ ଅନୁପ୍ରାଣିତ କରିପାରିଥିଲେ। ତାଙ୍କୁ ପଦ୍ମଭୂଷଣ ଉପାଧିରେ ଭୂଷିତ କରାଯାଇଥିଲା।

# ଗତ ୭ ବର୍ଷ ମଧ୍ୟରେ ତାମିଲନାଡୁ ପାଇଁ ୫୦ ହଜାର କୋଟି ଟଙ୍କାର ତୈଳ ଓ ଗ୍ୟାସ୍ ପ୍ରକଳ୍ପ ଅନୁମୋଦିତ

**୨୦୨୧-୨୨ କେନ୍ଦ୍ର ବଜେଟରେ ଉପକୂଳ ଅଞ୍ଚଳର ବିକାଶ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି । ଏହି କାମକୁ ଆଗକୁ ବଢାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇତିମଧ୍ୟରେ ତାମିଲନାଡୁ ଓ କେରଳ ଗସ୍ତ କରି ଅନେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଗତ ୭ ବର୍ଷ ମଧ୍ୟରେ ୫୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ତୈଳ ଓ ଗ୍ୟାସ୍ ପ୍ରକଳ୍ପ ତାମିଲନାଡୁରେ କାର୍ଯ୍ୟକାରୀ କରିବାକୁ ସରକାର ଅନୁମୋଦନ ଦେଇଛନ୍ତି ।**

ତାମିଲନାଡୁ ଓ କେରଳରେ ପର୍ଯ୍ୟଟନ, ସଂସ୍କୃତି ସମେତ ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବାକୁ ଅଙ୍ଗୀକୃତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃୟାରୀ ୧୪ ତାରିଖରେ ଏହି ଦୁଇ ରାଜ୍ୟ ପାଇଁ ଉଦ୍ଦିଷ୍ଟ କେତେକ ପ୍ରକଳ୍ପର ଉଦ୍ଘାଟନ କରିବା ସହିତ ଆଉ କେତେକର ଶିଳାନ୍ୟାସ କରିଛନ୍ତି ।

### ତାମିଲନାଡୁ ପାଇଁ ଉଦ୍ଦିଷ୍ଟ ନୂଆ ପ୍ରକଳ୍ପ:

- ଚେନ୍ନଇ ମେଟ୍ରୋ ରେଲ ଫେଜ-୧ ଉଦ୍‌ଘାଟିତ ।
- ରାମନାଥପୁରମ୍‌ରୁ ଟୁଟିକୋରିନ ପର୍ଯ୍ୟନ୍ତ ୧୪୩ କିମି ଲମ୍ବ ପ୍ରାକୃତିକ ଗ୍ୟାସ୍ ପାଇପ ଲାଇନ ଆରମ୍ଭ । ଏହି ପ୍ରକଳ୍ପ ପାଇଁ ମୋଟ ୪୫୦୦ କୋଟି ଟଙ୍କା ବ୍ୟୟ ହେବ ।
- ୱାଶରମେନପେଟରୁ ୱିନକୋନଗର ପର୍ଯ୍ୟନ୍ତ ମେଟ୍ରୋ ଲାଇନ ଉଦ୍‌ଘାଟିତ । ଏହାଦ୍ୱାରା ଉତ୍ତର ଚେନ୍ନଇ ସହ ବିମାନ ବନ୍ଦର ଓ ସେଣ୍ଟ୍ରାଲ ରେଲୱେ ଷ୍ଟେସନକୁ ସଂଯୋଗ ସୁବିଧା ସୁଗମ ହୋଇପାରିଛି।
- ବିଲ୍ଲୁପୁରମ-କୁଡାଲୋର, ମଇଲାଡୁତୁରାଇ-ତାଞ୍ଜାଭୁର ଏବଂ ମଇଲାଡୁତୁରାଇ-ତିରୁବାରୁର ସିଙ୍ଗଲ ରେଳଲାଇନର ବିଦ୍ୟୁତ୍‌କରଣ କାର୍ଯ୍ୟ ଉଦ୍‌ଘାଟିତ ।
- ୬୩୬ କିମି ଲମ୍ବ ଗ୍ରାଣ୍ଡ ଆନିକଟ କେନାଲ ବ୍ୟବସ୍ଥାର ଆଧୁନିକୀକରଣ କାର୍ଯ୍ୟର ଶିଳାନ୍ୟାସ ।
- ଆଇଆଇଟି ମାଡ୍ରାସର ଡିସ୍କଭରି କ୍ୟାମ୍ପସର ଶିଳାନ୍ୟାସ ।

### ଅର୍ଜୁନ: ସ୍ୱଦେଶୀ ଡିଜାଇନରେ ନିର୍ମିତ ଲଢୁଆ ଟ୍ୟାଙ୍କ

ପ୍ରଧାନମନ୍ତ୍ରୀ ଦେଶର ପ୍ରମୁଖ ଲଢୁଆ ଟ୍ୟାଙ୍କ ଅର୍ଜୁନ ମାର୍କ-ଏ୧କୁ ସେନାକୁ ଆନୁଷ୍ଠାନିକଭାବେ ହସ୍ତାନ୍ତରିତ କରିଛନ୍ତି । ଏହି ଟ୍ୟାଙ୍କର ଡିଜାଇନ ଭାରତରେ ତିଆରି କରାଯାଇଛି । ଆତ୍ମନିର୍ଭର ଭାରତ କ୍ଷେତ୍ରରେ ଏହା ଏକ ଉଚିତ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।




> ତାମିଲନାଡୁର ସଂସ୍କୃତିର ସୁରକ୍ଷା ସହିତ ଏହାକୁ ପାଳନ କରିବା ଦିଗରେ କାର୍ଯ୍ୟ କରିବା ଆମ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ।
>
> **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

### କେରଳ ପାଇଁ ନୂଆ ପ୍ରକଳ୍ପ:

- ବିପିସିଏଲ୍‌ର କୋଚି ରିଫାଇନାରୀ ନିକଟରେ ୬୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ରପିଲିନ ଡେରିଭେଟିଭସ ପେଟ୍ରୋ କେମିକାଲ୍ସ ଉଦ୍‌ଘାଟିତ । ଏହାଦ୍ୱାରା ଦେଶର ୪୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବୈଦେଶିକ ମୁଦ୍ରା ବଞ୍ଚିବ ।
- କୋଚିର ୱିଲଙ୍ଗଡନ ଦ୍ୱୀପରେ ରୋ-ରୋ ଭେସଲ ସେବା ଉଦ୍ଘାଟିତ ।
- କୋଚିରେ ୨୫.୭୨ କୋଟି ଟଙ୍କାରେ ନିର୍ମିତ ଆନ୍ତର୍ଜାତିକ କ୍ରୁଜ ଟର୍ମିନାଲ୍ସ ସାଗରିକା ଉଦ୍‌ଘାଟିତ । ଏହା ପର୍ଯ୍ୟଟନ, ନିଯୁକ୍ତି ଓ ବୈଦେଶିକ ବିନିମୟ ମୁଦ୍ରା ଅର୍ଜନରେ ସହାୟକ ହେବ ।
- କୋଚି ସିପ୍‌ୟାର୍ଡ ଲିମିଟେଡର ମେରାଇନ ଇଂଜିନିୟରିଂ ତାଲିମ ପ୍ରତିଷ୍ଠାନ ବିଜ୍ଞାନ ସାଗର ଉଦ୍‌ଘାଟିତ । ୨୭.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରତିଷ୍ଠାନ ମେରାଇନ ଇଂଜିନିୟରିଂ କ୍ଷେତ୍ରରେ ଦେଶର ପ୍ରଥମ । ଏଥିରେ ୧୧୪ ଜଣ ଛାତ୍ରଛାତ୍ରୀ ସ୍ନାତକ ଶିକ୍ଷା ଗ୍ରହଣ କରିବାର ବ୍ୟବସ୍ଥା ରହିଛି ।
- ସାଉଥ୍ କୋଲ ବର୍ଥର ପୁନଃନିର୍ମାଣର ଶିଳାନ୍ୟାସ । ଏହାଦ୍ୱାରା ସାମଗ୍ରୀ ପରିବହନ ଖର୍ଚ୍ଚ କମିବ । ■

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

# ଅସଂଗଠିତ କ୍ଷେତ୍ରର କର୍ମଚାରୀଙ୍କ ପାଇଁ ପେନସନ ବ୍ୟବସ୍ଥା

ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ କର୍ମଠ ବ୍ୟକ୍ତି ତାର ସାମର୍ଥ୍ୟ ଥିବା ପର୍ଯ୍ୟନ୍ତ ରୋଜଗାର କରିଥାଏ । ତେବେ ବୁଢାକାଳରେ ଏହି ପରିଶ୍ରମୀ ମଣିଷଙ୍କ ଦୁର୍ବଳ ଶରୀର ବିଶ୍ରାମ ଓ ସହାୟତା ଖୋଜେ । ସଂଗଠିତ କ୍ଷେତ୍ରରେ ଅଧିକାଂଶ ଶ୍ରମିକଙ୍କ ପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା ସୁନିଶ୍ଚିତ କରାଯାଇଥିବାବେଳେ ଅସଂଗଠିତ କ୍ଷେତ୍ରରେ ଏହି ସୁବିଧା ନାହିଁ । ଅତଏବ ସେମାନେ ବୁଢାକାଳରେ ଦିଗହୀନ ହୋଇ ନିରାଶ୍ରୟ ଜୀବନଯାପନ କରନ୍ତି । ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ଏଥିପାଇଁ ଦୁଇବର୍ଷ ତଳେ ଆରମ୍ଭ କରାଯାଇଛି । ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କୁ ଆର୍ଥିକ ନିରାପତ୍ତା ଯୋଗାଇ ଦେବା ଏହି ଯୋଜନାର ଲକ୍ଷ୍ୟ ।







ଏକ ନିର୍ଦ୍ଦିଷ୍ଟ ବୟସ ଅତିକ୍ରାନ୍ତ ହେବାପରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ଦୈନିକ ଗୁଜୁରାଣ ମେଣ୍ଟାଇବା ଦୁର୍ବିସହ ହୋଇପଡେ । ଅତଏବ ଏହି କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ ସହାୟତା ଯୋଗାଇ ଦେବା ସହିତ ସେମାନଙ୍କର ଆର୍ଥିକ ଅନାଟନ ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ୍ ଯୋଜନା ୨୦୧୯ ମାର୍ଚ୍ଚ ୫ ତାରିଖରେ ଗୁଜରାଟର ବସ୍ତ୍ରାଳଠାରେ ଘୋଷଣା କରିଥିଲେ । ଏହା ଏକ ପେନସନ ଯୋଜନା, ଯାହା ୪୨ କୋଟି ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ । ବାର୍ଦ୍ଧକ୍ୟରେ ଉପନୀତ ହେଲେ ଏହି କ୍ଷେତ୍ରର ଲୋକମାନଙ୍କୁ ଆର୍ଥିକ ଓ ସାମାଜିକ ନିରାପତ୍ତା ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ ।

> ଦେଶର ପ୍ରତ୍ୟେକ ପରିବାର ନିଜ ନିଜର ଘରୋଇ ସହାୟକଙ୍କୁ ଏହି ଯୋଜନାର ଅନ୍ତର୍ଭୁକ୍ତ ହେବାକୁ ସାହାଯ୍ୟ ସହଯୋଗ କରିବାକୁ ମୁଁ ଅନୁରୋଧ କରୁଛି। ସମାଜର ସମ୍ବଳବାନ ବର୍ଗଙ୍କ ଏହି ସହାୟତା ଫଳରେ ଗରିବ ଲୋକମାନେ ବିଶେଷ ଉପକୃତ ହେବେ । ଯେଉଁମାନେ ଆପଣଙ୍କ ସେବା କରୁଛନ୍ତି ସେମାନଙ୍କୁ ଆପଣଙ୍କର ସହଯୋଗ ଦେଶକୁ ଅଧିକ ମଜଭୁତ କରିବ ।
>
> ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



ଦେଶର ମୋଟ ଶ୍ରମଶକ୍ତିର ୮୫ ଶତାଂଶ ଶ୍ରମିକ ଅସଂଗଠିତ କ୍ଷେତ୍ରର । ଦେଶର ଜିଡିପିକୁ ଏମାନଙ୍କର ଅବଦାନ ପ୍ରାୟ ୫୦ ଶତାଂଶ । ଘରୋଇ ଶ୍ରମିକ, ଗୃହଭିତ୍ତିକ ଶ୍ରମିକ, ଘରୋଇ ପାଇଟି କରୁଥିବା ଲୋକ, କୃଷି ଶ୍ରମିକ, ଭୂମିହୀନ ଶ୍ରମିକ, ରିକ୍ସାବାଲା, ଷ୍ଟ୍ରିଟଭେଣ୍ଡର, ବୋଝିଆ, ଇଟାଭାଟି ଶ୍ରମିକ, ମୋଚି, ଆବର୍ଜନା ଗୋଟାଳି, ରଜକ, ନିର୍ମାଣ ଶ୍ରମିକ, ବିଡି ଶ୍ରମିକ, ହସ୍ତତନ୍ତ ଶ୍ରମିକ, ଚମଡା ଶ୍ରମିକ, ଦୃଶ୍ୟଶ୍ରାବ୍ୟ ଶ୍ରମିକ ଏବଂ ଏଭଳି ଅନ୍ୟ ଧନ୍ଦାରେ କାର୍ଯ୍ୟରତ ଶ୍ରମିକମାନେ ଏହି ଅସଂଗଠିତ ବର୍ଗର । ସେମାନଙ୍କୁ ଶ୍ରମଜୀବି ଆଖ୍ୟା ଦେଇ ପ୍ରଧାନମନ୍ତ୍ରୀ ସମ୍ମାନିତ କରିଛନ୍ତି ।


- ଯେଉଁ ଅସଂଗଠିତ ଶ୍ରମିକଙ୍କ ମାସିକ ଦରମା ବା ଆୟ ୧୫ ହଜାର ଟଙ୍କାରୁ କମ୍ ସେମାନେ ଏହି ଯୋଜନାର ଅନ୍ତର୍ଭୁକ୍ତ ହୋଇପାରିବେ । ସେମାନଙ୍କର ବ୍ୟାଙ୍କଖାତା ଏବଂ ଆଧାର ନମ୍ବର ଥିବା ଆବଶ୍ୟକ ।
- ଏହି ଯୋଜନାରେ ସାମିଲ ହେବା ପାଇଁ ସର୍ବନିମ୍ନ ବୟସ ସୀମା ୧୮ ବର୍ଷ ଏବଂ ସର୍ବାଧିକ ବୟସ ୪୦ ବର୍ଷ । ଏହା ଏକ ସ୍ୱେଚ୍ଛାକୃତ ଏବଂ ଅଂଶଦାନଭିତ୍ତିକ ଯୋଜନା ।
- ୬୦ ବର୍ଷ ବୟସରେ ପଦାର୍ପଣ କରିବା ପରେ ଯୋଜନାରେ ଅନ୍ତର୍ଭୁକ୍ତ ଶ୍ରମିକମାନଙ୍କୁ ମାସିକ ସର୍ବନିମ୍ନ ୩୦୦୦ ଟଙ୍କା ପେନସନ ଦେବାର ବ୍ୟବସ୍ଥା ହୋଇଛି ।
- ଏହି ଯୋଜନାରେ ପଞ୍ଜୀକୃତ ହେବା ପାଇଁ ଆଧାର ନମ୍ବର ଓ ବ୍ୟାଙ୍କଖାତା ତଥ୍ୟ ଦେଇ ଫର୍ମ ପୂରଣ କରିବାକୁ ପଡିବ । କମ୍ୟୁନିଟି ସର୍ଭିସ ସେଣ୍ଟରରେ ଏ ବାବଦ ଫର୍ମ ପୂରଣ ପାଇଁ ଯେଉଁ ଖର୍ଚ୍ଚ ପଡିବ ତାହା ସରକାର ବହନ କରିବେ ।
- ସଂପୃକ୍ତ ହିତାଧିକାରୀଙ୍କୁ ପ୍ରତିମାସରେ ତାଙ୍କ ଅଂଶ ବାବଦରେ ନିୟମିତ ବ୍ୟୟ ଦେବାକୁ ହେବ । ବୟସ ଅନୁସାରେ ଏହି ଦେୟ ପରିମାଣ ମାସିକ ୫୫ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ।
- ଏହି ଯୋଜନାରେ ଉଭୟ ହିତାଧିକାରୀ ଓ ସରକାର ୫୦:୫୦ ଅନୁପାତରେ ଅର୍ଥ ଭରିବେ । କେନ୍ଦ୍ର ସରକାରଙ୍କ ଅଂଶ ହିତାଧିକାରୀଙ୍କ ପେନସନ ଆକାଉଣ୍ଟକୁ ସିଧାସଳଖ ଯିବ ।
- ସଂପୃକ୍ତ ହିତାଧିକାରୀଙ୍କର ଯଦି ମୃତ୍ୟୁ ଘଟେ ତାଙ୍କର ସ୍ୱାମୀ କିମ୍ବା ସ୍ତ୍ରୀ ୫୦ ଭାଗ ପେନସନ ପାଇବେ ।
- ଏହି ଯୋଜନା ପାଇଁ ହିତାଧିକାରୀ ଯେଉଁ ଅଂଶ ଦେବେ ତାହା ତାଙ୍କ ବ୍ୟାଙ୍କ ଆକାଉଣ୍ଟ ବା ଜନଧନ ଖାତାରୁ ଅଟୋ ଡେବିଟ ବ୍ୟବସ୍ଥାରେ ଆଦାୟ କରାଯିବ ।
- ଏହି ଯୋଜନାରୁ ଜଣେ ଚାହିଁଲେ ସହଜରେ ଓହରି ଯାଇପାରିବ । ଓହରିଯିବା ପରେ ତାଙ୍କର ଜମାଟଙ୍କା ତାଙ୍କ ଆକାଉଣ୍ଟକୁ ଫେରିଯିବାର ବ୍ୟବସ୍ଥା ରହିଛି ।
- ପିଏମ୍ଏସ୍ୱାଇଏମ୍ ଏକ କେନ୍ଦ୍ରୀୟ ଯୋଜନା ଏବଂ ଏହାକୁ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଏଲଆଇସି ଏବଂ ସିଏସ୍‌ଇ ମାଧ୍ୟମରେ କାର୍ଯ୍ୟକାରୀ କରୁଛି ।
- ଏଥିରେ ଏଲଆଇସି ପେନସନ ଫଣ୍ଡ ମ୍ୟାନେଜରଭାବେ କାର୍ଯ୍ୟ କରୁଛି ଏବଂ ଏହା ଉପରେ ପେନସନ ପ୍ରଦାନ ଦାୟିତ୍ୱ ରହିଛି । ଏହି ଯୋଜନାରେ ହିତାଧିକାରୀଙ୍କଠାରୁ ଆଦାୟ ହେଉଥିବା ଅର୍ଥକୁ ସରକାରୀ ନିୟମ ଅନୁସାରେ ବିଭିନ୍ନ ଲାଭଜନକ କ୍ଷେତ୍ରରେ ନିୟୋଜିତ କରାଯାଉଛି । ■

**ଏହି ଯୋଜନା ଦେଶର ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି । ଦେଶର ୩,୫୨,୫୯୮ କମ୍ୟୁନିଟି ସେବା କେନ୍ଦ୍ରରେ ଏଥିପାଇଁ ନାମ ପଞ୍ଜୀକରଣ କରାଯାଉଛି ।**

**୪୪,୮୮,୬୭୬ ଜଣ ଏହି ଯୋଜନାରେ ସାମିଲ ହୋଇଛନ୍ତି ।**

# ସମାଜର ଆବଶ୍ୟକତା ପାଇଁ ଆଇନ ତିଆରି ହୋଇଛି, ଏହା ମୁଷ୍ଟିମେୟ କୁହାଳିଆଙ୍କ ପାଇଁ ନୁହେଁ

**ସରକାର ସମୟର ଆବଶ୍ୟକତା ଦେଖି ଆଇନ ତିଆରି କରନ୍ତି । ଏକ ପ୍ରଗତିଶୀଳ ସମାଜର ଆବଶ୍ୟକତା ଦେଖି ଏହା ତିଆରି ହୋଇଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ କୃଷି ଆଇନ ଉପରେ ଆଲୋଚନା କରିବା ଅବସରରେ ଏହା କହିଛନ୍ତି । ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ଭାଗନେଇ ପ୍ରଧାନମନ୍ତ୍ରୀ ତାଙ୍କ ସରକାରଙ୍କ ଦ୍ୱାରା ଯେଉଁସବୁ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି ତାହାର ଉଦାହରଣ ଦେଇଥିଲେ । ବିଭିନ୍ନ ସମସ୍ୟାର ମୁକାବିଲା ପାଇଁ ସରକାର ବଦ୍ଧପରିକର ବୋଲି ସେ କହିଥିଲେ । ସଂସଦର ଉଭୟ ଗୃହରେ ପ୍ରଧାନମନ୍ତ୍ରୀ ଯାହାସବୁ କହିଥିଲେ ସେ ସଂପର୍କରେ ନିମ୍ନରେ ସଂକ୍ଷେପରେ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଷ୍ଟ୍ରିଟ ଭେଣ୍ଡରମାନଙ୍କୁ ମହାମାରୀ ସମୟରେ ଆର୍ଥିକ ସହାୟତା ଓ ରିଲିଫ ଯୋଗାଇ ଦିଆଯାଇଥିଲା ।**



**କରୋନା ମହାମାରୀ ସମୟରେ ବୁଲା ବିକାଳିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।**

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

## କୃଷି ବିଲ୍ ଉପରେ

### କୌଣସି ମଣ୍ଡି ବନ୍ଦ ହୋଇନାହିଁ, ଏମ୍‌ଏସ୍‌ପି ରହିଛି

କୃଷି ଆଇନ ଉପରେ ଚାଷୀମାନେ ଯେଉଁ ମତବ୍ୟକ୍ତ କରୁଛନ୍ତି ସରକାର ଓ ଆମେ ତାହାକୁ ସମ୍ମାନ ଦେଉଛୁ । ସେଥିପାଇଁ ସରକାରଙ୍କର ବରିଷ୍ଠ ମନ୍ତ୍ରୀମାନେ ଚାଷୀଙ୍କ ସହ ନିରନ୍ତର କଥାବାର୍ତ୍ତା ଚଳାଇଛନ୍ତି । ଚାଷୀଙ୍କ ପାଇଁ ଆମର ଅତି ଅଧିକ ସମ୍ମାନ ରହିଛି । ସଂସଦରେ କୃଷି ବିଲ୍ ପାରିତ ହେବା ପରେ କୌଣସି ମଣ୍ଡି ବନ୍ଦ ହୋଇନାହିଁ । ସେହିଭଳି ଏମ୍‌ଏସ୍‌ପି ମଧ୍ୟ ଅବ୍ୟାହତ ରହିଛି । ସରକାରୀ ଘୋଷିତ ଦରରେ ଚାଷୀଙ୍କଠାରୁ ଫସଲ କିଣିବାବେଳେ ଏହା ଦିଆଯାଉଛି । ମଣ୍ଡିଗୁଡିକ ସୁଦୃଢ଼ କରିବା ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି । ଏହିସବୁ କଥାକୁ କେହି ଉପେକ୍ଷା କରିପାରିବେ ନାହିଁ । କୃଷି ସଂସ୍କାର, କିଷାନ ରେଳ, ଇ- ନାମ ଏସବୁ ବ୍ୟବସ୍ଥା ଦେଶର ସବୁ ଛୋଟବଡ ଚାଷୀଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ।

## କିଷାନ ଆନ୍ଦୋଳନ ହିଂସା ସଂପର୍କରେ

### ଆନ୍ଦୋଳନଜୀବି: ଦେଶରେ ଏକ ନୂଆ ପ୍ରଜାତି

ଟୋଲପ୍ଲାଜା ଦେଶର ଏକ ବ୍ୟବସ୍ଥା, ଯାହାକୁ ସବୁ ସରକାର ସର୍ବସମ୍ମତିକ୍ରମେ ଗ୍ରହଣ କରିଛନ୍ତି । ଏହାକୁ ଜବରଦସ୍ତ ଦଖଲ କରିବା, ଭଙ୍ଗାରୁଜା କରି ଅଚଳ କରିବା ଆଦି ଘଟଣା ପ୍ରଚଳିତ ଆନ୍ଦୋଳନକୁ ବଦନାମ କରିବା ଉଦ୍ୟମ ନୁହେଁ କି ? ଆମେ କିଛି ଶବ୍ଦ ସହିତ ବେଶ୍ ପରିଚିତ । ଯଥା ଶ୍ରମଜୀବି ଓ ବୁଦ୍ଧିଜୀବି ଇତ୍ୟାଦି ; କିନ୍ତୁ ମୁଁ ଦେଖୁଛି ବେଳେବେଳେ ଏକ ନୂଆ ସଂପ୍ରଦାୟ ଆଗକୁ ଆସୁଛି । ଏମାନେ ସମସ୍ତେ ଆନ୍ଦୋଳନଜୀବି । ଓକିଲ, ଛାତ୍ର, ଶ୍ରମିକ ଆଦି ଯେକୌଣସି ଆନ୍ଦୋଳନରେ ଆପଣମାନେ ସେମାନଙ୍କୁ ଦେଖିବାକୁ ପାଇବେ । ସେମାନେ ମୁଖ୍ୟତଃ ପରଦାପଛରେ ରହନ୍ତି । ବେଳେବେଳେ ଆତ୍ମପ୍ରକାଶ କରି ଆଗକୁ

ଆସନ୍ତି । ସେମାନେ ଆନ୍ଦୋଳନଜୀବି ପ୍ରଜାତିର । ଆନ୍ଦୋଳନ ବିନା ସେମାନେ ବଞ୍ଚି ପାରିବେ ନାହିଁ ଏବଂ ଆନ୍ଦୋଳନ ଭିଆଇ ଓ ସେଥିରେ ସାମିଲ ହୋଇ ସେମାନେ ତିଷ୍ଠିବାକୁ ଚେଷ୍ଟା କରନ୍ତି। ଦେଶ ଆଗେଇ ଚାଲିଛି । ଆମେ ଏଫ୍‌ଡିଆଇ ବିଷୟରେ ଆଲୋଚନା କରୁଛନ୍ତି । ଆଜିକାଲି କିନ୍ତୁ ଏକ ନୂଆ ଏଫ୍‌ଡିଆଇ ଚର୍ଚ୍ଚାକୁ ଆସିଛି । ତାହାହେଲା ଫରେନ ଡେଷ୍ଟ୍ରକ୍ଟିଭ ଆଇଡେ଼ାଲଜି। ଏଥିରୁ ଆମକୁ ଦେଶକୁ ରକ୍ଷା କରିବାକୁ ପଡିବ ।

### କୋଭିଡ୍ ୧୯

## ଯୋଦ୍ଧାମାନେ ଦେବତ୍ୱର ପରିପ୍ରକାଶ

କରୋନା ଲଢେଇରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ଆଗ ଧାଡିର ଯୋଦ୍ଧାମାନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରେୟ ଦେଇଛନ୍ତି। ସେ କହିଛନ୍ତି ଯେ ଆମର ଡାକ୍ତର, ନର୍ସ, କୋଭିଡ୍ ଯୋଦ୍ଧା, ସଫେଇ କର୍ମଚାରୀ, ଆମ୍ବୁଲାନ୍ସ ଚାଳକ ଆଦି ଦେବତ୍ୱର ମୂର୍ତ୍ତିମନ୍ତ ପ୍ରତୀକ। ସେମାନଙ୍କର ତ୍ୟାଗ ଓ ନିଷ୍ଠା ବଳରେ କରୋନା ବିରୋଧୀ ଲଢେଇ ମଜଭୁତ ହୋଇଥିଲା । ସେ ଆହୁରି କହିଛନ୍ତି ଯେ ମହାମାରୀ ସମୟରେ ୨ ଲକ୍ଷ କୋଟି ଟଙ୍କା ଡିବିଟି ମାଧ୍ୟମରେ ପ୍ରଭାବିତ ଲୋକଙ୍କୁ ଯୋଗାଇ ଦିଆଯାଇଥିଲା । ଜନଧନ ଆଧାର ମୋବାଇଲ ସହଯୋଗରେ ଏହି ସଂକଟକାଳରେ ପ୍ରଭାବିତ ଲୋକଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଅଣାଯାଇଥିଲା। ଦଳିତ, ଅବହେଳିତ, ବଞ୍ଚିତ, ଦରିଦ୍ର ସବୁ ଲୋକ ସରକାରୀ ସାହାଯ୍ୟ ପାଇ ଉପକୃତ ହୋଇଥିଲେ । ଏକଦା ଆଧାରକୁ ପ୍ରାଣମୂର୍ଚ୍ଛା ବିରୋଧ କରୁଥିବା ଲୋକମାନେ ଜାଣିରଖିବା ଉଚିତ ଯେ ମହାମାରୀ ବେଳେ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇବାରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା । ଅତଏବ ଆଧାରକୁ ବିରୋଧ କରିବା ଦୁର୍ଭାଗ୍ୟଜନକ ।

### ଅର୍ଥନୀତି

## ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧିର ଆଶା

ମହାମାରୀ କାଳରେ ମଧ୍ୟ ଦେଶରେ ସଂସ୍କାର ବ୍ୟବସ୍ଥା ଜାରି ରହିଥିଲା । ଏହା ଫଳରେ ଅର୍ଥନୀତିରେ ଏକ ନୂଆ ଗତିଶୀଳତା ଆସିବା ସହ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧିର ଆଶା ଦୃଢତର ହୋଇଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବାକୁ ସରକାର ଭିତ୍ତିଭୂମି କ୍ଷେତ୍ରକୁ ମଜଭୁତ କରୁଛନ୍ତି । ଦେଶକୁ ସମତୁଲ ବିକାଶ ପଥରେ ଆଗେଇ ନେବାକୁ ସରକାର ଗୁରୁତ୍ୱ ଦେଉଛନ୍ତି ।

ଫଳ ସ୍ୱରୂପ ଆଜି ଦେଶରେ ଟ୍ରାକ୍ଟର ଓ କାରର ବିକ୍ରି ରେକର୍ଡ ପରିମାଣରେ ହେଉଛି । ଜିଏସଟି ସଂଗ୍ରହ ମଧ୍ୟ ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚିଛି । ଏହା ଅର୍ଥନୀତିର ଅଭିବୃଦ୍ଧିକୁ ସୂଚାଉଛି ।

### ଆତ୍ମନିର୍ଭର

## ବିଶ୍ୱ ପାଇଁ ଭାରତ ମଙ୍ଗଳକାରୀ

ପ୍ରଧାନମନ୍ତ୍ରୀ କହିଥିଲେ ଯେ କୋଭିଡ୍ ପରବର୍ତ୍ତୀ ବିଶ୍ୱ ଏକ ନୂଆ ପ୍ରକାରର ହେବ । ଏଭଳି ସମୟରେ ପୃଥିବୀଠାରୁ ଅସଂଲଗ୍ନ ହୋଇ ରହିବା ଭାରତ ପାଇଁ ମଙ୍ଗଳକର ହେବନାହିଁ । ସେଥିପାଇଁ ଆମେ ଆତ୍ମନିର୍ଭର ଭାରତ ଗଠନ ଦିଗରେ କାର୍ଯ୍ୟ କରୁଛୁ । ଏହାର ଉଦ୍ଦେଶ୍ୟ ହେଲା ନିଜେ ଆତ୍ମନିର୍ଭର ହେବା ସହିତ ବିଶ୍ୱର କଲ୍ୟାଣ ପ୍ରତି ଦୃଷ୍ଟି ଦେବା । ସେ କହିଛନ୍ତି ଯେ ଭାରତ ଦୃଢ ଏବଂ ଆତ୍ମନିର୍ଭର ହେବା ବିଶ୍ୱପାଇଁ ମଙ୍ଗଳକାରୀ । ଆଜି ଆମେ ଔଷଧପତ୍ର କ୍ଷେତ୍ରରେ ଆତ୍ମନିର୍ଭର । ତେଣୁ ବିଶ୍ୱକୁ ଏ କ୍ଷେତ୍ରରେ ସହାୟତା ଯୋଗାଉଛୁ । ସେ ଦୃଷ୍ଟିରୁ ସବୁ କ୍ଷେତ୍ରରେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡିବ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମଗ୍ର ଦେଶରେ ଏବେ ଭୋକାଲ ଫର୍ ଲୋକାଲ ସ୍ୱର ଶୁଣାଯାଉଛି । ଏକ ଆତ୍ମନିର୍ଭର ଭାରତ ପାଇଁ ଏଭଳି ଆତ୍ମ ସମ୍ମାନ ବିଶେଷ ଗୁରୁତ୍ୱ ରଖେ ।

### ସଂସ୍କାର ସଂପର୍କରେ

## ପ୍ରଗତି ପଥରୁ ପ୍ରତିବନ୍ଧକ ଦୂରୀକରଣ

- ଇପିଏଫ୍‌ଓ ଅନ୍ତର୍ଭୁକ୍ତ କର୍ମଚାରୀମାନେ ଅବସର ପରେ ୨୦୧୪ ପର୍ଯ୍ୟନ୍ତ ମାସିକ ୭ରୁ ୨୫ ଟଙ୍କା ପର୍ଯ୍ୟନ୍ତ ପେନସନ ପାଉଥିଲେ। ଆମେ ତାହାକୁ ପରିବର୍ତ୍ତନ କରି ୧ ହଜାର ଟଙ୍କା କରିଛୁ ।
- ଲୋକେ କହୁଥିଲେ ଯେ ସୁପାରିସ ବିନା କାହାରିକୁ ଚାକିରି ଖଣ୍ଡିଏ ମିଳିବ ନାହିଁ । ସେ ପରମ୍ପରାର ଆମେ ଅବସାନ ଘଟାଇଛୁ ।
- ତାମିଲନାଡୁରେ ଚର୍ଚ୍ଚିଲ ସିଗାର ଆସିଷ୍ଟାଣ୍ଟ (ସିସିଏ) ନାମରେ ଏକ ପଦ ରହିଥିଲା । ୧୯୪୦ରେ ଚର୍ଚ୍ଚିଲ ଯେତେବେଳେ ପ୍ରଧାନମନ୍ତ୍ରୀ ହେଲେ ସେତେବେଳେ ସେ ତ୍ରିଚିରୁ ଯାଉଥିବା ସିଗାରେଟ ବ୍ୟବହାର କରୁଥିଲେ । ଏଥିପାଇଁ ଯେଉଁ ସହାୟକ ବା ସିସିଏ ଥିଲେ ତାଙ୍କର କାମ ହେଲା ଠିକ୍ ସମୟରେ ଚର୍ଚ୍ଚିଲଙ୍କ ପାଖରେ ସିଗାରେଟ ପହଞ୍ଚାଇବା ନିଶ୍ଚିତ କରିବା । ଦେଶ ସ୍ୱାଧୀନତା ହାସଲ କରିବା ପରେ ମଧ୍ୟ ଏହି ସିସିଏ ପଦ ରହିଥିଲା । ଏହି ଦେଶରେ ଏଭଳି ଅନେକ ନିରର୍ଥକ ବ୍ୟବସ୍ଥା ଚାଲିଥିଲା । ଆଗରୁ ସାର୍ଟିଫିକେଟ ଆଟେଷ୍ଟେଡ କରିବା ବ୍ୟବସ୍ଥା ଥିଲା । ଏଥିପାଇଁ ଲୋକଙ୍କୁ ଲମ୍ବାଧାଡି ଲଗାଇବାକୁ ପଡୁଥିଲା। ଏସବୁର କଣ ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିବା ସହ କହିଛନ୍ତି ଆମେ ଏସବୁ ବ୍ୟବସ୍ଥାର ଅବସାନ ଘଟାଇଛୁ ଏବଂ ଲୋକେ ବିଶେଷ ଉପକୃତ ହୋଇଛନ୍ତି ।" ■

# ସମୃଦ୍ଧ ନୂଆ ଭାରତ ପାଇଁ ଏକ ବିକଶିତ ପୂର୍ବାଞ୍ଚଳ

କୋଲକାତାରୁ କୋହିମା, ଚମ୍ପାରଣରୁ ଆଣ୍ଡାମାନ, ବ୍ରହ୍ମପୁତ୍ରରୁ ବଙ୍ଗୋପସାଗର ତଥା ପୁରୀର ବେଳାଭୂମି ଯାଏଁ ତମାମ ଇଲାକାର ପାଖାପାଖି ୫୦ କୋଟି ଲୋକ ପୂର୍ବ ଭାରତରେ ବସବାସ କରନ୍ତି ; ମାତ୍ର ଅନ୍ୟ ଅଞ୍ଚଳ ସହ ତୁଳନାତ୍ମକଭାବେ ଦେଖିଲେ ଏହି ଭୂଖଣ୍ଡର ଯଥେଷ୍ଟ ଉନ୍ନତି ହୋଇ ନ ଥିବାରୁ ଏହା ପଛରେ ପଡିଯାଇଛି । ଏବେ ପ୍ରଥମଥର ପାଇଁ ଏହି ସରକାର ମିସନ ପୂର୍ବୋଦୟର ଆହ୍ୱାନ ଦେଇଛି, ଯାହାର ମୂଳ ଲକ୍ଷ୍ୟ ହେଲା ଭାରତର ସମତୁଲ ବିକାଶ । ମିସନ ମୋଡରେ ଏହି ବିକାଶ କାର୍ଯ୍ୟ ଚାଲିଛି ଏବଂ ଏଥିରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାକୁ ଉଦ୍ୟମ କରାଯାଉଛି । ରେଳ, ସଡକ, ବିମାନ ବନ୍ଦର, ବନ୍ଦର, ଜଳପଥ ଆଦି ସବୁ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇ ପୂର୍ବ ଭାରତର ଆର୍ଥିକ ଗୌରବକୁ ପୁନରୁଦ୍ଧାର କରିବାକୁ ଉଦ୍ୟମ କରାଯାଉଛି । ଏହା ମାଧ୍ୟମରେ ବିକାଶର ଏକ ନୂଆ ପ୍ରତିମାନ ଓ ବିଶ୍ୱାସର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି ।



# ପୂର୍ବ ଭାରତରେ ନୂତନ ସୂର୍ଯ୍ୟୋଦୟ

ବ୍ରହ୍ମପୁତ୍ର ଉପରେ ଏକ ସେତୁର ଅଭାବ, ସେହି ଅଞ୍ଚଳର ଲୋକଙ୍କ ପାଇଁ ଏକ ବଡ଼ ପ୍ରତିବନ୍ଧକ । ପୂର୍ବରୁ ବ୍ରହ୍ମପୁତ୍ର ଅତିକ୍ରମ କରିବା ପାଇଁ ଲୋକଙ୍କୁ ଏଠାରେ ଡଙ୍ଗା ବ୍ୟବହାର କରିବାକୁ ପଡୁଥିଲା । ସେ ପୁଣି ବଢି ସମୟରେ ସହଜ ନ ଥିଲା । ଏହା ୩ ବର୍ଷ ତଳର କଥା । ଏବେ ମଧ୍ୟ ଏକଥା ମନେ ପଡିଲେ ସାଦିଆର ୪୨ ବର୍ଷୀୟ ସନ୍ଦୀପ ଶର୍ମାଙ୍କ ଦେହ ଶୀତେଇ ଉଠେ । ଏବେ ସେହି ସାଦିଆର ସେହି ଘାଟରେ ଭୁପେନ ଭଜାରିକା ସେତୁ ବିଦ୍ୟମାନ । ଛୋଟମୋଟ ବେପାର କରୁଥିବା ସନ୍ଦୀପ ନଦୀ ପାର ହେବାକୁ ଆଗରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ନିଜ ମାଆଙ୍କୁ କ୍ୟାନସର ଚିକିତ୍ସା ପାଇଁ ନଦୀ ପାର ହୋଇ ଦିବ୍ରୁଗଡ ନେବା ତାଙ୍କ ପାଇଁ କାଠିକର ପାଠ ହୋଇଥିଲା । ଏବେ ସନ୍ଦୀପ କହନ୍ତି ବ୍ରହ୍ମପୁତ୍ର ଉପରେ ଭୁପେନ ହଜାରିକା ସେତୁ ଓ ବଗିବିଲ ସେତୁ ନିର୍ମାଣ ହେବା ଆସାମ ପାଇଁ ବରଦାନ ସଦୃଶ୍ୟ । ଏହି ସେତୁ ନିର୍ମିତ ହେବା ପରେ ସେ ନିଜର ଏକ ପତ୍ର ତିଆରି ପ୍ଲେଟ ଶିଳ୍ପ ସ୍ଥାପନ କରିଛନ୍ତି ଏବଂ ଏଥିପାଇଁ ତିନିସୁକିଆ ଓ କାଜିରଙ୍ଗାରୁ ମାଲ ଆଣୁଛନ୍ତି । ଆଗରୁ ଏଥିପାଇଁ ୮ ଘଣ୍ଟା ସମୟ ଲାଗୁଥିଲା । ଏବେ ମାତ୍ର ୪୫ ମିନିଟ ମଧ୍ୟରେ କାମ ହୋଇଯାଉଛି । ପ୍ରଣବ ଗୋଗୋଇ ନାମକ ଆଉ ଜଣେ ବ୍ୟକ୍ତି ତାଙ୍କ ସଫଳ କାହାଣୀ କହନ୍ତି । ଦିବ୍ରୁଗଡର ପ୍ରଣବଙ୍କର ଏକ ରିସର୍ଟ ଅଛି। ବଗିବିଲ ସେତୁ ନିର୍ମିତ ହେବା ପରେ ତାଙ୍କ ବେପାର ବହୁତ ବଢିଯାଇଛି । ସେହିଭଳି ଧେମାଜି ଜିଲାର ତିନିଆଲି କୁଲଜାନ ସହରର ରାଜଦୀପ ବଡଗୋହାଁଇ ପାଠ ପଢିବା ପାଇଁ ବ୍ରହ୍ମପୁତ୍ର ନଦୀ ପାର ହୋଇ ଦିବ୍ରୁଗଡ ବିଶ୍ୱବିଦ୍ୟାଳୟକୁ ଆଗରୁ ଯାଉଥିଲେ । ବଗିବିଲ ସେତୁ ହେବା ପରେ ସେ ଅସୁବିଧା ଦୂର ହୋଇଛି ବୋଲି ସେ କହନ୍ତି । ବଗିବିଲ ସେତୁ ଦେଶର ସର୍ବବୃହତ୍ ରେଳରୋଡ ବ୍ରିଜ । ଏହାର ନିର୍ମାଣ ଫଳରେ ପୂର୍ବ ଭାରତରେ ଜୀବନଯାତ୍ରା ସୁଗମ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଆଦି କ୍ଷେତ୍ରରେ ଏକ ନୂତନ ପ୍ରାଣ ସଞ୍ଚାର ହୋଇଛି । ଏହି ସେତୁ ଫଳରେ ଇଟାନଗର ଓ ଦିବ୍ରୁଗଡ ମଧ୍ୟରେ ୭୦୦ କିମି ରେଳ ଦୂରତ୍ୱରୁ ୨୦୦ କିମିକୁ ହ୍ରାସ ପାଇଛି । ସେହିଭଳି ଯାତ୍ରା ସମୟ ୨୪ ଘଣ୍ଟାରୁ ୫/୬ ଘଣ୍ଟାକୁ କମି ଆସିଛି । ଏହି ୫ କିମି ଲମ୍ବ ସେତୁ ଫଳରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକ ମଧ୍ୟରେ ସଡକ ଓ ରେଳ ସଂଯୋଗ ସୁଗମ ହେବା ସହିତ ସମଗ୍ର ଇଲାକାରେ ବିକାଶ ପ୍ରକ୍ରିୟା ମଧ୍ୟ ତ୍ୱରାନ୍ୱିତ ହୋଇଛି । ଏହି ଅଞ୍ଚଳକୁ ଆତ୍ମନିର୍ଭର କରିବାରେ ଏହାର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ । ଏହା ମଧ୍ୟ ଏ ଅଞ୍ଚଳର ଶିଳ୍ପାୟନରେ ସହାୟକ ହୋଇଛି ।



ଆଗରୁ ଯାହା ଅଚିନ୍ତନୀୟ ଥିଲା ଏବେ ତାହା ସହଜରେ କରିହେଉଛି । ମୁଁ ମୋର ଫ୍ୟାକ୍ଟ୍ରି ଆରମ୍ଭ କରିଛି । ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଆଦି ସବୁ କ୍ଷେତ୍ରରେ ଏହି ବିକାଶ ପରିଲକ୍ଷିତ ହୋଇଛି । ଏହା ମଧ୍ୟ ଲୋକଙ୍କ ବିଚାର ଶକ୍ତି ଓ ମନୋଭାବକୁ ସଂପ୍ରସାରିତ କରିବାରେ ସହାୟକ ହୋଇଛି । ଗୋଟିଏ ସମୟ ଥିଲା ଆମ ଅଞ୍ଚଳର ଲୋକେ ଟ୍ରେନ ଦେଖି ନ ଥିଲେ । ଏବେ ସେହି ଟ୍ରେନରେ ବସି ବାଙ୍ଗାଲୁର, ଦିଲ୍ଲୀ, ମୁମ୍ବଇ ଆଦିକୁ ଯାତ୍ରା କରୁଛନ୍ତି ।

\- ସନ୍ଦୀପ ଶର୍ମା

ପଶ୍ଚିମବଂଗର ହଳଦିଆ ଏକ ପ୍ରମୁଖ ବାଣିଜ୍ୟ ଓ ଶିଳ୍ପାଞ୍ଚଳ । ଏହା ମଧ୍ୟ ଆତ୍ମନିର୍ଭର ଭାରତର ଅନ୍ୟତମ କେନ୍ଦ୍ରବିନ୍ଦୁଭାବେ ଆତ୍ମପ୍ରକାଶ କରୁଛି । ୩୫୦ କିମି ଲମ୍ବ ଦୋବିହି-ଦୁର୍ଗାପୁର ପାଇପ ଲାଇନ, ଯାହା ଗତ ଫେବୃୟାରୀରେ କାର୍ଯ୍ୟାରମ୍ଭ କଲା ତାହା ଦ୍ୱାରା ଉଭୟ ହଳଦିଆ ଓ ପଶ୍ଚିମବଂଗର ବିକାଶ ପ୍ରକ୍ରିୟ ବିଶେଷ ତ୍ୱରାନ୍ୱିତ ହେବ । ଦୁଇବର୍ଷ ତଳେ ହଳଦିଆରୁ ବାରାଣସୀକୁ ଜଳପଥରେ କାର୍ଗୋ ସେବା ଆରମ୍ଭ ହୋଇଥିଲା । ସ୍ୱାଧୀନତା ପରେ ପୂର୍ବାଞ୍ଚଳରେ ଆଭ୍ୟନ୍ତରୀଣ ଜଳପଥ ବ୍ୟବହାରରେ ଏହା ଏକ ନୂଆ ନଜିର । ପୂର୍ବାଞ୍ଚଳର ନଦୀ ଓ ବନ୍ଦରଗୁଡିକ ଜଳପଥର ବିକାଶ ଫଳରେ ଅଧିକ ଶିଳ୍ପ ଅନୁକୂଳ ହୋଇପାରିବ ଏବଂ ଏହି ଅଞ୍ଚଳର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ହଳଦିଆ ଓ ବାରାଣସୀ ମଧ୍ୟରେ ଏହି ଜଳପଥ ପୂର୍ବ ଭାରତର ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସହ ବାଣିଜ୍ୟ କାରବାର ବୃଦ୍ଧିରେ ମଧ୍ୟରେ ସହାୟକ ହୋଇଛି ।

ସ୍ୱାଧୀନତା ପୂର୍ବରୁ ଭାରତର ପୂର୍ବାଞ୍ଚଳ ଏକ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଥିଲା । ତେବେ ସମୟକ୍ରମେ ଏହି ଅଞ୍ଚଳ ଏହାର ଖଣିଜ ଓ ପ୍ରାକୃତିକ ସଂପଦ ସତ୍ତ୍ୱେ ଗୁରୁତ୍ୱ ହରାଇଥିଲା । ଏହି ଅଞ୍ଚଳର କଲକାତା, ପାରାଦ୍ୱୀପ, ହଳଦିଆ ଓ ବିଶାଖାପାଟଣା ଭଳି ପ୍ରମୁଖ ବନ୍ଦର ରହିଛି । ଆହୁରି ମଧ୍ୟ ଓଡିଶା, ପଶ୍ଚିମବଂଗ ଓ ପୂର୍ବାଞ୍ଚଳ ଭଳି ସମ୍ବଳ ସମୃଦ୍ଧ ରାଜ୍ୟ ଏହି ଅଞ୍ଚଳରେ ଅବସ୍ଥିତ । ବିଭିନ୍ନ ପ୍ରକାର ପ୍ରାକୃତିକ ସମ୍ବଳ ସତ୍ତ୍ୱେ ଏହି ଅଞ୍ଚଳ ଅବହେଳିତ ହୋଇ ରହିଛି ।

ଦେଶର ପୂର୍ବାଞ୍ଚଳ ବାଂଲାଦେଶ, ଭୁଟାନ, ମ୍ୟାଁମାର, ନେପାଳ ଓ ଚୀନ ସୀମାନ୍ତକୁ ଛୁଇଁଛି । ଫଳରେ ଏହା ଦକ୍ଷିଣ ପୂର୍ବ ଏସିଆକୁ ଭାରତ ପ୍ରବେଶପଥ କହିଲେ ଅତ୍ୟୁକ୍ତି ହେବନାହିଁ। ଅଟଳବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବାବେଳେ ଲୁକ୍ ଇଷ୍ଟ ପଲିସି ଆରମ୍ଭ କରିଥିଲେ । ଏହାପରେ ୨୦୧୪ଠାରୁ ଏହି ଅଞ୍ଚଳର ଚିତ୍ରପଟ ବଦଳାଇବା ପାଇଁ ସରକାର ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୁକ୍ ଇଷ୍ଟ ପଲିସିକୁ ବଦଳାଇ ଆକ୍ଟ ଇଷ୍ଟ ନୀତି ମାଧ୍ୟମରେ ଏ ଅଞ୍ଚଳରେ ରାଜପଥ, ରେଳପଥ, ଆକାଶପଥ, ଇଣ୍ଟରନେଟ ସଂଯୋଗ ଆଦିର ବିକାଶ ପାଇଁ ହୀରା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାଛଡା କଳା, ସଂସ୍କୃତି, କ୍ରୀଡା, ଉଦ୍ୟୋଗ ଆଦିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହାଛଡା ଏହି ଅଞ୍ଚଳର ଜଳପଥର ଉନ୍ନତି ପାଇଁ ଅଗ୍ରାଧିକାରଭିତ୍ତିରେ କାର୍ଯ୍ୟ କରାଯାଉଛି। ଏହାଦ୍ୱାରା ବାଂଲାଦେଶ, ନେପାଳ, ଭୁଟାନ ଓ ମ୍ୟାଁମାର ସହ ନଦୀପଥରେ ସଂଯୋଗ ସ୍ଥାପନ ହୋଇପାରିବ । ଆହୁରି ମଧ୍ୟ ଏ ଅଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ବୋଡୋ, ନାଗା ଏବଂ ବ୍ରୁରିଆଙ୍ଗ ଗୋଷ୍ଠୀ ସହ ସରକାର ଚୁକ୍ତି କରିଛନ୍ତି ।

ଏହି କ୍ଷେତ୍ରରେ ବିକାଶ ସମଗ୍ର ଦେଶକୁ ଉନ୍ନତି ପଥରେ ଆଗେଇ ନେଉଛି ।

**ପୂର୍ବୋଦୟର ନୂଆ ମନ୍ତ୍ର**

ପୂର୍ବ ଭାରତ ଦକ୍ଷିଣ ପୂର୍ବ ଏସିଆ ପାଇଁ ଭାରତର ପ୍ରବେଶ ଦ୍ୱାର । ୨୦୧୪ରୁ ସରକାର ଏ ଦିଗରେ ପୂର୍ବୋଦୟର ମନ୍ତ୍ର ନେଇ କାର୍ଯ୍ୟ କରୁଛନ୍ତି । ପୂର୍ବ ଓ ପଶ୍ଚିମ ଭାରତ ଭାରତମାତାର ଦୁଇ ଅଙ୍ଗ । ପଶ୍ଚିମ ଭାରତ ଆଗୁଆ ହୋଇଥିବାବେଳେ ପୂର୍ବ ଭାରତ ପଛରେ ପଡିଛି । ଅତଏବ ପୂର୍ବ ଭାରତର ବିକାଶ ବିନା ଭାରତର ବିକାଶ ସମ୍ଭବ ନୁହେଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଏହି




ଉତ୍ତର ପୂର୍ବାଞ୍ଚଳରେ **୧୫,୦୮୮** କୋଟି ଟଙ୍କା ବ୍ୟୟରେ ୬ଟି ରେଳବାଇ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ।




**୩୯.୧୨ କିମି**

କିମି ଲମ୍ବ ବେଲନିଆ-ସାବ୍ରୁମ୍ ରେଳ ଲାଇନ ନିର୍ମାଣ ଶେଷ ହୋଇ ଦକ୍ଷିଣ ତ୍ରିପୁରା ସହିତ ବାଂଲାଦେଶର ଚଟ୍ଟଗ୍ରାମ ବନ୍ଦରକୁ ସଂଯୋଗ ସ୍ଥାପନ ହୋଇଛି ।

- ବ୍ରହ୍ମପୁତ୍ର ଉପରେ ସରାଇଘାଟ ଏବଂ ତେଜପୁରର ଶିଳାଘାଟରେ ଦୁଇଟି ସେତୁ ନିର୍ମାଣକୁ ଅନୁମୋଦନ ମିଳିଛି । ଉତ୍ତର ପୂର୍ବାଞ୍ଚଳର ମୋଟ ୨୩୫୨ କିମି ଲମ୍ବ ବ୍ରଡଗେଜ ଲାଇନର ବିଦ୍ୟୁତକରଣ କାର୍ଯ୍ୟ ଆଗେଇ ଚାଲିଛି

- କଟୁଆ-ଅଜିମଗଞ୍ଜ ଓ ମଣିଗ୍ରାମ-ନଳହାଟି ସେକ୍ସନର ୧୪୦ କିମି ଲମ୍ବା ରେଳ ବିଦ୍ୟୁତ୍‌କରଣ କାର୍ଯ୍ୟ ଶେଷ ହୋଇଛି । ଏଥିପାଇଁ ୨୧୯ କୋଟି ଟଙ୍କା ବ୍ୟୟ କରାଯାଇଛି ।

- ୨୦୧୪ରୁ ୧୯ ମଧ୍ୟରେ ଉତ୍ତର ପୂର୍ବାଞ୍ଚଳରେ ୨୩୧ କିମି ଲମ୍ବର ନୂଆ ରେଳଲାଇନ କାର୍ଯ୍ୟକ୍ଷମ ହୋଇଛି । ଏଥିରେ ୪୧ଟି ନୂଆ ଷ୍ଟେସନ ନିର୍ମାଣ କରାଯାଇଛି । ଏହାଛଡା ଅରୁଣାଚଳ ପ୍ରଦେଶ ଓ ମେଘାଳୟ ପ୍ରଥମଥର ପାଇଁ ଦେଶର ରେଳ ମାନଚିତ୍ରରେ ସ୍ଥାନ ପାଇଛନ୍ତି ।



**ଉଡାଣ**

- ଅରୁଣାଚଳ ପ୍ରଦେଶର ହୋଲୋଙ୍ଗିରେ ଏକ ନୂଆ ବିମାନ ବନ୍ଦରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଆସନ୍ତାବର୍ଷ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ କରାଯିବ । ଏଥିପାଇଁ ୯୫୫.୬୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ୨୦୧୮ରେ ସିକ୍କିମରେ ପ୍ରଥମ ବିମାନ ବନ୍ଦର କାର୍ଯ୍ୟକ୍ଷମ ହୋଇଥିଲା। ଏବେ ଉତ୍ତର ପୂର୍ବାଞ୍ଚଳରେ ୧୩ଟି ବିମାନ ବନ୍ଦର କାର୍ଯ୍ୟ କରୁଛି ।

- ଏହି ଅଞ୍ଚଳରେ ବିମାନ ବନ୍ଦରର ପରିସର ବୃଦ୍ଧି ପାଇଁ ୩ ହଜାର କୋଟି ଟଙ୍କାର ଆଧୁନିକୀକରଣ କାର୍ଯ୍ୟ ହାତକୁ ନିଆଯାଇଛି ।



ବ୍ରହ୍ମପୁତ୍ର ଉପରେ ସର୍ବବୃହତ୍ ରୋଡ ଓ ରେଳବ୍ରିଜ ନିର୍ମିତ ହୋଇଛି । ଏହା ଫଳରେ ଅରୁଣାଚଳ ପ୍ରଦେଶର ପାସିଘାଟ ଓ ଆସାମର ଦିବ୍ରୁଗଡ ମଧ୍ୟରେ ସଂଯୋଗ ସ୍ଥାପନ ହୋଇପାରିଛି । ମେଘାଳୟ, ତ୍ରିପୁରା ମଧ୍ୟ ଦେଶର ରେଳ ମାନଚିତ୍ରରେ ସ୍ଥାନ ପାଇଛି । ହଜାର ହଜାର କିମି ରାଜପଥ ନିର୍ମାଣ ସହିତ ୯୨ଟି ଆକାଶପଥ ଉଡାଣ ଯୋଜନାରେ କାର୍ଯ୍ୟକ୍ଷମ ହୋଇଛି । ଏହାଛଡା ୧୯ଟି ନୂଆ ଜାତୀୟ ଜଳମାର୍ଗ ଏବଂ ୧୩ଟି ବିମାନ ବନ୍ଦର ଏହି ଅଞ୍ଚଳରେ ୨୦୧୪ ପରଠାରୁ କାର୍ଯ୍ୟକ୍ଷମ ହୋଇପାରିଛି । ଏସବୁ ସଫଳତା ବିକାଶର କାହାଣୀ କହୁଛି । ଭୁପେନ ହଜାରିକା ସେତୁ ଓ ସରାଇଘାଟ ସେତୁ ଆସାମର ଆଧୁନିକ ପରିଚୟ ପାଲଟିଛି । ଖୁବ୍‌ଶୀଘ୍ର ଧୁବରୀ ଓ ମାଜୁଲି ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବ ।

# ଦ୍ରୁତ ଗତିରେ ଭିତ୍ତିଭୂମି ନିର୍ମାଣ

## ଆସାମ



ଭୂପେନ ହଜାରିକା ସେତୁ ଏବଂ ସରାଇଘାଟ ସେତୁ ଆଧୁନିକ ଆସାମର ପରିଚୟ ପାଲଟିଛି । ଖୁବଶୀଘ୍ର ଧୋବରି ଏବଂ ମାଜୁଲିରେ ସେତୁ ନିର୍ମାଣ କରାଯିବ ।

ଚଳିତ ବଜେଟରେ ୩୪ ହଜାର କୋଟି ଟଙ୍କାରୁ ଅଧିକ ଆସାମରେ ଜାତୀୟ ରାଜପଥ ନିର୍ମାଣ ପାଇଁ ବ୍ୟୟ ବରାଦ ହୋଇଛି ।

**ପଶ୍ଚିମବଂଗର ହଳଦିଆରେ ଗମନାଗମନର ସୁବିଧା ପାଇଁ ୧୯୦ କୋଟି ଟଙ୍କା ବ୍ୟୟରେ ଏକ ନୂଆ ଫ୍ଲାଇଓଭର ନିର୍ମିତ ହେବ**

୩୫ଟି ଜାତୀୟ ରାଜପଥ ପ୍ରକଳ୍ପ ନିର୍ମାଣକୁ ମଂଜୁରି ମିଳିଛି । ଏହାର ମୋଟ ଲମ୍ବ ୫୩୬ କିମି । ଏଥିପାଇଁ ୭୭୦୭.୧୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେଥିମଧ୍ୟରୁ ୩ଟି ପ୍ରକଳ୍ପ (୭୬ କିମି) ଅରୁଣାଚଳ ପ୍ରଦେଶରେ ଶେଷ ହୋଇଛି ।

### ଉତ୍ତର ପୂର୍ବାଞ୍ଚଳରେ ସଡକ ନିର୍ମାଣ

| **3,178km** | **22,882km** | **987km** |
|---|---|---|
| କେନ୍ଦ୍ର ସଡକ ପରିବହନ ମନ୍ତ୍ରଣାଳୟ ପକ୍ଷରୁ | ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ | ବର୍ଡର ରୋଡ ଅର୍ଗାନାଇଜେସନ ଦ୍ୱାରା |

ତଥ୍ୟ ୨୦୧୪ ମେ ମାସରୁ ୨୦୧୯ ଯାଏଁ

ଓଡିଶାରେ ଜାତୀୟ ରାଜପଥର ଦୈର୍ଘ୍ୟ ୨୦୧୪ରେ ୪୬୩୨ କିମି ଥିବାବେଳେ ୨୦୧୮ରେ ୯୪୨୬ କିମିକୁ ବଢିଛି ।

ଉତ୍ତର ପୂର୍ବାଞ୍ଚଳ ପାଇଁ ୯୬ଟି ରୋଡ-ବ୍ରିଜ ପ୍ରକଳ୍ପ ମଂଜୁର । ୨୦୧୪ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ମଧ୍ୟରୁ ୬ଟି ଶେଷ । ଅବଶିଷ୍ଟ ୯୦ଟି ନିର୍ମାଣାଧୀନ ।

ସରକାର ଉତ୍ତର ପୂର୍ବାଞ୍ଚଳ ସଡକ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଥିରେ ଆନ୍ତଃରାଜ୍ୟ ସଡକର ବିକାଶ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଉଛି ।

### ଜଳପଥ

- କଲକାତା ଓ ହଳଦିଆ ବନ୍ଦରରୁ ଜଳପଥରେ ଗୁଆହାଟି ଓ ଧୁବ୍ରିକୁ ମାଲ ପରିବହନ ପାଇଁ ବାଂଲାଦେଶ ଦେଇ ଜାତୀୟ ଜଳପଥ- ୨ର ବିକାଶ କରାଯାଉଛି । ବ୍ରହ୍ମପୁତ୍ର ନଦୀ ଏହାର ମୁଖ୍ୟ ମାଧ୍ୟମ ହେବ ।
- ମହାବାହୁ ବ୍ରହ୍ମପୁତ୍ର ପ୍ରକଳ୍ପ ଆସାମରେ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ନିଆମାଟି-ମାଜୁଲି ଦ୍ୱୀପ ମଧ୍ୟରେ ରୋ-ପ୍ୟାକ୍ସ ଭେସଲ ସେବା ଆରମ୍ଭ ହେବ । ଏହାଛଡା ଉତ୍ତର ଓ ଦକ୍ଷିଣ ଗୌହାଟି ତଥା ଧୁବୁରି ଓ ହାଟସିଙ୍ଗମାରି ମଧ୍ୟରେ ରୋ-ପ୍ୟାକ୍ସସେବା ଆରମ୍ଭ ହେଲେ ଦୂରତ୍ୱ ହ୍ରାସ ପାଇବ ।
- ସୋନାମୁରା-ଦାଉଦକାଣ୍ଡି ଅନ୍ତର୍ଦେଶୀୟ ଜଳପଥ ଦ୍ୱାରା ବାଂଲାଦେଶ ଦେଇ ତ୍ରିପୁରା ସହ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ ହୋଇପାରିବ । ଏହି କାର୍ଯ୍ୟ ଜୋରସୋର ଚାଲିଛି ।
- ଓଡିଶାରେ ୨୦ ହଜାର କୋଟି ଟଙ୍କାର ୩୪ଟି ପ୍ରକଳ୍ପ ସାଗରମାଳା ଯୋଜନାରେ ଚିହ୍ନଟ ହୋଇଛି ।

### ଆସୋମମାଳା ପ୍ରକଳ୍ପ

ଆସନ୍ତା ୧୫ ବର୍ଷ ମଧ୍ୟରେ ଆସାମରେ ଭାରତମାଳା ଢାଞ୍ଚାରେ ଆସୋମମାଳା ପ୍ରକଳ୍ପ କାର୍ଯ୍ୟକାରୀ ହେବ । ସଡକ ଭିତ୍ତିଭୂମି ଏହାର ଲକ୍ଷ୍ୟ । ପ୍ରମୁଖ ରାସ୍ତାଗୁଡିକ ସହ ଗ୍ରାମ୍ୟ ରାସ୍ତାଗୁଡିକୁଏଥିରେ ସଂଯୋଗ କରାଯିବ ।

### ରାଜଧାନୀ ନଗରୀକୁ ରେଳ ସଂଯୋଗ


ଆସାମ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶର ରାଜଧାନୀକୁ ବ୍ରଡଗେଜ ରେଳ ସଂଯୋଗ ଯୋଗାଇ ଦିଆଯିବ । ଅବଶିଷ୍ଟ ରାଜ୍ୟଗୁଡିକର ରାଜଧାନୀକୁ ରେଳ ସଂଯୋଗ ପାଇଁ ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ।



## ନୂଆ ନିଯୁକ୍ତି ସୁଯୋଗ

ଦୁର୍ଗାପୁର ଓ ସିନ୍ଧ୍ରି ସାର କାରଖାନା ପାଇଁ ଗ୍ୟାସ୍ ଯୋଗାଣ ଦ୍ୱାରା ଏହି ଦୁଇ ଉଦ୍ୟୋଗର ବିକାଶ ଘଟିବ। ଫଳରେ ଏଠାରେ ନୂଆ କର୍ମନିଯୁକ୍ତି ସୃଷ୍ଟି ହେବ । ଆହୁରି ମଧ୍ୟ ଚାଷୀଙ୍କ ଏହି ଦୁଇ କାରଖାନାରୁ ଶସ୍ତାରେ ସାର ମିଳିପାରିବ ।

## ମିସନ ପୂର୍ବୋଦୟ



ପୂର୍ବୋଦୟ ମିସନ ଅଧୀନରେ କେନ୍ଦ୍ର ସରକାର ପୂର୍ବାଞ୍ଚଳରେ ଏକ ସମନ୍ୱିତ ପୂର୍ଣ୍ଣାଙ୍ଗ ଷ୍ଟିଲ ହବ୍ ନିର୍ମାଣ କରୁଛନ୍ତି। ୯୨୬୫ କୋଟି ଟଙ୍କା ଉତ୍ତର ପୂର୍ବାଞ୍ଚଳ

## ₹ ୯୨୬୫ କୋଟି

ଗ୍ୟାସ୍ ଗ୍ରୀଡ ପ୍ରୋଜେକ୍ଟ ଅନୁମୋଦିତ । ଏହା ଇନ୍ଦ୍ରଧନୁଷ ଗ୍ୟାସ ଲିମିଟେଡର ଅଂଶ । ଏଥିରେ ୧୬୫୬ କିମି ଗ୍ୟାସ ପାଇପ ଲାଇନ ବିଛାଯାଇ ୮ଟି ରାଜ୍ୟକୁ ଯୋଗାଇ ଦିଆଯିବ । ଏହାଦ୍ୱାରା ସଂପୃକ୍ତ ଅଞ୍ଚଳର ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ।

## 348 କିମି ଲମ୍ବ ଗ୍ୟାସ୍ ପାଇପ ଲାଇନ

ଦୋବିହି ଓ ଦୁର୍ଗାପୁର ମଧ୍ୟରେ ପ୍ରାକୃତିକ ଗ୍ୟାସ୍ ପରିବହନ ପାଇଁ ନିର୍ମିତ ହୋଇଥିବା 348 କିମି ପାଇପ ଲାଇନ ପ୍ରଧାନମନ୍ତ୍ରୀ ଉର୍ଜ୍ଜା ଗଙ୍ଗା ପାଇପ ଲାଇନର ଅଂଶବିଶେଷ ।

## ପଶ୍ଚିମବଙ୍ଗର ଲାଭ

ଦୋବିହି-ଦୁର୍ଗାପୁର ଗ୍ୟାସ୍ ପାଇପ ଲାଇନ ଦ୍ୱାରା ପଶ୍ଚିମବଂଗର ୧୦ଟି ଜିଲା ସିଧାସଳଖ ଉପକୃତ ହେବେ । ଏହାଛଡା ବିହାର ଓ ଝାଡଖଣ୍ଡର ଲୋକେ ମଧ୍ୟ ଲାଭ ପାଇବେ ।



# ଉଦ୍ୟୋଗକୁ ବେଗ ପ୍ରଦାନ

ଉତ୍ତର ପୂର୍ବାଞ୍ଚଳ ସମ୍ବଳରେ ସମୃଦ୍ଧ । ଏଠାରେ ସୁନା, ଅଭ୍ର, ଡୋଲୋମାଇଟ, ବକ୍ସାଇଟ, ଗ୍ରାଫାଇଟ, ସିଲିମିନାଇଟ ଏବଂ ଲୁହାପଥର ଆଦି ରହିଛି । ଏହାଛଡା ଏହି ଅଞ୍ଚଳରେ ମଧ୍ୟ ଚାଷବାସର ଭଲ ସୁବିଧା ଅଛି । ଏହି ଅଞ୍ଚଳର ବିକାଶ ଉପରେ ଭାରତର ସମଗ୍ର ପୂର୍ବାଞ୍ଚଳର ପ୍ରଗତି ନିର୍ଭର କରେ ।

**₹ ଏମ୍ଏସ୍ଏମ୍ଇ ପାଇଁ ୪୨.୦୨ କୋଟି ଟଙ୍କା** ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକ ପାଇଁ ଏମ୍ଏସ୍ଏମ୍ଇର ବିକାଶ ନିମନ୍ତେ ୪୨.୦୨ କୋଟି ଟଙ୍କାର ଅର୍ଥ ରାଶି ଜୁନ୍ ୨୦୧୯ରୁ ମେ ୨୦୨୦ ମଧ୍ୟରେ ଯୋଗାଇ ଦିଆଯାଇଛି ।

ଆଭିମୁଖ୍ୟ ନେଇ ସରକାର ଉତ୍ତର ପୂର୍ବାଞ୍ଚଳର ବିକାଶ ପାଇଁ ୩ ସୂତ୍ରୀ ନୀତିରେ କାର୍ଯ୍ୟ କରୁଛନ୍ତି । ତାହାହେଲା ଏହି ଅଞ୍ଚଳର ସଂଯୋଗ, ବାଣିଜ୍ୟ ଓ ସଂସ୍କୃତିର ବିକାଶ ।

**ପଶ୍ଚିମବଙ୍ଗ ଉଦୟମୁଖୀ ଶିଳ୍ପ ହବ୍**

ପଶ୍ଚିମବଂଗର ସର୍ବାଙ୍ଗୀନ ବିକାଶ ପାଇଁ ନିରନ୍ତର ଉଦ୍ୟମ ଚାଲିଛି । ଏହି ଅଞ୍ଚଳରେ ମୌଳିକ ସେବା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ନାନାବିଧ କାର୍ଯ୍ୟ ହାତକୁ ନେଇଛନ୍ତି । ପଶ୍ଚିମବଂଗକୁ ଏକ ଶିଳ୍ପ ଓ ନିର୍ମାଣ ହବ୍‌ରେ ପରିଣତ କରିବା ପାଇଁ ସରକାରଙ୍କର ଯୋଜନା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଥମଥର ପାଇଁ ସରକାର ଏକ ବ୍ୟବସ୍ଥା କରି ବଜେଟରେ ସବୁ ମନ୍ତ୍ରଣାଳୟର ବ୍ୟୟ ବରାଦର ୧୦ ଶତାଂଶ ଉତ୍ତର ପୂର୍ବାଞ୍ଚଳ ନିମନ୍ତେ ଖର୍ଚ୍ଚ କରିବାକୁ ସୁନିଶ୍ଚିତ କରିଛନ୍ତି ।

"ଆଜି ଯାହା ବଙ୍ଗଳାଭାବେ ଭାରତ ତାହା ଆସନ୍ତାକାଲି ଚିନ୍ତା କରେ ।" ଏହି ଉକ୍ତିରୁ ପ୍ରେରଣା ନେଇ ଆମକୁ ଆଗକୁ ବଢ଼ିବାକୁ ହେବ । ରାଜପଥ, ଜଳପଥ, ଆକାଶପଥ, ବନ୍ଦର, ବ୍ରଡବ୍ୟାଣ୍ଡ, ଗ୍ରାମାଞ୍ଚଳକୁ ଯୋଗାଯୋଗ ଆଦି ପ୍ରତ୍ୟେକ କ୍ଷେତ୍ରରେ ପଶ୍ଚିମବଙ୍ଗର ବିକାଶ ଚାଲିଛି । ରାଜ୍ୟର ବିକାଶ ପାଇଁ ରାଜ୍ୟବାସୀଙ୍କୁ ସଶକ୍ତ ଓ ସମର୍ଥ କରିବା ବିଶେଷ ଗୁରୁତ୍ୱ ରଖେ । ଏଠାରେ ଇଜ୍ ଅଫ୍ ଲିଭିଂକୁ ସରକାର

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଏକମାତ୍ର ପ୍ରଧାନମନ୍ତ୍ରୀ ଯିଏ କି ଉତ୍ତର ପୂର୍ବାଞ୍ଚଳକୁ ୪୦ରୁ ଅଧିକ ଥର ଯାଇଛନ୍ତି । ଏହାଛଡା ଏହି ଅଞ୍ଚଳକୁ ପ୍ରତି ୧୫ ଦିନରେ ଥରେ ଜଣେ କ୍ୟାବିନେଟ ମନ୍ତ୍ରୀ ଯାଉଛନ୍ତି ।**

**ପ୍ରଥମ ଥର ପାଇଁ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ପାଇଁ ଏହା ବାଧ୍ୟତାମୂଳକ କରାଯାଇଛି ଯେ ସେମାନେ ନିଜର ବାର୍ଷିକ ବଜେଟର ଅତିକମରେ 10 ପ୍ରତିଶତ ଉତ୍ତର-ପୂର୍ବାଞ୍ଚଳ ପାଇଁ ଆବଣ୍ଟନ କରିବେ।**

ଗୁରୁତ୍ୱ ଦେଇ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି । ଗରିବ ଲୋକଙ୍କୁ ୩୦ ଲକ୍ଷ ଆବାସ ନିର୍ମାଣ କରାଯାଇଛି । ଉଜ୍ଜ୍ୱଳା ଯୋଜନାରେ ୯୦ ଲକ୍ଷରୁ ଅଧିକ ମହିଳାଙ୍କୁ ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଇଛି । ଜନଧନ ଯୋଜନାରେ

୪କୋଟିରୁ ଅଧିକ ହିତାଧିକାରୀଙ୍କୁ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ସୁବିଧା ଦିଆଯାଇଛି । ଜଳଜୀବନ ମିସନ ମାଧ୍ୟମରେ ୪ଲକ୍ଷ ପରିବାରଙ୍କୁ ପାନୀୟଜଳ ଯୋଗାଣ ସମ୍ଭବ ହୋଇଛି। ପଶ୍ଚିମବଂଗର ବିକାଶ ପାଇଁ ନିରନ୍ତର କାର୍ଯ୍ୟ ଚାଲିଛି । ଆନ୍ତର୍ଜାତିକ ସଂଯୋଗ ବୃଦ୍ଧି ପାଇଁ ନେପାଳ ଓ ବାଂଲାଦେଶ ସହିତ ସଡକ ସଂଯୋଗ କାର୍ଯ୍ୟ ଚାଲିଛି । ଏହାଛଡା କଲକାତା ଇଷ୍ଟ ୱେଷ୍ଟ ମେଟ୍ରୋ କରିଡର ପାଇଁ ୮୫୦୦ କୋଟି ଟଙ୍କା ମଂଜୁର କରାଯାଇଛି । ରାଜ୍ୟରେ ବନ୍ଦ ହୋଇପଡିଥିବା ଶିଳ୍ପ ସଂସ୍ଥାଗୁଡିକ ଖୋଲିବାକୁ ଉଦ୍ୟମ କରାଯାଉଛି । ଏହାଛଡା ରେଳ, ସଡକ, ବିମାନ ବନ୍ଦର, ବନ୍ଦର ଓ ଜଳପଥ ଆଦିର ବିକାଶ କାର୍ଯ୍ୟ ଜୋରସୋରରେ ଚାଲିଛି । ପ୍ରଧାନମନ୍ତ୍ରୀ ଉର୍ଜ୍ଜାଗଙ୍ଗା ଯୋଜନାରେ ୩୫୦ କିମି ଦୋବିହି-ଦୁର୍ଗାପୁର ପାଇପ ଲାଇନ ଗତ ଫେବୃୟାରୀରେ କାର୍ଯ୍ୟକ୍ଷମ ହୋଇ ପଶ୍ଚିମବଂଗରେ ଉର୍ଜ୍ଜା ସଂକଟ ଦୂର ହୋଇଛି ।

ପଶ୍ଚିମବଂଗର ୧୦ଟି ଜିଲା ସହିତ ବିହାର ଓ ଝାଡଖଣ୍ଡର ଲୋକେ ଏହି ଗ୍ୟାସ୍ ପାଇପ ଲାଇନ ଦ୍ୱାରା ଉପକୃତ ହୋଇପାରିବେ ।ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୧ ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇପାରିବ, ଯାହାର ଲାଭ ସ୍ଥାନୀୟ ଲୋକଙ୍କୁ ମିଳିବ । ଏହି ଗ୍ୟାସ୍ ପାଇପ ଲାଇନ ଉଦ୍ୟୋଗକୁ ସହାୟତା ଦେବା ସହ ଲୋକଙ୍କ ଘରକୁ ରନ୍ଧନ ଗ୍ୟାସ ଯୋଗାଇବାରେ ସହାୟକ ହେବ । ଲୋକେ କମ୍ ଦାମରେ ଗ୍ୟାସ୍ ପାଇବା ସହ ପ୍ରଦୂଷଣରୁ ରକ୍ଷା ପାଇବେ। ଆହୁରି ମଧ୍ୟ ଏହି ପାଇପ ଲାଇନ ଦୁର୍ଗାପୁର ଓ ସିନ୍ଧ୍ରି ସାର କାରଖାନାକୁ ନିରନ୍ତର ସିଏନ୍‌ଜି



# ଉଗ୍ରବାଦକୁ ଲଗାମ

୨୦୧୪ ପରେ ସରକାର ଦେଶର ଉଭୟ ପୂର୍ବ ଓ ପଶ୍ଚିମଭାଗରେ ଅଭିବୃଦ୍ଧି ସମତା ଆଣିବା ପାଇଁ ଉଦ୍ୟମ କରିଥିଲେ । ଆହୁରି ମଧ୍ୟ ସରକାର ପୂର୍ବାଞ୍ଚଳର ଶାନ୍ତି, ନିରାପତ୍ତା ଓ ସଂହତି ବଜାୟ ରଖିବା ପାଇଁ ବିଶେଷ ଅଗ୍ରାଧିକାର ଦେଇଥିଲେ । ଏଥିରେ ପୂର୍ବ ଭାରତରେ ସଂଯୋଗ ବ୍ୟବସ୍ଥା ଓ ଅର୍ଥନୈତିକ ବିକାଶ ପ୍ରକ୍ରିୟା ଅଗ୍ରାଧିକାର ପାଇଥିଲା । ତେବେ ଶାନ୍ତି ବିନା ବିକାଶ ସମ୍ଭବ ନୁହେଁ। ସେଥିପାଇଁ ସରକାର ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଅଗ୍ରାଧିକାର ପାଇଥିଲେ ।

୨୦୧୫ରେ ନାଗାଲାଣ୍ଡର ଆଇଜାକ୍ ମୁଇଭା ଗୋଷ୍ଠୀ ସହ ସରକାର ଶାନ୍ତି ଚୁକ୍ତି ସ୍ୱାକ୍ଷର କରିଥିଲେ । ପ୍ରାୟ ୮୦ ପର୍ଯ୍ୟାୟ କଥାବାର୍ତ୍ତା ପରେ ଏହି ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହା ଉଗ୍ରବାଦକୁ ନିୟନ୍ତ୍ରଣ କରିବାରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଥିଲା ।

## ୭୫୦ କୋଟିର ବୋଡୋ ପ୍ୟାକେଜ

ବୋଡୋ ଲ୍ୟାଣ୍ଡ ଟେରିଟୋରିଆଲ କାଉନସିଲରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ୭୫୦ କୋଟି ଟଙ୍କାର ପ୍ୟାକେଜ ଯୋଗାଇ ଦେଇଛନ୍ତି । ଏଥିରେ ୬୫ଟି ବିଭିନ୍ନ ପ୍ରକଳ୍ପ ରହିଛି । ଘୋଷିତ ଅର୍ଥ ମଧ୍ୟରୁ ୭୧୧.୧୯ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।



**ବୋଡୋ ଚୁକ୍ତି**

୨୦୨୦ ଜାନୁୟାରୀରେ କେନ୍ଦ୍ର ଓ ଆସାମ ସରକାର ବୋଡୋ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ । ଏଥିରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା ବିଭିନ୍ନ ଗୋଷ୍ଠୀ **ଭାଗ ନେଇଥିଲେ ।**

ମୋଟ ୨୨୫୯ ଜଣ ବୋଡୋ କଠୋରପନ୍ଥୀ ଚୁକ୍ତି ସ୍ୱାକ୍ଷର ପରେ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ।

## କର୍ବି ପାଇଁ ୩୫୦ କୋଟି

ସେହିଭିଳି କର୍ବି ଆଙ୍ଗଲମ୍ ଅଟୋନମସ୍ ଟେରିଟୋରିଆଲ କାଉନସିଲ ପାଇଁ ସରକାର ୩୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି ।

କର୍ବି ଆଙ୍ଗଲମ ପାଇଁ ଯେଉଁ ପ୍ୟାକେଜ ଘୋଷଣା କରାଯାଇଛି ସେଥିରୁ ୨୦ଟି ପ୍ରକଳ୍ପର ମୂଲ୍ୟ ୧୮୭.୨୮ କୋଟି ଟଙ୍କା ।

ସେଥିମଧ୍ୟରୁ ୯୫.୭୧ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ମଣିପୁରର ନିରାପତ୍ତା ସ୍ଥିତିରେ ଯଥେଷ୍ଟ ଉନ୍ନତି ଘଟିଛି । ୨୦୧୮ ପରେ ସେଠାରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ପୂର୍ବବର୍ଷ ତୁଳନାରେ ୨୪ ଶତାଂଶ ହ୍ରାସ ପାଇଥିଲା ।

**ଦିମାହସା ଓ ସ୍ୱାଧୀନ ଆଞ୍ଚଳିକ ପରିଷଦ ପାଇଁ ଯେଉଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ବିକାଶ ଘୋଷଣା କରାଯାଇଥିଲା ସେଥିରେ ୧୦ଟି ପ୍ରକଳ୍ପ ରହିଛି । ଇତିମଧ୍ୟରେ ଏହି ପରିଷଦକୁ ୭୩.୮୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।**

# ଇଜ୍ ଅଫ୍ ଲିଭିଂ ଉପରେ ସରକାରଙ୍କ ଗୁରୁତ୍ୱ

**ଉଜ୍ଜ୍ୱଳା ଯୋଜନାରେ ଉପକୃତ ହୋଇଥିବା ମୋଟ ୮ କୋଟି ହିତାଧିକାରୀଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଉତ୍ତର ପୂର୍ବାଞ୍ଚଳ ରାଜ୍ୟର । ମୋଟ ୨୯ କୋଟି ଗ୍ୟାସ୍ ସଂଯୋଗ ମଧ୍ୟରୁ ଏହି ଅଞ୍ଚଳରେ ୧୧.୫ କୋଟି ଲୋକ ଏହାର ସୁବିଧା ପାଇଛନ୍ତି । ସେହିଭଳି ଦେଶରେ ଯେଉଁ ୨ କୋଟି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ନିର୍ମିତ ହୋଇଛି ସେଥିରୁ ଉତ୍ତର ପୂର୍ବାଞ୍ଚଳରେ ୧.୧୨ କୋଟି ଘର ଅନ୍ତର୍ଭୁକ୍ତ । ଏହାଛଡ଼ା ସ୍ୱଚ୍ଛ ଭାରତ ମିସନରେ ନିର୍ମିତ ୧୦ କୋଟି ଶୌଚାଳୟ ମଧ୍ୟରୁ ଏ ଅଞ୍ଚଳରେ ୪.୫ କୋଟି ନିର୍ମିତ ହୋଇଛି । ଏହାଛଡ଼ା ଏହି ଅଞ୍ଚଳର ୧ କୋଟିରୁ ଅଧିକ ବିଜୁଳି ସଂଯୋଗ ଯୋଗାଇ ଦିଆଯାଇଛି ।**



**₹ 13,199.36**

କୋଟି ଟଙ୍କା ଉତ୍ତର ପୂର୍ବାଞ୍ଚଳର ବିକାଶ ପାଇଁ ସଂପୃକ୍ତ କେନ୍ଦ୍ରୀୟ ମନ୍ତ୍ରଣାଳୟ ୨୦୧୪-୧୫ରୁ ୨୦୨୦-୨୧ ମଧ୍ୟରେ ଯୋଗାଇ ଦେଇଛି ।

**ପଶ୍ଚିମବଙ୍ଗରେ ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ 90 ଲକ୍ଷ ମହିଳାଙ୍କୁ ଗ୍ୟାସ ସଂଯୋଗ ଦିଆଯାଇଛି। ସେଥିରେ ତଫସିଲଭୁକ୍ତ ଜାତି ଓ ଜନଜାତି ମହିଳାଙ୍କ ସଂଖ୍ୟା 36 ଲକ୍ଷ।**

**99%**

ଏଲ୍‌ପିଜି ଗ୍ୟାସ୍ ସଂଯୋଗ ପଶ୍ଚିମବଂଗରେ ଦିଆଯାଇଛି । ୨୦୧୪ରେ ଏହା ଥିଲା ମାତ୍ର ୪୧ ଶତାଂଶ ।

ଧନ ପୁରସ୍କାର ମେଳା ଯୋଜନାରେ କୋଟି କୋଟି ଟଙ୍କା ୭.୫ ଲକ୍ଷ ଚା ବଗିଚା ଶ୍ରମିକଙ୍କ ଆକାଉଣ୍ଟକୁ ଯୋଗାଇ ଦିଆଯାଇଛି ।

- ହଳଦିଆର ନବ ଉଦ୍‌ଘାଟିତ ଏଲ୍‌ପିଜି ଆମଦାନୀ ଟର୍ମିନାଲ ଦ୍ୱାରା ଏହି ଅଞ୍ଚଳର ଚାହିଦା ପୂରଣ ହୋଇପାରିବ । ପଶ୍ଚିମବଂଗ, ଓଡିଶା, ବିହାର, ଝାଡଖଣ୍ଡ, ଛତିଶଗଡ, ଉତ୍ତର ପ୍ରଦେଶ ଓ ଉତ୍ତର ପୂର୍ବାଞ୍ଚଳର ୨ କୋଟିରୁ ଅଧିକ ଲୋକ ଏଠାରୁ ଗ୍ୟାସ ପାଇପାରିବେ ।
- ଉଜାଲା ଯୋଜନାରେ ପଶ୍ଚିମବଂଗରେ ୯୨.୨୯ ଲକ୍ଷ ଏଲଇଡି, ମେଘାଳୟରେ ୪.୩୩ ଲକ୍ଷ, ଆସାମରେ ୭୧.୭୬ ଲକ୍ଷ, ଅରୁଣାଚଳ ପ୍ରଦେଶରେ ୪.୯୯ ଲକ୍ଷ, ନାଗାଲାଣ୍ଡରେ ୧୦.୯୯ ଲକ୍ଷ, ମଣିପୁରରେ ୨.୯୯ ଲକ୍ଷ, ତ୍ରିପୁରାରେ ୧୦.୫୫ ଲକ୍ଷ, ମିଜୋରାମରେ ୬.୧୫ଲକ୍ଷ ବଲ୍‌ବ ଯୋଗାଇ ଦିଆଯାଇଛି । ଏହାଛଡା ଓଡିଶାରେ ଶତପ୍ରତିଶତ ବିଦ୍ୟୁତ୍‌କରଣ ଲକ୍ଷ୍ୟ ହାସଲ ହୋଇପାରିଛି ।
- ଜଳଜୀବନ ମିସନରେ ପ୍ରତ୍ୟେକ ଘରକୁ ପାଣିଟ୍ୟାପ ସଂଯୋଗ ଯୋଗାଇ ଦିଆଯାଉଛି । ସିକ୍କିମରେ ଏହି କାର୍ଯ୍ୟରେ ୭୩ ଶତାଂଶରୁ ଅଧିକ ସଫଳତା ମିଳିଛି ।
- ମୋଟ ୪୧.୪୮ କୋଟି ଜନଧନ ଆକାଉଣ୍ଟଧାରୀଙ୍କ ମଧ୍ୟରୁ ୧୭.୨୨ କୋଟି ଏହି ଅଞ୍ଚଳର

ଯୋଗାଇ ଦେବ । ଉଜ୍ଜ୍ୱଳା ଯୋଜନା ପୂର୍ବ ଭାରତରେ ଆରମ୍ଭ ହେବା ପରେ ଏହି ଅଞ୍ଚଳରେ ଏଲପିଜି ଚାହିଦା ବଢ଼ିଛି । ହଳଦିଆରେ ଯେଉଁ ଏଲ୍‌ପିଜି ଆମଦାନୀ ଟର୍ମିନାଲ ତିଆରି ହୋଇଛି ତାହା ଏହି ଆବଶ୍ୟକତାକୁ ପୂରଣ କରିବ ଏବଂ ଏହି ଅଞ୍ଚଳରେ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ପଶ୍ଚିମବଂଗ, ଓଡିଶା, ବିହାର, ଝାଡଖଣ୍ଡ, ଛତିଶଗଡ, ଉତ୍ତର ପ୍ରଦେଶ ଓ ଉତ୍ତର ପୂର୍ବାଞ୍ଚଳର କୋଟି କୋଟି ପରିବାର ଏହାଦ୍ୱାରା ଉପକୃତ ହେବେ । ଚଳିତବର୍ଷ ବଜେଟରେ ପଶ୍ଚିମବଂଗରେ ଅର୍ଥନୈତିକ କରିଡରର ବିକାଶ ପାଇଁ ୨୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।


### ନୀତିଗତ ପରିବର୍ତ୍ତନ ପୂର୍ବ ଭାରତର ଅଭ୍ୟୁଦୟ ପାଇଁ ଇନ୍ଧନ ଯୋଗାଉଛି

ପୂର୍ବ ଭାରତରେ ପରିବର୍ତ୍ତନ ଆଣିବା ଲାଗି ଚାରିଟି ମୂଳ ସ୍ତମ୍ଭ ନିର୍ଦ୍ଧାରଣ କରାଯାଇଛି- କ୍ଷେତ୍ରୀୟ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା; ଭିତ୍ତିଭୂମି ଓ ଯୋଗାଯୋଗ ପ୍ରକଳ୍ପଗୁଡ଼ିକୁ ସମ୍ପ୍ରସାରଣ ଓ ତ୍ୱରାନ୍ୱିତ କରିବା;

> **ପଶ୍ଚିମବଙ୍ଗ ସବୁବେଳେ ସମୟ ଠାରୁ ଆଗରେ ଥାଏ। ଯଦି ବିଗତ ଦଶନ୍ଧିରେ ଏହା ନିଜର ବିକାଶ ଯାତ୍ରାକୁ ଗତିଶୀଳ କରି ଆଗକୁ ବଢ଼ିଥାନ୍ତା ତା'ହେଲେ କଳ୍ପନା କରନ୍ତୁ ଆଜି ବେଙ୍ଗଲ କେଉଁ ସ୍ଥାନରେ ଥାଆନ୍ତା।**
>
> **-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

ଲୋକମାନଙ୍କର ଜୀବିକାକୁ ପ୍ରୋତ୍ସାହନ ଦେଉଥିବା ପ୍ରକଳ୍ପଗୁଡ଼ିକୁ ଶୁଭାରମ୍ଭ କରିବା; ଏବଂ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବା।

ପ୍ରତି ୧୫ ଦିନରେ ଥରେ ଜଣେ କ୍ୟାବିନେଟ ମନ୍ତ୍ରୀ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗସ୍ତରେ ଯାଇ ସେଠାରେ ବିକାଶ କାର୍ଯ୍ୟ ସମୀକ୍ଷା କରୁଛନ୍ତି । ବିକାଶ ପ୍ରକ୍ରିୟା ଯେପରି ବ୍ୟାହତ ନ ହୁଏ, ତାହା ଦେଖିବା ପାଇଁ ଯୁଗ୍ମ ସଚିବ ସ୍ତରର ନୋଡାଲ ଅଧିକାରୀମାନଙ୍କୁ ମଧ ସେ ଅଞ୍ଚଳକୁ ମଧ ପଠାଯାଉଛି । ଏସବୁ ଅଧିକାରୀ ଓ ମନ୍ତ୍ରୀ ଆକାଂକ୍ଷୀ ଜିଲା ସମେତ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରଗୁଡିକୁ ନିୟମିତ ତଦାରଖ କରୁଛନ୍ତି । ଉତ୍ତର ପୂର୍ବାଞ୍ଚଳ ବିକାଶ



## ଶିକ୍ଷା ଓ କ୍ରୀଡା

**2020**
**ଡିସେମ୍ବର**

ଗୌହାଟିରେ ନୂଆ ମେଡିକାଲ କଲେଜର ଶିଳାନ୍ୟାସ । ୨୦୨୬ ପର୍ଯ୍ୟନ୍ତ ସେଠାରେ ମାତ୍ର ୬ଟି ମେଡିକାଲ କଲେଜ ଥିଲା । ୫ ବର୍ଷ ମଧ୍ୟରେ ଆଉ ୫ଟି ମେଡିକାଲ କଲେଜ ନିର୍ମିତ ହୋଇପାରିଛି ।

ଗୁଆହାଟି ଏମ୍‌ସର ନିର୍ମାଣ କାର୍ଯ୍ୟ ପୁରାଦମ୍‌ରେ ଚାଲିଛି । ପ୍ରଥମ ବ୍ୟାଚର ପିଲାଙ୍କ ପାଠପଢା ଆରମ୍ଭ ହେଲାଣି। ଚଙ୍ଗସାରିରେ ନୂଆ ଏମ୍‌ସ ନିର୍ମିତ ହେଉଛି । ଦୁଇଟି ନୂଆ ଇଂଜିନିୟରିଂ କଲେଜ ଓ ୧୬ ନୂଆ ପଲିଟେକ୍‌ନିକ ଆରମ୍ଭ ହୋଇଛି ।

ଗୁଆହାଟିର ନୂଆ ଏସ୍‌ଏଆଇ ତାଲିମ କେନ୍ଦ୍ରକୁ ସ୍ଥାନୀୟ ପ୍ରମୁଖ କ୍ରୀଡାବିତ୍‌ଙ୍କ ନାମରେ ନାମିତ କରାଯିବ ।




**୬ରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ମୋବାଇଲ ଆପ୍**

ଆସାମ ପକ୍ଷରୁ ବିଶ୍ୱବିଦ୍ୟା ମୋବାଇଲ ଆପ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି । ସିକ୍କିମ ମଧ୍ୟ ଏଡୁଟେକ୍ ଆପ୍ ମାଧ୍ୟମରେ ସବୁ ସ୍କୁଲକୁ ସଂଯୋଗ କରିଛି ।

- ମଣିପୁରର ସାମରିକ କଳା ଥାଙ୍ଗ୍‌ଟାକୁ ଜାତୀୟ ମାନ୍ୟତା ମିଳିବ । ଖେଲୋ ଇଣ୍ଡିଆ ୟୁଥ୍ ଗେମ୍‌ସରେ ଏହାକୁ ସାମିଲ କରାଯାଇଥିଲା ।
- **୨୦୨୧-୨୨ ବଜେଟରେ ପୂର୍ବାଞ୍ଚଳରେ ୩୦୪ ଏକଲବ୍ୟ ବିଦ୍ୟାଳୟ ସ୍ଥାପନର ବ୍ୟବସ୍ଥା ରହିଛି । ଏହା ଆଦିବାସୀ ବର୍ଗର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ।**
- **ଶିକ୍ଷା ମନ୍ତ୍ରଣାଳୟ ଉତ୍ତର ପୂର୍ବାଞ୍ଚଳରେ ଘରୋଇ-ସରକାରୀ ସହଭାଗିତାରେ ୩ଟି ଆଇଆଇଟି ସ୍ଥାପନ କରିଛି ।**

### ହେଲ୍‌ପ ଲାଇନ 'ଭରୋସା'

ଓଡିଶାରେ ହେଲ୍‌ପ ଲାଇନ 'ଭରୋସା' ସେବା ଆରମ୍ଭ କରାଯାଇଛି । ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପାଠପଢା ଓ ଭାବଗତ ଥଇଥାନ ସେବା ଯୋଗାଣରେ ଏହା ସାହାଯ୍ୟ କରିବ ।

ଉତ୍ତର ପୂର୍ବାଞ୍ଚଳରେ ୬୦୦୦ରୁ ଅଧିକ ଗାଁକୁ ଇଣ୍ଟରନେଟ ସଂଯୋଗ ଯୋଗାଇ ଦିଆଯାଇଛି । ସମଗ୍ର ଉତ୍ତର ପୂର୍ବାଞ୍ଚଳରେ ୨୦୦୪ ଟାୱାର ମାଧ୍ୟମରେ ୨୧୨୮ ଗାଁକୁ ଏହି ସୁବିଧା ମିଳୁଛି । ଇଣ୍ଟରନେଟ ସଂଯୋଗ ଯୋଗାଇ ଦେବା ପାଇଁ ଏହି ପଦକ୍ଷେପ ନିଆଯାଇଛି ।



ପାଇଁ ଅଞ୍ଚଳଭିତ୍ତିରେ ପ୍ରଥମ କରି ଏକ ମନ୍ତ୍ରଣାଳୟ କେନ୍ଦ୍ରରେ କାର୍ଯ୍ୟ କରୁଛି । ଏହି ଅଞ୍ଚଳ ପାଇଁ ଯେଉଁ ପାଣ୍ଠି ଯୋଗାଇ ଦିଆଯାଉଛି ତାହା ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ ନ ହେଲେ ମଧ୍ୟ ଫେରିଯିବାର ବ୍ୟବସ୍ଥା ନାହିଁ। ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅର୍ଥର ଅଭାବ ନାହିଁ। ୨୦୧୪ଠାରୁ ନିରନ୍ତରଭାବେ ବଜେଟରେ ଏହି ଅଞ୍ଚଳ ପାଇଁ ବ୍ୟୟ ବରାଦ ୧୦୦ ଶତାଂଶ ବୃଦ୍ଧି ଘଟୁଛି । ଦିଲ୍ଲୀରେ ଥିବା ଜେଏନ୍‌ୟୁରେ ପାଠପଢିବା ପାଇଁ ଏହି ଅଞ୍ଚଳର ପିଲାମାନଙ୍କ ପାଇଁ ସୁବିଧା କରାଯାଇଛି । ସେମାନଙ୍କ ରହିବା ନିମନ୍ତେ ୧୭.୫ କୋଟି ଟଙ୍କା ବ୍ୟୟରେ ଏକ ହଷ୍ଟେଲ ନିର୍ମିତ ହେଉଛି । ଏହାଛଡା ୧୧୬ କୋଟି ଟଙ୍କା ବ୍ୟୟରେ ଉତ୍ତର ପୂର୍ବାଞ୍ଚଳ କନ୍‌ଭେନସନ ସେଣ୍ଟରର ନିର୍ମାଣ କାର୍ଯ୍ୟ ଦ୍ୱାରକାଠାରେ ଚାଲିଛି ।

ଫେବୃୟାରୀ ୨୦୧୮ରେ ନୀତି ଆୟୋଗ ପକ୍ଷରୁ ଏକ ଫୋରମ୍ ଗଠନ କରାଯାଇଥିଲା । ଯାହାର ଉଦ୍ଦେଶ୍ୟ ହେଲା ଉତ୍ତର ପୂର୍ବାଞ୍ଚଳରେ ନିରନ୍ତର ବିକାଶ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା । ଏହା ନୀତି ଆୟୋଗର ପ୍ରଥମ ଆଞ୍ଚଳିକ ମଞ୍ଚ ଥିଲା । ଏଥିରେ ଆୟୋଗର ଉପାଧ୍ୟକ୍ଷ ଓ ଉତ୍ତର ପୂର୍ବାଞ୍ଚଳ ବିଭାଗ ମନ୍ତ୍ରୀ ମିଳିତଭାବେ ଅଧ୍ୟକ୍ଷତା କରିଥିଲେ । ଏଥିରେ ଉତ୍ତର ପୂର୍ବାଞ୍ଚଳର ସବୁ ପ୍ରତିନିଧି ରହିବାର ବ୍ୟବସ୍ଥା କରାଯାଇଛି । ଏହାଛଡା ଏହି ଫୋରମରେ ବିଭାଗୀୟ ମନ୍ତ୍ରଣାଳୟ ଓ ବିଭାଗର ଅଧିକାରୀଙ୍କୁ ସଦସ୍ୟଭାବେ ରଖାଯାଇଛି । ଏହାଛଡା ଉତ୍ତର ପୂର୍ବାଞ୍ଚଳର କେନ୍ଦ୍ରୀୟ ବୈଷୟିକ ଶିକ୍ଷାନୁଷ୍ଠାନର



## କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ

ଏ ଅଞ୍ଚଳର କୃଷିର ବିକାଶ ଓ ଜଙ୍ଗଲଜାତ ଦ୍ରବ୍ୟର କାରବାର ବୃଦ୍ଧି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି।

### ଉତ୍ତର ପୂର୍ବରେ କେଶର

ଭାରତର କେଶର କ୍ଷେତ୍ର ଏବେ ଉତ୍ତର ପୂର୍ବାଞ୍ଚଳକୁ ସଂପ୍ରସାରିତ ହୋଇଛି



କୃଷି ଉଡାଣ ଯୋଜନା କାର୍ଯ୍ୟକାରୀ ହୋଇଛି । ଏହାଛଡା ସପୁରି, ଅଦା, କିୱି ଓ ଅନ୍ୟାନ୍ୟ ଜୈବିକ ପଦାର୍ଥର ପରିବହନକୁ ସୁସଂହତ କରାଯାଉଛି । ଏସବୁକୁ ବାଗ୍‌ଡୋଗରା, ଗୁଆହାଟି ଏବଂ ଅଗରତଲା ବିମାନ ବନ୍ଦରରୁ ଅନ୍ୟ ସ୍ଥାନକୁ ପଠାଯାଉଛି ।

### ପ୍ରଥମ ସଂପୂର୍ଣ୍ଣ ଜୈବିକ ରାଜ୍ୟ



ସିକ୍କିମ ଦେଶର ପ୍ରଥମ ସଂପୂର୍ଣ୍ଣ ଜୈବିକ ରାଜ୍ୟ ମାନ୍ୟତା ପାଇଛି । ଏହି ରାଜ୍ୟରେ ୭୫ ହଜାର ହେକ୍ଟର ଜମିରେ ଜୈବିକ ଉପାୟରେ ଚାଷ କରାଯାଉଛି ।



**₹1000** କୋଟି ମଂଜୁର

ଚା ବଗିଚାରେ କାମ କରୁଥିବା ବିଶେଷ କରି ମହିଳା ଓ ସେମାନଙ୍କର କଲ୍ୟାଣ ପାଇଁ ଏଥର ବଜେଟରେ ଏକ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ଆସାମ ଓ ପଶ୍ଚିମବଂଗର ଚା ବଗିଚା ଶ୍ରମିକ ଏହାଦ୍ୱାରା ମୁଖ୍ୟତଃ ଉପକୃତ ହେବେ ।

- **ଅରୁଣାଚଳ ପ୍ରଦେଶର ଜିରୋ ଭ୍ୟାଲିରେ ଉତ୍ପାଦିତ ହେଉଥିବା କିୱି ଫଳକୁ ୨୦୨୦ ଅକ୍ଟୋବରରେ ଜୈବିକ ସାର୍ଟିଫିକେଟ ମିଳିଛି ।**
- **ଉତ୍ତର ପୂର୍ବାଞ୍ଚଳର ୩୫ ଭାଗ ଜମିରେ ବାଉଁଶ ଜଙ୍ଗଲ ରହିଛି । ସରକାର ୧୯୨୭ ଜଙ୍ଗଲ ଆଇନକୁ ବଦଳାଇ ବାଉଁଶକୁ ଗଛରୁ ଘାସର ମର୍ଯ୍ୟାଦା ଦେଇଛନ୍ତି । ଫଳରେ ସ୍ଥାନୀୟ ଲୋକେ ଏହାକୁ ବ୍ୟବହାର କରିପାରିବେ ।**
- **ସରକାର ୨୦୨୦ରେ ୯ଟି ରାଜ୍ୟରେ ୨୨ଟି ବାଉଁଶ କ୍ଲଷ୍ଟର ଆରମ୍ଭ କରିଛନ୍ତି । ଏହା ଜାତୀୟ ବାଉଁଶ ମିସନ ମାଧ୍ୟମରେ କାର୍ଯ୍ୟ କରୁଛି ।**

## କଳା, ସଂସ୍କୃତି, ଖାଦ୍ୟ ଓ ପର୍ଯ୍ୟଟନ




**ଆଇକନିକ୍ ପର୍ଯ୍ୟଟନୀସ୍ଥଳୀ ଯୋଜନାରେ ଦେଶର ୧୭ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରେ କାଜିରଙ୍ଗା ସ୍ଥାନିତ**

ପ୍ରତିନିଧିମାନଙ୍କୁ ସଦସ୍ୟଭାବେ ଗ୍ରହଣ କରାଯାଇଛି ।

**ଉତ୍ତର ପୂର୍ବାଞ୍ଚଳ ବିକାଶର ଇଞ୍ଜିନ**

ଆଠଟି ରାଜ୍ୟକୁ ନେଇ ଗଠିତ ଉତ୍ତର ପୂର୍ବାଞ୍ଚଳ କେବଳ ଏକ ଭୌଗୋଳିକ ପ୍ରକାଶ ନୁହେଁ । ଏହା ଦେଶର ଅଭିବୃଦ୍ଧିର ଇଂଜିନ। ଏମାନଙ୍କ ସହିତ ପଶ୍ଚିମବଂଗକୁ ମଧ୍ୟ ସାମିଲ କରାଯାଇଛି । ଏହିସବୁ ରାଜ୍ୟ ମିଶି ଭାରତର ବିକାଶ ପ୍ରକ୍ରିୟା କେବଳ ଆଗେଇ ନେଉନାହାନ୍ତି, ଦକ୍ଷିଣ ପୂର୍ବ ଏସିଆକୁ ମଧ୍ୟ ପ୍ରବେଶ ଦ୍ୱାର ଖୋଲିଛନ୍ତି। ବାଂଲାଦେଶ, ଭୁଟାନ, ମ୍ୟାଁମାର, ନେପାଳ ଓ ଚୀନ ସହିତ ଏହି ଅଞ୍ଚଳର ସୀମା ଲାଗିଥିବାରୁ ସେ ସବୁ ଦେଶ ଓ ବୃହତ୍ତର ବିଶ୍ୱ ସହିତ ସାଂସ୍କୃତିକ ଓ ବାଣିଜ୍ୟିକ କାରବାରର ପ୍ରବେଶଦ୍ୱାର ପାଲଟିଛି । ୨୦୧୪ର ଆକ୍ଟ ଇଷ୍ଟ ନୀତି ଦ୍ୱାରା ଏହି ପ୍ରକ୍ରିୟା ସୁଗମ ହୋଇଛି ।

**ପରିବେଶ ପର୍ଯ୍ୟଟନ ଦୃଷ୍ଟିରୁ ଉତ୍ତର ପୂର୍ବାଞ୍ଚଳ ବେଶ୍ ଆକର୍ଷଣୀୟ।**

ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏହି ଅଞ୍ଚଳ ପାଇଁ ୧୪୫୭ କୋଟି ଟଙ୍କାର ୧୮ଟି ପ୍ରକଳ୍ପ ମଂଜୁର କରାଯାଇଛି । ଏହି ଅଞ୍ଚଳରେ ଐତିହ୍ୟ ପର୍ଯ୍ୟଟନ ବିଶେଷ ଲୋକପ୍ରିୟ ହେଉଛି । ପର୍ଯ୍ୟଟକ ଅଧିକରୁ ଅଧିକ ସଂଖ୍ୟାରେ ଐତିହ୍ୟସ୍ଥଳୀ ଓ ପୁରୁଣା ଚା ବଗିଚା ବୁଲି ଦେଖୁଛନ୍ତି ।

"ଏକଦା ନେତାଜୀଙ୍କ ଦ୍ୱାରା ଭାରତୀୟ ସ୍ୱାଧୀନତାର ପ୍ରବେଶପଥଭାବେ ବର୍ଣ୍ଣିତ ଉତ୍ତର ପୂର୍ବାଞ୍ଚଳକୁ ଆମେ ନୂଆ ଭାରତର ପ୍ରବେଶଦ୍ୱାରର କାହାଣୀରେ ପରିଣତ କରିବା ପାଇଁ କାର୍ଯ୍ୟ କରୁଛୁ ।" - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତମ ଭିତ୍ତିଭୂମି ଯୋଗୁଁ ଆସାମ ଆତ୍ମନିର୍ଭର ଭାରତ ନିର୍ମାଣରେ ଏକ ପ୍ରମୁଖ ଚାଳକଭାବେ ଆଗେଇ




> “ଭାରତର ସ୍ୱାଧୀନତା ପାଇଁ ଉତ୍ତର ପୂର୍ବାଞ୍ଚଳ ପ୍ରବେଶ ମାର୍ଗ ଥିଲା ବୋଲି ଏକଦା ନେତାଜୀ କହିଥିଲେ। ଆମେ ବର୍ତ୍ତମାନ ଏହି ଅଞ୍ଚଳକୁ ନୂତନ ଭାରତର ବିକାଶ କାହାଣୀର ପ୍ରବେଶ ମାର୍ଗରେ ପରିବର୍ତ୍ତନ କରିବାକୁ ଯାଉଛୁ।”
>
> -ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଚାଲିଛି । ବିଗତ ଦିନରେ ଭୁପେନ ହଜାରିକା, ବଗିବିଲ ଓ ସରାଇଘାଟ ସେତୁଠାରୁ ଆରମ୍ଭ କରି ପ୍ରାୟ ୧୧ ହଜାର କିମି ସଡକ ଆସାମର ଗ୍ରାମଗୁଡିକୁ ସଂଯୋଗ କରୁଛି । ଏହାଦ୍ୱାରା ରାଜ୍ୟରେ ଯୋଗାଯୋଗ ସମସ୍ୟାରେ ଯଥେଷ୍ଟ ଉନ୍ନତି ଆସିଛି। ଆତଯାତ କ୍ଷେତ୍ରରେ ପୂର୍ବଭଳି ଲୋକେହଇରାଣ ହେଉନାହାନ୍ତି । ସଂଯୋଗ ବ୍ୟବସ୍ଥା ଫଳରେ ଉଦ୍ୟୋଗ ମଧ୍ୟ ବଢିବାରେ ଲାଗିଛି । ଏ ଅଞ୍ଚଳର ଜୈବିକ କୃଷି ଓ ପର୍ଯ୍ୟଟନ ଏକ ନୂଆ ପରିଚୟ ସୃଷ୍ଟି କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଯେଉଁ ଆଦିବାସୀ ପରିବାରମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଛନ୍ତି ସେମାନଙ୍କ ପାଇଁ ନିକଟବର୍ତ୍ତୀ ସ୍ଥାନରେ ପ୍ରୋସେସିଂ ୟୁନିଟ ସୁବିଧା ଯୋଗାଇ ଦିଆଯିବ । ଏହାଛଡା ରାଜ୍ୟରେ ବାଉଁଶ ଏବଂ ଜୈବିକ ସାମଗ୍ରୀ ପାଇଁ କ୍ଲଷ୍ଟରମାନ ନିର୍ମିତ ହେବ । ଏହା ଜୈବିକ କୃଷିର ଏକ ପେଣ୍ଠରେ ପରିଣତ ହେବ ବୋଲି ସେ କହିଛନ୍ତି । ଏହି ଅଞ୍ଚଳଟି ଦୀର୍ଘକାଳ ଧରି ଅନଗ୍ରସର ହୋଇ ପଡିରହିଥିଲା । ପୂର୍ବୋଦୟ ଯୋଜନାରେ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟା କ୍ରମେ ଏସବୁ ରାଜ୍ୟ ମୁକ୍ତିର ନୂଆ ସ୍ୱାଦ ଚାଖୁଛନ୍ତି । ଏହାଦ୍ୱାରା ଏସବୁ ରାଜ୍ୟ ସମୂହ ଆତ୍ମନିର୍ଭର ହେବା ସହିତ ନୂଆ ଭାରତ ସ୍ୱପ୍ନ ସାକାରରେ ସହାୟକ ହେବେ । ■

**ହଳଦିଆ ଠାରେ ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ।**

## କ୍ୟାବିନେଟ ନିଷ୍ପତ୍ତି

# ଆତ୍ମନିର୍ଭର ଭାରତ ଆଡେ ଅଗ୍ରସର

**ବିଭିଏଫସିଏଲକୁ ସରକାରଙ୍କ ସହାୟତା ଉତ୍ତରପୂର୍ବାଞ୍ଚଳ କ୍ଷେତ୍ରର ବିକାଶ ଓ ଅଭିବୃଦ୍ଧିକୁ ଆହୁରି ପ୍ରୋତ୍ସାହିତ କରିବ।**



**ନିଷ୍ପତ୍ତି:** ବିଭିଏଫ୍‌ସିଏଲ୍‌କୁ ସରକାରୀ ସହାୟତା ଉତ୍ତର ପୂର୍ବାଞ୍ଚଳ ଅଭିବୃଦ୍ଧି ଓ ବିକାଶରେ ସହାୟକ ହେବ । ବ୍ରହ୍ମପୁତ୍ର ଭ୍ୟାଲି ଫର୍ଟିଲାଇଜର କର୍ପୋରେସନ ଲିମିଟେଡ (ବିଭିଏଫ୍‌ସିଏଲ) ଆସାମର ନାମରୂପ ଜିଲାରେ ଅବସ୍ଥିତ । ଏହି କାରଖାନାକୁ ୧୦୦ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେବାକୁ କ୍ୟାବିନେଟରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

**ଲାଭ:**

- ମେକାନିକାଲ, ଇଲେକ୍ଟ୍ରିକାଲ, ଇନଷ୍ଟ୍ରୁମେଣ୍ଟେସନ ଓ କାଟାଲିଷ୍ଟ ସାମଗ୍ରୀଗୁଡ଼ିର କ୍ରୟ ସହିତ ପ୍ଲାଣ୍ଟଗୁଡ଼ିକର ସୁଗମ ପରିଚାଳନା ପାଇଁ ସର୍ବନିମ୍ନ ପରିଚାଳନା ମରାମତି କାର୍ଯ୍ୟ ହାତକୁ ନିଆଯାଇଛି। .
- ବିଭିଏଫସିଏଲ ନିଜର ନାମରୁପ କାରଖାନା ପରିସରରେ ନାମରୁପ-II ଏବଂ ନାମରୁପ-III ନାମରେ ଦୁଇଟି ପ୍ଲାଣ୍ଟ ପରିଚାଳନା କରୁଛି ।
- ବିଭିଏଫସିଏଲକୁ 100 କୋଟି ଟଙ୍କାର ଗ୍ରାଣ୍ଟ ଇନ୍ ଏଡ୍ ସହାୟତା ଫଳରେ ୟୁରିଆ ଉତ୍ପାଦନ କ୍ଷମତା ବାର୍ଷିକ 3.90 ଲକ୍ଷ ମେଟ୍ରିକ ଟନ୍ କୁ ବୃଦ୍ଧି ପାଇବ ଏବଂ ଏହା ଉତ୍ତରପୂର୍ବାଞ୍ଚଳ ତଥା ବିଶେଷ କରି ଆସାମର ଟା’ ଉଦ୍ୟୋଗ ଓ ସମ୍ପୂର୍ଣ୍ଣ କୃଷି କ୍ଷେତ୍ରକୁ ୟୁରିଆ ଯୋଗାଣ ସୁନିଶ୍ଚିତ କରିବ।
- ଏଠାରେ ୫୮୦ କର୍ମଚାରୀ ସ୍ଥାୟୀଭାବରେ ଏବଂ ୧୫୦୦ ଅସ୍ଥାୟୀଭାବେ କାର୍ଯ୍ୟ କରୁଛନ୍ତି । କେନ୍ଦ୍ରୀୟ ଅନୁଦାନ ଫଳରେ ଏହି କର୍ମଚାରୀମାନେ ଉପକୃତ ହେବେ ।
- ଆଧୁନିକୀକରଣ ଦ୍ୱାରା ଏହି ଶିଳ୍ପ ୨୮୦୦୦ ଲୋକଙ୍କୁ ପରୋକ୍ଷଭାବରେ ରୋଜଗାର ଯୋଗାଇ ଦେବାକୁ ସକ୍ଷମ ହେବ ।

# ବ୍ରହ୍ମପୁତ୍ରର ସଙ୍ଗୀତକାର

**ଆସାମର ଅତୁଳନୀୟ ସୌନ୍ଦର୍ଯ୍ୟ ଓ ସଂସ୍କୃତି ଏହାର ଚା, ହସ୍ତକଳା, ହସ୍ତଶିଳ୍ପ, ସିଲ୍କ ଏବଂ ଆହୁରି ଅନେକ ବିଭାବରେ ପ୍ରତିଫଳିତ । ଏହା ବ୍ୟତୀତ, ଆସାମ ମଧ୍ୟ ବିଶ୍ୱକୁ ଭୂପେନ ହଜାରିକାଙ୍କ ଭଳି ଜଣେ ଅନନ୍ୟ ପ୍ରତିଭାସମ୍ପନ୍ନ କଳାକାରଙ୍କୁ ଉପହାର ଦେଇଛି । ତାଙ୍କ ସଙ୍ଗୀତର ଧ୍ୱନି ତାଙ୍କର ପରଲୋକର ଅନେକ ବର୍ଷ ପରେ ସୁଦ୍ଧା ଅସଂଖ୍ୟ ପ୍ରଶଂସକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଛି. . .**



ଜନ୍ମ : ସେପ୍ଟେମ୍ବର ୮, 1926 ମୃତ୍ୟୁ : ନଭେମ୍ବର 5, 2011

ଭୂପେନ ହଜାରିକା ଆସାମର ସାଦିଆ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ନୀଳକଣ୍ଠ ହଜାରିକା ଓ ମାତାଙ୍କ ନାମ ଶାନ୍ତିପ୍ରିୟ ହଜାରିକା । ପିଲାଟି ଦିନରୁ ସେ ପ୍ରତିଭାବାନ ବୋଲି ନିଜକୁ ପ୍ରମାଣିତ କରିଥିଲେ ଏବଂ ମାତ୍ର ୧୦ ବର୍ଷ ବୟସରେ ସେ ତାଙ୍କ ଜୀବନର ପ୍ରଥମ ସଙ୍ଗୀତ ଗାଇଥିବା ବେଳେ ୧୩ ବର୍ଷ ବୟସରେ ତାଙ୍କର ପ୍ରଥମ ସଙ୍ଗୀତ ରେକର୍ଡ଼ କରିଥିଲେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକ ଏବଂ ପରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସେ ନ୍ୟୁୟର୍କର କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଗଣ ଯୋଗାଯୋଗରେ ନିଜର ପିଏଚଡ଼ି ହାସଲ କରିଥିଲେ । କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଗବେଷଣା କରିବା ସମୟରେ ସେ ସେ ସମୟର ପ୍ରସିଦ୍ଧ ସଙ୍ଗୀତକାର ତଥା ସିଭିଲ ରାଇଟସ୍ କର୍ମୀ ପଲ୍ ରବସନଙ୍କ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ରବସନଙ୍କ 'ଓଲ୍ଡ ମ୍ୟାନ ରିଭର'ରୁ ପ୍ରେରଣା ପାଇ ହଜାରିକା ତାଙ୍କରର "ବିସ୍ତୀର୍ଣ୍ଣ ପାରୋରେ" ସଙ୍ଗୀତ ରଚନା କରିଥିଲେ ଯାହାକି ହିନ୍ଦୀରେ ଗୁଲଜାରଙ୍କ ଦ୍ୱାରା "ଓ ଗଙ୍ଗା ବେହତୀ ହୋ କେୟୋଁ" ଭାବେ ଅନୁଦିତ ହୋଇଛି । ଏହା ପରେ ସେ ଚିକାଗୋ ବିଶ୍ୱବିଦ୍ୟାଳୟରୁ ଲିସଲେ ଫେଲୋସିପ୍ ପାଇ ସିନେମା ମାଧ୍ୟମରେ ଶିକ୍ଷା ପ୍ରକଳ୍ପର ବିକାଶ ଉପରେ ଅଧ୍ୟୟନ କରିଥିଲେ ।

ଭୂପେନ ହଜାରିକା ଜଣେ ବହୁମୁଖୀ ପ୍ରତିଭା ଏବଂ ସେ ଜଣେ ଉଚ୍ଚକୋଟୀର କବି, ସଙ୍ଗୀତକାର, ଗାୟକ, କଳାକାର, ସାମ୍ବାଦିକ, ଲେଖକ ଓ ଚଳଚ୍ଚିତ୍ର ନିର୍ମାତା । ଏହି ଆତ୍ମଘୋଷିତ ଯାଯାବର ଆସାମର ଲୋକ ପରମ୍ପରାକୁ ନିଜର ଲକ୍ଷ୍ୟ ଭାବେ ଗ୍ରହଣ କରି ସେସବୁକୁ ନିଜର ଅସଂଖ୍ୟା ସଙ୍ଗୀତ ମାଧ୍ୟମରେ ଅତି ସୁନ୍ଦର ଭାବେ ବଖାଣିଛନ୍ତି ।

ହଜାରିକାଙ୍କ ଲୋକପ୍ରିୟତା ଓ ପ୍ରସିଦ୍ଧି କେବଳ ଅହମିୟା ଭାଷା ଭିତରେ ସୀମାବଦ୍ଧ ନଥିଲା । ସେ ବଙ୍ଗଳା ଓ ହିନ୍ଦୀ ଭାଷାରେ ମଧ୍ୟ ଅନେକ ସଙ୍ଗୀତ ରଚନା କରିଥିଲେ । 'ରୁଦାଲି' ଚଳଚ୍ଚିତ୍ରରେ ତାଙ୍କର ଅବଦାନ ନିମନ୍ତେ ସେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ । ଏହି ପୁରସ୍କୃତ ଚଳଚ୍ଚିତ୍ରର "ଦିଲ୍ ହୁମ୍ ହୁମ୍ କରେ ..."ସଙ୍ଗୀତର ସ୍ୱର କୋଟି କୋଟି ଦର୍ଶକ ଓ ଶ୍ରୋତାଙ୍କ ହୃଦୟକୁ ଜିଣି ପାରିଥିଲା । ତାଙ୍କ ସଙ୍ଗୀତର ସ୍ୱର ଓ ତାଳ ଭୂପେନ୍ ସଙ୍ଗତୀ ଭାବେ ଆସାମରେ ସୁପରିଚିତ । ସେ ଆହମିୟା ଭାଷାରେ 'ଏରା ବାଟାର ସୁର', "ଶକୁନ୍ତଳା", "ପ୍ରତିଧ୍ୱନି", "ଲୋଟିଘୋଟି", " ମୋନ୍ ପ୍ରୋଜାପୋତି", "ସ୍ୱୀକାରୋକ୍ତି" ଭଳି ଅନେକ କାଳଜୟୀ ଚଳଚ୍ଚିତ୍ର ନିର୍ମାଣ , ନିର୍ଦ୍ଦେଶନା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ହିନ୍ଦୀ ଭାଷାରେ ତାଙ୍କର ପ୍ରସିଦ୍ଧ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ "ରୁଦାଲି", " ଏକ ପଲ୍", "ଦରମିୟାନ୍", "ଦମନ୍", "ପପିହା", "ସାଜ୍", "ଗଜଗାମିନୀ" ଆଦି ଅନ୍ୟତମ । ଭୂପେନ ହଜାରିକାଙ୍କ ଦ୍ୱାରା ରଚନା ଓ ଗାୟନ କରାଯାଇଥିବା ଅନେକ ସଙ୍ଗୀତ ଲୋକଗୀତ ଆକାରରେ ପ୍ରସିଦ୍ଧି ଲାଭ କରିଛି । ସାମାଜିକ ସଚେତନତା ପ୍ରସଙ୍ଗକୁ ନେଇ ସେ ଅନେକ ଗୁଡ଼ିଏ କାଳଜୟୀ ସଙ୍ଗୀତ ରଚନା ଓ ଗାଇଛନ୍ତି ।

> ୧୯୭୫ ମସିହାରେ "ଚମେଲୀ ମେମସାବ୍" ଚଳଚ୍ଚିତ୍ରରେ ଶ୍ରେଷ୍ଠ ନିର୍ଦ୍ଦେଶନା ନିମନ୍ତେ ତାଙ୍କୁ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ୧୯୯୨ ମସିହାରେ ତାଙ୍କୁ ଦାଦା ସାହେବ ଫାଲକେ ପୁରସ୍କାର ସହ ୨୦୧୯ରେ "ଭାରତ ରତ୍ନ" ସମ୍ମାନରେ ଭୂଷିତ କରାଯାଇଥିଲା ।

ତାଙ୍କର "ଦୋଲା, ଦୋଲା" ଏହିଭଳି ଏକ ସଙ୍ଗୀତ । ନିଜ ଜୀବଦ୍ଦଶା ମଧ୍ୟରେ ସେ ୧୦୦୦ରୁ ଅଧିକ ଗୀତ ଗାଇଛନ୍ତି ଓ ୧୫ଟି ପୁସ୍ତକ ରଚନା କରିଛନ୍ତି । "ଆମାର ପ୍ରତିନିଧି" ଏବଂ " ପ୍ରତିଧ୍ୱନି"ନାମକ ଦୁଇଟି ପତ୍ରିକାର ସଂପାଦନା ମଧ୍ୟ ସେ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କରିଥିଲେ । "ବ୍ରହ୍ମପୁତ୍ରର ସଙ୍ଗୀତକାର" ଭାବେ ସୁପରିଚିତ ଏହି ସୁପ୍ରସିଦ୍ଧ କଣ୍ଠଶିଳ୍ପୀଙ୍କର ସଙ୍ଗୀତର ସୁର ଏବେ ସୁଦ୍ଧା କୋଟି କୋଟି ଲୋକଙ୍କ ହୃଦୟ ତନ୍ତ୍ରୀକୁ ସ୍ପନ୍ଦିତ କରି ରଖିଛି । ତାଙ୍କର କଳା ଓ ସଙ୍ଗୀତ କ୍ଷେତ୍ରକୁ ଏଭଳି ମହନୀୟ ଅବଦାନକୁ ସ୍ୱୀକାର ପୂର୍ବକ ସରକାର ତାଙ୍କ ନାମରେ ଆସାମର ଦୀର୍ଘତମ ସେତୁର ନାମକରଣ କରିଛନ୍ତି ଏବଂ ତାହା ଭୂପେନ ହଜାରିକା ସେତୁ ନାମରେ ସୁପରିଚିତ । ■



# ଆମ ଭୂମିର ଇଞ୍ଚେ ହେଲେ କେହି ନେଇଯିବାକୁ ଦେବୁନାହିଁ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ

ଭାରତ କୌଣସି ରାଷ୍ଟ୍ରଙ୍କ ଭୂମିକୁ କେବେ ଅକ୍ତିଆର କରିବାର ନଜିର ନାହିଁ । କିନ୍ତୁ ରାଷ୍ଟ୍ର ନିଜର ସୀମାନ୍ତକୁ ସୁରକ୍ଷିତ ରଖିବାର ଦାୟିତ୍ୱକୁ ମଧ ସୁନିଶ୍ଚିତ କରିଛି ଏବଂ ଏହାର ସୁରକ୍ଷା ନିମନ୍ତେ ସକଳ ପ୍ରକାର ପଦକ୍ଷେପ ଗ୍ରହଣ କରିଆସିଛି । ଏହାର ଫଳ ସ୍ୱରୂପ ଦୀର୍ଘ ନଅ ମାସର ସାମରିକ ଉତ୍ତେଜନା ପରେ ଚୀନ୍ ଏବଂ ଭାରତ ପାଙ୍ଗଙ୍ଗ ହ୍ରଦର ଉତ୍ତର ଓ ଦକ୍ଷିଣ ପାଶ୍ୱର୍ରୁ ନିଜର ସେନା ପ୍ରତ୍ୟାହାର କରିବା ନିମନ୍ତେ ସହମତରେ ପହଞ୍ଚôଛନ୍ତି । ୨୦୨୧ ମସିହା ଫେବୃୟାରୀ ୧୧ ତାରିଖ ଦିନ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସଂସଦରେ ଏହି ସୂଚନା ଦେଇଛନ୍ତି ।

ମେ ୨୦୨୦ ଠାରୁ ଦୀର୍ଘ ନଅ ମାସ ଧରି ସୀମାନ୍ତରେ ପରସ୍ପରର ସାମ୍ନାସାମ୍ନି ହୋଇ ରହିବା ପରେ, ଭାରତ ଓ ଚୀନ୍ ପାଙ୍ଗଙ୍ଗ୍ ହ୍ରଦର ଉତ୍ତର ଓ ଦକ୍ଷିଣ ପଟୁ ସେନା ପ୍ରତ୍ୟାହାର କରିନେବାକୁ ଭାରତ ଓ ଚୀନ୍ ଏକ ରାଜିନାମାରେ ପହଞ୍ଚô ପାରିଛନ୍ତି । ଏଥି ପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ନଅ ରାଉଣ୍ଡର ବରିଷ୍ଠ କମାଣ୍ଡର ସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥି ସହ ଏଭଳି ଅଚଳାବସ୍ଥାର ଦୂରୀକରଣ ନିମନ୍ତେ ଦୁଇ ଦେଶଙ୍କ ମଧ୍ୟରେ ସମାନ୍ତରାଳ ଭାବେ କୂଟନୈତିକ ସ୍ତରରେ ଆଲୋଚନା ଜାରି ରହିଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ କେହି ହେଲେ ଭାରତର ଇଞ୍ଚେ ସୁଦ୍ଧା ଭୂମି ଜବର ଦଖଲ କରି ନେଇପାରିବ ନାହିଁ ଭଳି ନିର୍ଦ୍ଦେଶ ଅନୁସାରେ ହିଁ ଭାରତ ତା'ର ରଣନୀତି ଓ କାର୍ଯ୍ୟପନ୍ଥା ଆପଣାଇଥିଲା । ଏହି ରାଜିନାମା ଦ୍ୱାରା ଭାରତକୁ କୌଣସି କ୍ଷତି ସହ୍ୟ କରିବାକୁ ପଡ଼ିନାହିଁ ବୋଲି ସେ ଆଶ୍ୱାସନା ପ୍ରଦାନ କରିଛନ୍ତି ।

**ନିମ୍ନଲିଖିତ ପ୍ରସଙ୍ଗ ଉପରେ ଏହି ରାଜିନାମା ସ୍ୱାକ୍ଷରିତ ହୋଇଛି::**

- ଉଭୟ ପକ୍ଷ ଏକ ରାଜିନାମାରେ ପହଞ୍ଚôଛନ୍ତି ଯେ ପାଙ୍ଗଙ୍ଗ ହ୍ରଦର ଉତ୍ତର ଓ ଦକ୍ଷିଣ ପାଶ୍ୱର୍ରୁ ସେମାନେ ସେନା ପ୍ରତ୍ୟାହାର କରିନେବେ ।
- ଉଭୟ ପକ୍ଷ ପର୍ଯ୍ୟାୟକ୍ରମିକ, ସମନ୍ୱିତ ଓ ତନଖି ମୁତାବକ ସେମାନଙ୍କର ଫରୱାର୍ଡ଼ ସେନା ନିୟୋଜନକୁ ପ୍ରତ୍ୟହାର କରିବେ ।
- ଉତ୍ତର ଉପକୂଳରେ ଚୀନ ପକ୍ଷ ସେମାନଙ୍କର ସେନାଙ୍କୁ ଫିଙ୍ଗର ୮ର ପୂର୍ବ ପଟରେ ରଖିବେ ।
- ଭାରତୀୟ ସେନା ସେମାନଙ୍କର ସ୍ଥାୟୀ ବେସକୁ ଧାନ ସିଂହ ଥାପ୍ପା ପୋଷ୍ଟ ନିକଟରେ ଅବସ୍ଥାପନ କରିବେ ।
- ୨୦୨୦ ମସିହା ଏପ୍ରିଲ ମାସ ପରେ ହ୍ରଦର ଉତ୍ତର ଓ ଦକ୍ଷିଣ ପାଶ୍ୱର୍ରେ ସୀମାନ୍ତରେ ଗଢ଼ା ଯାଇଥିବା ଯେକୌଣସି ନିର୍ମାଣକୁ ହଟାଇ ନିଆଯିବ ଏବଂ ସେଠାକାର ଭୂମିର ସ୍ଥିତି ବଜାୟ ରଖାଯିବ ।



## ଆଲୋଚନା ନିମନ୍ତେ ତିନୋଟି ପ୍ରମୁଖ ନୀତି ଅବଲମ୍ବନ କରାଯିବ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ଚୀନ ସେନାଙ୍କ କାର୍ଯ୍ୟାନୁଷ୍ଠାନ ବିପକ୍ଷରେ ଭାରତୀୟ ସଶସ୍ତ୍ର ସେନା ସମାନ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଓ ସେମାନଙ୍କର ଚାଲେଞ୍ଜକୁ ପ୍ରତିହତ କରି ନିଜର ବୀରତ୍ୱ ଓ ସାହସିକତା ପ୍ରଦର୍ଶନ କରିଛନ୍ତି । ଭାରତ ଏହି କାର୍ଯ୍ୟାନୁଷ୍ଠାନରେ ତିନୋଟି ପ୍ରମୁଖ ନୀତି ଅବଲମ୍ବନ କରିଛି: ଉଭୟ ପକ୍ଷ କଡ଼ାକଡ଼ି ଭାବେ ଏଏଲସି (ବାସ୍ତବ ନିୟନ୍ତ୍ରଣ ରେଖା)କୁ ସମ୍ମାନ ଜଣାଇବେ ଓ ତାହାର ଅନୁପାଳନ କରିବେ; ଏକପାକ୍ଷିକ ଭାବେ କୌଣସି ପକ୍ଷ ଏହାର ଯଥାସ୍ଥିତିକୁ ବଦଳାଇବାର ପ୍ରୟାସ କରିବେନାହିଁ; ଏବଂ ଏହି ପରିପ୍ରେକ୍ଷୀରେ ସେମାନଙ୍କ ମଧ୍ୟରେ ହୋଇଥିବା ସକଳ ପ୍ରକାର ରାଜିନାମା ଓ ବୁଝାମଣାକୁ ଉଭୟ ପକ୍ଷ ସଂପୂର୍ଣ୍ଣ ରୂପେ ଅନୁପାଳନ କରିବେ ।

## ଚୀନ୍ ବେଆଇନ ଭାବେ ଭାରତର ୪୩,୦୦୦ ବର୍ଗ କିଲୋମିଟର କ୍ଷେତ୍ର ଅଧିକାର କରିଛି

ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ସଂସଦରେ ସୂଚନା ଦେଇଥିଲେ ଯେ ଚୀନ୍ ବେଆଇନ ଭାବେ ଲଦାଖର ୩୮,୦୦୦ ବର୍ଗ କିଲୋମିଟର କ୍ଷେତ୍ର ମୁଖ୍ୟତଃ ୧୯୬୨ ମସିହାର ଯୁଦ୍ଧ ପରେ ଅକ୍ତିଆର କରି ରଖିଛି । ପାକିସ୍ତାନ ବେଆଇନ ଭାବେ ଭାରତ ଠାରୁ ନେଇଥିବା ୫,୧୮୦ ବର୍ଗ କିଲୋମିଟର ପରିମିତ ଅଧିକୃତ କାଶ୍ମୀର କ୍ଷେତ୍ରକୁ ଚୀନକୁ ହସ୍ତାନ୍ତର କରିଛି । ଏହିଭଳି ଭାବେ ଚୀନ୍ ଭାରତର ୪୩,୦୦୦ ବର୍ଗ କିଲୋମିଟର କ୍ଷେତ୍ର ଅକ୍ତିଆର କରି ରଖିଛି । ସେହିଭଳି ଅରୁଣାଚଳ ପ୍ରଦେଶର ୯୩,୦୦୦ ବର୍ଗ କିଲୋମିଟର କ୍ଷେତ୍ର ନିଜର ବୋଲି ଚୀନ୍ ଦାବି କରୁଥିବା ପ୍ରତିରକ୍ଷା ମନ୍ତ୍ରୀ ଗୃହକୁ ସୂଚୀତ କରିଥିଲେ । ▪



# ଏରୋ ଇଣ୍ଡିଆରେ ଭାରତର ବର୍ଦ୍ଧିଷ୍ଣୁ ପ୍ରତିରକ୍ଷା କ୍ଷମତା ପ୍ରଦର୍ଶନ

**ଭାରତୀୟ ବାୟୁସେନା ନିରବଚ୍ଛିନ୍ନ ଭାବେ ତା'ର କ୍ଷମତା ବୃଦ୍ଧି କରିଚାଲିଛି । ନିଜର ଶକ୍ତି ପ୍ରଦର୍ଶନ କରିବା ସକାଶେ ପ୍ରତି ଦୁଇ ବର୍ଷରେ ଏକ ବିମାନ ଉଡାଣ ଓ ବୈମାନିକ ପ୍ରଦର୍ଶନୀର ଆୟୋଜନ କରାଯାଇଥାଏ । ସମୟ କ୍ରମେ, ଏହା ଏସିଆର ସର୍ବବୃହତ୍ ସାମରିକ ବୈମାନିକ ପ୍ରଦର୍ଶନୀ ଏବଂ ବିଶ୍ୱର ଦ୍ୱିତୀୟ ବୃହତ୍ତମ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ଏହି ପ୍ରଦର୍ଶନୀର ତ୍ରୟୋଦଶ ସଂସ୍କରଣ ୨୦୨୧ ମସିହା ଫେବୃୟାରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁଠାରେ ଆୟୋଜିତ ହୋଇଥିଲା ଏବଂ ସେଥିରେ ସମଗ୍ର ବିଶ୍ୱ ଭାରତର ବାୟୁସେନା ସାମର୍ଥ୍ୟ ଦେଖିବାକୁ ପାଇଥିଲା ।**

ଏରୋ ଇଣ୍ଡିଆର ପ୍ରଥମ ସଂସ୍କରଣ ୧୯୯୬ ମସିହାରେ ବେଙ୍ଗାଲୁରୁର ୟେଲାହାଙ୍କା ବିମାନ ଘାଟିଠାରେ ଆୟୋଜିତ ହୋଇଥିଲା । ସେହି ଦିନଠାରୁ ପ୍ରତି ଦୁଇ ବର୍ଷରେ ଥରେ ଲେଖାଏଁ ଏହି ଭବ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇ ଆସୁଛି ଏବଂ ସମୟ କ୍ରମେ ବୈଶ୍ୱିକ ସ୍ୱୀକୃତି ହାସଲ କରିଛି । ତେବେ, ଚଳିତ ବର୍ଷର ଏରୋ ଇଣ୍ଡିଆ ପ୍ରଦର୍ଶନୀ ଥିଲା ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର । ଏହାର କାରଣ, ଏହି ପ୍ରଦର୍ଶନୀରେ ବିଦେଶୀ କମ୍ପାନୀମାନେ ସେମାନଙ୍କର ପ୍ରଯୁକ୍ତି ପ୍ରଦର୍ଶନ ପାଇଁ ଆଗେଇ ଆସିଥିଲେ । ପୁଣି ସେମାନଙ୍କର ଭାରତୀୟ ପ୍ରତିପକ୍ଷ କମ୍ପାନୀମାନେ ନିଜ ନିଜର ପ୍ରଯୁକ୍ତି ଓ ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଏରୋ ଇଣ୍ଡିଆର ରୌପ୍ୟ ଜୟନ୍ତୀ ଅବସରରେ ୨୦୨୧ ମସିହାରେ ସମଗ୍ର ବିଶ୍ୱ ପ୍ରଥମ ଥର ପାଇଁ ୟେଲାହାଙ୍କା ବିମାନ ଘାଟିଠାରେ 'ମେକ୍ ଇନ୍ ଇଣ୍ଡିଆ' ଓ ଆତ୍ମନିର୍ଭରଶୀଳ ଭାରତର ସାମର୍ଥ୍ୟ ଓ ଶକ୍ତି ଦେଖିବାର ସୁଯୋଗ ପାଇଥିଲା। ଚଳିତ ବର୍ଷର ଏରୋ ଇଣ୍ଡିଆ ପ୍ରଦର୍ଶନୀର ଶୀର୍ଷକ ଥିଲା " ନିରାପତ୍ତା ଓ ସ୍ଥିରତା ନିମନ୍ତେ ଏରୋସ୍ପେସ୍ ଶକ୍ତିର କ୍ଷମତା ବୃଦ୍ଧି" । ଏରୋ ଇଣ୍ଡିଆ ପ୍ରଦର୍ଶନୀରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ କହିଥିଲେ: 'ଏହି ପ୍ରଦର୍ଶନୀରେ ୧୨୧ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିବା ବେଳେ ୧୯ଟି ପ୍ରଯୁକ୍ତି ହସ୍ତାନ୍ତର, ୪ଟି ହସ୍ତାନ୍ତରଣ, ୧୮ଟି ଉତ୍ପାଦ ଶୁଭାରମ୍ଭ ଓ ୩୨ଟି ପ୍ରମୁଖ ଘୋଷଣାନାମା ସଂପାଦନ କରାଯାଇଛି ଯାହକି ଏରୋ ଇଣ୍ଡିଆ ୨୦୨୧ର ବିପୁଳ ସଫଳତାର ନିଦର୍ଶନ ।'

## ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଦିଗରେ ଅଗ୍ରସର ହେଉଛି

ଭାରତ ବିଶ୍ୱର ସର୍ବ ବୃହତ୍ ଅସ୍ତ୍ରଶସ୍ତ୍ର ଆମଦାନିକାରୀ ରାଷ୍ଟ୍ରମାନଙ୍କ ମଧ୍ୟରୁ ଅନ୍ୟତମ । ଷ୍ଟକ୍‌ହୋମ୍ ଅନ୍ତରାଷ୍ଟ୍ରୀୟ ଶାନ୍ତି ଗବେଷଣା ପ୍ରତିଷ୍ଠାନ, ଯାହାକି ବୈଶ୍ୱିକ ନିରାପତ୍ତା ସଂପର୍କରେ ସ୍ୱାଧୀନ ଭାବେ ଗବେଷଣା କରୁଥିବା ଏକ ସଂସ୍ଥା, ଅନୁସାରେ ୨୦୧୨-୧୮ ମସିହା ମଧ୍ୟରେ ଭାରତ ବିଶ୍ୱର ପ୍ରମୁଖ ଅସ୍ତ୍ରଶସ୍ତ୍ର ଆମଦାନିକାରୀ ରାଷ୍ଟ୍ରମାନଙ୍କ ମଧ୍ୟରୁ ଅନ୍ୟତମ ଭାବେ ମୁଣ୍ଡ ଟେକିଛି । ସମଗ୍ର ବିଶ୍ୱରେ କ୍ରୟ ବିକ୍ରୟ ହେଉଥିବା ଅସ୍ତ୍ରଶସ୍ତ୍ରର ୧୩ ପ୍ରତିଶତ ଭାରତ କ୍ରୟ କରିଥାଏ । କିନ୍ତୁ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ଏବେ ସରକାର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ସ୍ଥିର କରିଛନ୍ତି ।

# ୮୩ଟି ତେଜସ୍ ବିମାନ ପାଇଁ 'ହାଲ୍' ସହିତ ଚୂଡ଼ାନ୍ତ ଚୁକ୍ତିନାମା


ଏରୋ ଇଣ୍ଡିଆ ପ୍ରଦର୍ଶନୀର ଉଦ୍ଘାଟନୀ ଉତ୍ସବରେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ) କୁ ୮୩ଟି ହାଲୁକା ଲଢୁଆ ବିମାନ 'ତେଜସ୍' ପାଇଁ ଚୁକ୍ତିନାମା କରାଯାଇଛି । ସେଥିମଧ୍ୟରୁ ୭୩ଟି ଏଲସିଏ ତେଜସ୍ ଏମକେ୧ଏ ଫାଇଟର ବିମାନ ହେବ ଏବଂ ଅନ୍ୟ ୧୦ଟି ଏଲସିଏ ତେଜସ୍ ଏମକେ-୧ ଟ୍ରେନର ବିମାନ ହେବ । ୪୮,୦୦୦ କୋଟି ଟଙ୍କାର ଏହି ପ୍ରତିରକ୍ଷା ଚୁକ୍ତି ନିଜସ୍ୱ ଭାବେ ଉତ୍ପାଦିତ ପ୍ରତିରକ୍ଷା ସାମଗ୍ରୀର ଏଯାବତ୍ ସର୍ବବୃହତ୍ ଅର୍ଡ଼ର ବୋଲି ବିବେଚନା କରାଯାଉଛି । ଏମଏସଏମଇ ସଂସ୍ଥାମାନେ ମଧ୍ୟ ଏରୋ ଇଣ୍ଡିଆ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ସହ ୨୦୩ କୋଟି ଟଙ୍କାର ଅର୍ଡ଼ର ସଂଗ୍ରହ କରିଛନ୍ତି ।

## ଏରୋ ଇଣ୍ଡିଆ ୨୦୨୧: ବିଶ୍ୱର ସର୍ବବୃହତ୍ ହାଇବ୍ରିଡ୍ ବିମାନ ପ୍ରଦର୍ଶନୀ

ଏରୋ ଇଣ୍ଡିଆ ୨୦୨୧ ନିଜସ୍ୱ ଢଙ୍ଗରେ ବିଶ୍ୱର ପ୍ରଥମ ହାଇବ୍ରିଡ୍ ଏୟାର ସୋ ଭାବେ ନିଜକୁ ସୁପରିଚିତ କରିପାରିଛି । ବର୍ତ୍ତମାନ ସୁଦ୍ଧା ଯେଉଁମାନେ କେବଳ ଏଠାରେ ଉପସ୍ଥିତ ରହି ଏହି ବିମାନ ଉଡାଣର ଚିତ୍ତାକର୍ଷକ ପ୍ରଦର୍ଶନ ଦେଖିଛନ୍ତି ସେମାନେ ହିଁ ଏହାର ପ୍ରକୃତ ମଜା ନେଇଛନ୍ତି । କିନ୍ତୁ ଚଳିତ ଥର, ଦର୍ଶକମାନେ କେବଳ ଭର୍ଚୁଆଲ ମୋଡରେ ହିଁ ଏହି ପ୍ରଦର୍ଶନୀ ଦେଖିପାରିଥିଲେ । କୋଭିଡ଼ ୧୯ ଜନିତ କଟକଣା ଯୋଗୁ ଅନେକ ଲୋକ ଏହି ପ୍ରଦର୍ଶନୀକୁ ଆସିପାରିନଥିଲେ । ତଥାପି ଭର୍ଚୁଆଲ ମୋଡରେ ୩୩୮ଟି ବିଦେଶୀ କମ୍ପାନୀ ଏଥିରେ ସାମିଲ ହୋଇଥିଲେ ।

## ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ


ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରେରିତ ହୋଇ ଆତ୍ମନିର୍ଭର ଭାରତ ନିମନ୍ତେ ଦିଆଯାଇଥିବା ଆହ୍ୱାନରେ ଏହି ଏୟାର ସୋରେ ହୋଇଥିବା ଉଡାଣରେ ଅନେକ ବୈଶିଷ୍ଟ୍ୟ ପ୍ରଦର୍ଶିତ ହୋଇଥିଲା ।ଏଥିରେ ଭାରତର ଅତ୍ୟାଧୁନିକ ବୈମାନିକ ଜ୍ଞାନ କୌଶଳ ସହିତ ଏରୋସ୍ପେସ୍ କ୍ଷେତ୍ରରେ ଦେଶର ଦକ୍ଷତା ପ୍ରଦର୍ଶିତ ହୋଇଥିଲା । "ହାଲ୍"ର 'ଆତ୍ମନିର୍ଭର ଭାରତ ଫର୍ମେସନ୍ ଫ୍ଲାଇଟ' ଉଡାଣ ପ୍ରଦର୍ଶନକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ଏଥିରେ ଏଲସିଏ ଟ୍ରେନର (ଲିଫ୍ଟ ଟ୍ରେନର), ଏଚଟିଟି- ୪୦, ଆଇଜେଟି, ଆଡ଼ଭାନ୍ସଡ଼ ହକ୍ ଏମକେ ୧୩୨ ଏବଂ ସିଭିଲ ଡୁ-୨୨୮ ଭଳି ବିମାନ ଓ ହେଲିକପ୍ଟର ଅଂଶଗ୍ରହଣ କରିଥିଲେ । ସେମାନେ ଏକ ବିଶେଷ ଦଳ ଗଠନ କରି ସାମୂହିକ ଭାବେ ଆକାଶରେ ଆକର୍ଷଣୀୟ ଉଡାଣ ଦେଖାଇଥିଲେ । ଏହା ବ୍ୟତୀତ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର, ସୁଖୋଇ ସୁ-୩୦ଏମକେଆଇ ଲଢୁଆ ବିମାନ, ଅତ୍ୟାଧୁନିକ ଲାଇଟ୍ ହେଲିକପ୍ଟର ଧ୍ରୁବ, ହାଲୁକା ଲଢୁଆ ହେଲିକପ୍ଟର ଏବଂ ହାଲୁକା ବ୍ୟବହାରିକ ହେଲିକପ୍ଟରମାନେ ମଧ୍ୟ ଏହି ବିମାନ ପ୍ରଦର୍ଶନୀରେ ସାମିଲ ହୋଇଥିଲେ ।



## ତାମିଲ ନାଡୁ

**ପ୍ରତିରକ୍ଷା ଶିଳ୍ପ କରିଡୋର**

ଚେନ୍ନାଇ, କୋଏମ୍ବାଟୁର, ହୋସୁର, ସାଲେମ ଓ ତିରୁଚିରାପଲ୍ଲୀକୁ ଏଥିପାଇଁ ଚିହ୍ନଟ କରାଯାଇଛି ।



## ଉତ୍ତର ପ୍ରଦେଶ

**ପ୍ରତିରକ୍ଷା ଶିଳ୍ପ କରିଡୋର**

ଲକ୍ଷ୍ନୌ, କାନପୁର, ଝାନସୀ, ଆଗ୍ରା, ଆଲିଗଡ଼, ଚିତ୍ରକୂଟକୁ ଦ୍ୱିତୀୟ ଶିଳ୍ପ କରିଡୋର ଭାବେ ଚୟନ କରାଯାଇଛି । ଏହାକୁ ବୁନ୍ଦେଲଖଣ୍ଡ କ୍ଷେତ୍ରର ଅଂଶବିଶେଷ ଭାବେ ସାମିଲ କରାଯାଇଛି ।

## ଏହିସବୁ କରିଡୋରର ଗୁରୁତ୍ୱ:

ଭାରତ କେବଳ ପ୍ରତିରକ୍ଷା ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଉତ୍ପାଦନ ବୃଦ୍ଧି ଦିଗରେ କାର୍ଯ୍ୟ କରୁନାହିଁ ଅପରନ୍ତୁ ଏହିସବୁ ସାମଗ୍ରୀର ରପ୍ତାନୀ ପାଇଁ ଶିଳ୍ପ ବୃଦ୍ଧି କରୁଛି । ଏହିସବୁ କରିଡୋର ଏହି ଦିଗରେ ସହାୟକ ହେବ । ଏହା ମଧ୍ୟ ବୈଶ୍ୱିକ ବଜାରରେ ଯୋଗାଣ ଚେନକୁ ସୁନିଶ୍ଚିତ କରିବାରେ ସହାୟକ ହେବ ।ଏହିସବୁ କରିଡୋର ସ୍ଥାପିତ ହେବାପରେ ତାହା ନିଜସ୍ୱ ଉତ୍ପାଦନକୁ ତ୍ୱରାନ୍ୱିତ କରିବ ଯଦ୍ୱାରା ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ଉପରେ ନିର୍ଭରଶୀଳତାକୁ କମାଇବ ଓ ରପ୍ତାନୀକୁ ପ୍ରୋତ୍ସାହିତ କରିବ ।

## ଏଥିରୁ କି ପ୍ରତ୍ୟାଶା ରହିଛି ?

୨୦୨୫ ମସିହା ସୁଦ୍ଧା ଭାରତ ଘରୋଇ ଭାବେ ୨୫ ବିଲିଅନ ଡଲାର ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଘରୋଇ ଭାବେ ଉତ୍ପାଦନ କରିବାର ଲକ୍ଷ୍ୟ ରଖିଛି ।ଏହି ଲକ୍ଷ୍ୟ ହାସଲ କରିବା ନିମନ୍ତେ ଏହିସବୁ କରିଡୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ତଥା ପ୍ରତିରକ୍ଷା ଉତ୍ପାଦନ ସାମର୍ଥ୍ୟ ବୃଦ୍ଧି କରିବ । ଏହା ଫଳରେ ଭାରତ ଦୁଇଟି ଲକ୍ଷ୍ୟ ଏକାସଙ୍ଗେ ହାସଲ କରିବ । ତାହା ହେଲା – ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦକ ହେବ ଏବଂ ଭବିଷ୍ୟତରେ ନିଜସ୍ୱ ଉତ୍ପାଦିତ ଅସ୍ତ୍ରଶସ୍ତ୍ର ବିଦେଶକୁ ରପ୍ତାନୀ କରିପାରିବ । ■



# ବନ୍ୟପ୍ରାଣୀ ସୁରକ୍ଷା, ଭାରତର ସୁରକ୍ଷା

ବିଂଶ ଶତାବ୍ଦୀ ଶେଷ ବେଳକୁ ଏକ ଶିଙ୍ଗଯୁକ୍ତ ଗଣ୍ଡା ବିଲୁପ୍ତିର ଦ୍ୱାରଦେଶରେ ପହଂଚି ସାରିଥିଲେ । ଦେଶର ଜଙ୍ଗଲ କ୍ଷେତ୍ରରେ ସେମାନଙ୍କ ସଂଖ୍ୟା ମାତ୍ର ୨୦୦ରୁ କମ୍ ଥିଲା । କିନ୍ତୁ, ସରକାରଙ୍କ ଦ୍ୱାରା ସମୟୋଚିତ ପଦକ୍ଷେପ ଗ୍ରହଣ ଏବଂ କଠୋର ସୁରକ୍ଷା ବ୍ୟବସ୍ଥା ଓ ପରିଚାଳନା ଦ୍ୱାରା ଏହି ଗଣ୍ଡାଙ୍କ ସଂଖ୍ୟା ଏବେ ପୁଣି ଥରେ ବୃଦ୍ଧି ପାଇବାରେ ଲାଗିଛି । ଏବେ ସମଗ୍ର ବିଶ୍ୱରେ ଯେତିକି ସଂଖ୍ୟାରେ ଏହି ପ୍ରାଣୀ ରହିଛନ୍ତି ସେମାନଙ୍କ ଭିତରୁ କେବଳ ଭାରତରେ ୭୫ ପ୍ରତିଶତ ଗଣ୍ଡା ଅଛନ୍ତି । ସେହିଭଳି ଚିତାବାଘ, ସିଂହ ଓ ବାଘମାନଙ୍କ ସଂଖ୍ୟା ମଧ୍ୟ ଦେଶରେ ବୃଦ୍ଧି ପାଇଚାଲିଛି ।

ବନ୍ୟପ୍ରାଣୀମାନଙ୍କ ପାଇଁ ମନରେ ସମ୍ମାନବୋଧ ହେଉଛି ପ୍ରାଚୀନ ଭାରତୀୟ ସଂସ୍କୃତି ତଥା ମୂଲ୍ୟବୋଧର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଜଙ୍ଗଲକ୍ଷେତ୍ର ଓ ଏଥିରେ ବସବାସ କରୁଥିବା ଜୀବଜନ୍ତୁମାନଙ୍କ ସୁରକ୍ଷାକୁ ରାଷ୍ଟ୍ର ଉପଯୁକ୍ତ ସମ୍ମାନ ପ୍ରଦାନ କରେ ଯାହାକି ଜୀବଜଗତରେ ସନ୍ତୁଳନ ରକ୍ଷା, ଆନୁବଂଶିକ, ସାମାଜିକ, ଆର୍ଥିକ, ବୈଜ୍ଞାନିକ, ଶୈକ୍ଷିକ, ସାଂସ୍କୃତିକ, ଅବସର ବିନୋଦନ ଓ ନାନ୍ଦନିକ କ୍ଷେତ୍ର ପାଇଁ ମଧ୍ୟ ସମାନୁପାତିକ ଭାବେ ଗୁରୁତ୍ୱପୂର୍ଣ୍ଣ । ପୋଷଣୀୟ ବିକାଶ ନିମନ୍ତେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଅତୀବ ଗୁରୁତ୍ୱପୂର୍ଣ୍ଣ । ତେବେ, ନାନାଦି କାରଣରୁ, ଅନେକ ପ୍ରାଣୀ ଏବେ ବିଲୁପ୍ତି ଆଡ଼କୁ ମୁହାଇଛନ୍ତି । ସରକାର ସେମାନଙ୍କ ସୁରକ୍ଷା ଓ ବଂଶବୃଦ୍ଧି ନିମନ୍ତେ ନିରବଛିନ୍ନ ଭାବେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଚାଲିଛନ୍ତି ଯଦ୍ୱାରା ଏଭଳି ଅବଲୁପ୍ତ ପ୍ରାଣୀମାନେ ଧ୍ୱଂସ ମୁଖରୁ ବର୍ତ୍ତିଯାଇପାରିବେ । ଏଭଳି ସୁରକ୍ଷା କାର୍ଯ୍ୟକ୍ରମରେ ଅନ୍ୟୁନ ୨୨ କିସମର ବନ୍ୟପ୍ରାଣୀଙ୍କୁ ସାମିଲ କରାଯାଇଛି। ଭାରତରେ ଏବେ ଚିତାବାଘ, ସିଂହ ଓ ବାଘଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ଏବଂ ଏହାକୁ ସରକାରଙ୍କ ବନ୍ୟପ୍ରାଣୀ ସୁରକ୍ଷା ପ୍ରୟାସର ନମୁନା ଭାବେ ଗ୍ରହଣ କରାଯାଇପାରେ । ଆଜି ଯେତେବେଳେ ସାରା ଦୁନିଆ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ରୂପେ ପାଳନ କରୁଛି ଭାରତର ପ୍ରଗତିଶୀଳ ବନ୍ୟପ୍ରାଣୀ ସମ୍ପଦର ସ୍ଥିତି ଏହିଭଳି ରହିଛି ।



## ଚିତାବାଘ

ମୋଟ ସଂଖ୍ୟା

**12,852**

ଯାହା ଡିସେମ୍ବର, ୨୦୨୦ ପର୍ଯ୍ୟନ୍ତ ସ୍ଥିତି

## ଚିତାବାଘ ସଂଖ୍ୟାରେ ୬୦ ପ୍ରତିଶତ ଅଭିବୃଦ୍ଧି

- ୨୦୧୪ ମସିହାରେ ସେମାନଙ୍କ ଆନୁମାନିକ ସଂଖ୍ୟା ୭,୯୧୦ ଥିଲା ।
- ମଧ୍ୟ ପ୍ରଦେଶ, କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ଯଥାକ୍ରମେ ଚିତାବାଘଙ୍କ ସଂଖ୍ୟା ୩,୪୨୧, ୧,୭୮୩ ଏବଂ ୧,୬୯୦ ବୋଲି ଆକଳନ କରାଯାଇଛି ।

## ସିଂହ

- ପୂର୍ବରୁ ୨୦୧୫ରେ ବିକାଶ ହାର ୨୭ ପ୍ରତିଶତ ଥିବାବେଳେ ବର୍ତ୍ତମାନ ତାହା ୨୮.୮୭ ପ୍ରତିଶତକୁ ବୃଦ୍ଧି ପାଇଛି
- ୨୦୧୫ ମସିହାରେ ସିଂହମାନଙ୍କ ବିଚରଣ କ୍ଷେତ୍ର ୨୨,୦୦୦ ବର୍ଗ କିଲୋମିଟ ଥିବାବେଳେ ୨୦୨୦ ମସିହାରେ ତାହା ୩୦,୦୦୦ ବର୍ଗ କିଲୋମିଟରକୁ ବୃଦ୍ଧି ପାଇଛି- ଅର୍ଥାତ୍, ଏଥିରେ ୩୬ ପ୍ରତିଶତ ଅଭିବୃଦ୍ଧି ଘଟିଛି
- ୨୦୧୮ ମସିହା ଠାରୁ ସରକାର ଏସୀୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଆରମ୍ଭ କରିଛନ୍ତି।

**ମୋଟ ସଂଖ୍ୟା**

**674**

୨୦୨୦ ମସିହାରେ କରାଯାଇଥିବା ଗଣନାର ତଥ୍ୟ ଅନୁସାରେ

## ବାଘ



ବାଘଙ୍କ ସଂଖ୍ୟାରେ ଦେଶରେ ୩୩ ପ୍ରତିଶତ ବୃଦ୍ଧି ଘଟିଛି

- ୨୦୧୮ ମସିହାର ଗଣନା ଅନୁସାରେ, ଭାରତରେ ବ୍ୟାଘ୍ର ସଂଖ୍ୟା ୨,୯୬୭କୁ ବୃଦ୍ଧି ପାଇଛି ।
- ମଧ୍ୟ ପ୍ରଦେଶରେ ସର୍ବାଧିକ ୫୨୬ ବ୍ୟାଘ୍ର ଥିବା ଗଣନାରୁ ଜଣାପଡ଼ିଛି । ଏହା ପଛକୁ କର୍ଣ୍ଣାଟକରେ ୫୨୪ ଓ ଉତ୍ତରାଖଣ୍ଡରେ ୪୪୨ଟି ବ୍ୟାଘ୍ର ରହିଛନ୍ତି।
- ଭାରତ ତା'ର ସେଣ୍ଟ ପିଟର୍ସବର୍ଗ ଘୋଷଣାନାମାର ପ୍ରତିବଦ୍ଧତାକୁ ୨୦୨୨ର ଚୂଡ଼ାନ୍ତ ସମୟସୀମାର ଢ଼େର୍ ପୂର୍ବରୁ ସାକାର କରିପାରିଛି ।
- ୨୦୧୮ ମସିହାରେ ଜାତୀୟ ବ୍ୟାଘ୍ର ଗଣନାରେ ଏକ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼ ସ୍ଥାପିତ ହୋଇଛି ଯେଉଁଥିରେ ବାଘ ଗଣନା ନିମନ୍ତେ ବିଶ୍ୱର ସର୍ବାଧିକ କ୍ୟାମେରା ବ୍ୟବହାର କରାଯାଇଥିଲା ।
- ସମଗ୍ର ବିଶ୍ୱରେ ଏବେ ଯେତିକି ବ୍ୟାଘ୍ର ଅଛନ୍ତି ସେଥି ମଧ୍ୟରୁ ୭୦ ପ୍ରତିଶତରୁ ଅଧିକ କେବଳ ଭାରତରେ ହିଁ ଥିବା ଜଣାପଡ଼ିଛି ।





"ଭାରତରେ ବିଶ୍ୱର ମୋଟ ସଂଖ୍ୟାର ୭୦ ପ୍ରତିଶତ ବାଘ, ୭୦ ପ୍ରତିଶତ ଏସୀୟ ସିଂହ ଏବଂ ୬୦ ପ୍ରତିଶତରୁ ଅଧିକ ଚିତା ବାଘ ଆମ ସମୃଦ୍ଧ ଜୈବ ବିବିଧତାର ନିଦର୍ଶନ । କାରଣ ଏହି ପ୍ରାଣୀମାନେ ଜୈବ ଖାଦ୍ୟ ଶୃଙ୍ଖଳର ଶୀର୍ଷରେ ରହିଥାନ୍ତି ଏବଂ ଏମାନଙ୍କର ବର୍ଦ୍ଧିଷ୍ଣୁ ସଂଖ୍ୟା ସମଗ୍ର ଜୈବ ପରିସଂସ୍ଥାନର ସନ୍ତୁଳନକୁ ଦର୍ଶାଉଛି ।"

**ପ୍ରକାଶ ଜାଭଡେକର**
କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ

## ମାନବ- ବ୍ୟାଘ୍ର ବିବାଦର ମୁକାବିଲା

ଜାତୀୟ ବନ୍ୟପ୍ରାଣୀ ବୋର୍ଡର ସ୍ଥାୟୀ କମିଟି ୨୦୨୧ ମସିହା ଜାନୁଆରୀ ମାସରେ ଦେଶରେ ମାନବ- ବ୍ୟାଘ୍ର ବିବାଦ ପରିଚାଳନା ସଂପର୍କୀତ ପରାମର୍ଶକୁ ସ୍ୱୀକୃତି ପ୍ରଦାନ କରିଛି । ଏହା ମାନବ- ବ୍ୟାଘ୍ର ବିବାଦ ପରିସ୍ଥିତିର ମୁକାବିଲା ନିମନ୍ତେ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କୁ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛି ।

### ୨୨ଟି ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସରକାର ଏକ ରିକଭରୀ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଛନ୍ତି

ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଥିବା ଅତି ଜଟିଳ ୨୨ଟି ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସରକାର ଏକ ରିକଭରୀ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଛନ୍ତି । ୨୦୨୧ ମସିହା ଜାନୁଆରୀ ମାସରେ ଏକ ମଧ୍ୟମ ଧରଣର ବନ୍ୟବିରାଡ଼ି ଜାତୀୟ ପ୍ରାଣୀ, କାରାକାଲକୁ ଏହି ଜଟିଳ ବିଲୁପ୍ତପ୍ରାୟ ବନ୍ୟପ୍ରାଣୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି ଯଦ୍ୱାରା ସେମାନଙ୍କ ସୁରକ୍ଷା ସହ ବଂଶବୃଦ୍ଧି ଘଟିପାରିବ । ସେହିଭଳି ତୁଷାର ଚିତାବାଘ, ବଷ୍ଟାର୍ଡ (ଫ୍ଲୋରିକାନଙ୍କ ସମେତ), ଡଲଫିନ୍, ହଙ୍ଗୁଲ, ନୀଳଗିରି ତାହର, ସାମୁଦ୍ରିକ କଇଁଛ, ଏସୀୟ ଅରଣା ମଇଁଷି, ନିକୋବର ମେଗାପୋଡ଼, ମଣିପୁର ବ୍ରୋ- ଆଣ୍ଟେଲାର୍ଡ ହରିଣ, ଶାଗୁଣା, ମାଲାବାର ସିଭାଟ, ଏକ ଶିଙ୍ଗଯୁକ୍ତ ଗଣ୍ଡା, ଏସୀୟ ସିଂହ, କର୍ଦ୍ଦମ ଭୂମିରେ ବସବାସ କରୁଥିବା ହରିଣ, ଜେର୍ଡ଼ୋନ କୋର୍ସର, ଉତ୍ତର ଭାରତୀୟ ନଦୀ ଟେରାପିନ, କ୍ଲାଇଡେଡ୍ ଚିତାବାଘ, ଆରବ ସାଗର କୁଜଯୁକ୍ତ ତିମି ଓ ଲାଲ ପାଣ୍ଡା ଆଦି ସାମିଲ ।

**ଉତ୍ତମ ପରିଚାଳନାଯୁକ୍ତ ସଂରକ୍ଷିତ କ୍ଷେତ୍ରକୁ ସରକାର ରାଙ୍କ ନିର୍ଦ୍ଧାରଣ ଓ ପୁରସ୍କୃତ କରିବେ**

୨୦୨୧ ମସିହା ଠାରୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୧୦ଟି ଶ୍ରେଷ୍ଠ ଜାତୀୟ ଉଦ୍ୟାନ, ୫ଟି ତଟୀୟ ଓ ସାମୁଦ୍ରିକ ପାର୍କ ଓ ୫ଟି ଶ୍ରେଷ୍ଠ ଚିଡ଼ିଆଖାନାର ରାଙ୍କ ପ୍ରସ୍ତୁତ କରିବା ସହ ସେମାନଙ୍କୁ ପୁରସ୍କୃତ କରିବେ । ସେହିଭଳି ଦେଶର ୧୪୬ଟି ଜାତୀୟ ପାର୍କ ଓ ବନ୍ୟପ୍ରାଣୀ ଅଭୟାରଣ୍ୟର ପରିଚାଳନା ସକ୍ରିୟତା ମୂଲ୍ୟାୟନ (ଏମଇଇ) ଜାରି କରିଛନ୍ତି ।

**ସଂରକ୍ଷିତ କ୍ଷେତ୍ର ସଂଖ୍ୟା ବୃଦ୍ଧି**

ଦେଶର ଜଙ୍ଗଲ କ୍ଷେତ୍ର ପରିମାଣ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଛି । ସେହିଭଳି ସଂରକ୍ଷିତ କ୍ଷେତ୍ର ସଂଖ୍ୟା ମଧ ବଢ଼ିଛି। ୨୦୧୪ ମସିହାରେ ଦେଶରେ ୭୪୨ଟି ସଂରକ୍ଷିତ କ୍ଷେତ୍ର ଥିବାବେଳେ ୨୦୧୯ ମସିହାରେ ତାହା ୮୭୦କୁ ବୃଦ୍ଧି ପାଇଛି। ସେହିଭଳି ୨୦୧୪ ମସିହାରେ ଗୋଷ୍ଠୀ ରିଜର୍ଭ ସଂଖ୍ୟା ୪୩ ରହିଥିବାବେଳେ ୨୦୧୯ ତାହା ୧୦୦ ଛୁଇଁଛି ।

## ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ପ୍ରୟାସ

**ଭାରତୀୟ ଗଣ୍ଡା ଭିଜନ (ଆଇଆରଭି) ୨୦୨୦ କାର୍ଯ୍ୟକ୍ରମ:** ଦେଶରେ ବର୍ତ୍ତମାନ ଥିବା ଗଣ୍ଡାମାନଙ୍କ ସଂଖ୍ୟାକୁ ସୁରକ୍ଷିତ ରଖିବା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରାଣୀଙ୍କ ସଂଖ୍ୟା ଓ ବ୍ୟାପ୍ତି ବୃଦ୍ଧି ନିମନ୍ତେ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ସମ୍ପ୍ରତି ଦେଶରେ ଥିବା ମୋଟ ଗ୍ରେଟର ଏକ ଶିଙ୍ଗଯୁକ୍ତ ଗଣ୍ଡାମାନଙ୍କ ମଧ୍ୟରୁ ପ୍ରାୟ ୭୫ ଭାଗ କେବଳ ଆସାମ, ଉତ୍ତର ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ହିଁ ଦେଖାଯାଇଥାନ୍ତି ।

**ଡଲଫିନ୍ ପ୍ରକଳ୍ପ:** ୨୦୨୦ ମସିହାରେ ଏହି କାର୍ଯ୍ୟକ୍ରମର ଘୋଷଣା କରାଯାଇଥିଲା ଏବଂ ତାହା ଉଭୟ ନଦୀ ଓ ସାମୁଦ୍ରିକ ଡଲଫିନମାନଙ୍କ ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ । ସରକାର ନଦୀରେ ଦୃଶ୍ୟ ହେଉଥିବା ଡଲଫିନଙ୍କୁ ରାଷ୍ଟ୍ରୀୟ ଜଳଚର ପ୍ରାଣୀର ମାନ୍ୟତା ପ୍ରଦାନ କରିଛନ୍ତି । ନଦୀୟ ଡଲଫିନମାନଙ୍କ ଉପରେ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀର ମୁଖ୍ୟ ଧାରରେ ଦୃଶ୍ୟ ହେଉଥିବା ଡଲଫିନଙ୍କ ସଂଖ୍ୟା ସ୍ଥିର ରହିଛି । ଅବଶ୍ୟ ଏହାର ଉପନଦୀମାନଙ୍କରେ ଦେଖାଯାଉଥିବା ଡଲ୍ଫିନଙ୍କ ସଂଖ୍ୟା ହ୍ରାସ ପାଇଛି । ନଦୀୟ ଡଲଫିନଙ୍କ ସୁରକ୍ଷା ପାଇଁ ଗୃହୀତ ସଂରକ୍ଷଣ ବିକାଶ କାର୍ଯ୍ୟ ଯୋଜନା ଅଧୀନରେ ଗାଙ୍ଗେୟ ନଦୀ ଡଲଫିନ ଯାହାକି ଗଙ୍ଗା ନଦୀରେ ହିଁ ଦୃଶ୍ୟ ହୋଇଥାନ୍ତି ସେମାନେ ହେଉଛନ୍ତି ଏହି ନଦୀର ମୁଖ୍ୟ ଜଳଚର ଜୀବ ଓ ସେମାନଙ୍କ ନିମନ୍ତେ ସଂରକ୍ଷିତ କ୍ଷେତ୍ର ବିଜ୍ଞପିତ କରାଯାଇଛି ।

**ରାଷ୍ଟ୍ରୀୟ ସାମୁଦ୍ରିକ କଇଁଛ କାର୍ଯ୍ୟ ଯୋଜନା:** ଭାରତରେ ସାମୁଦ୍ରିକ କଇଁଛମାନଙ୍କ ସୁରକ୍ଷା ନିମନ୍ତେ ୨୦୨୧ ମସିହା ଜାନୁଆରୀ ମାସରେ ସରକାର 'ରାଷ୍ଟ୍ରୀୟ ସାମୁଦ୍ରିକ କଇଁଛ କାର୍ଯ୍ୟ ଯୋଜନା' ଘୋଷଣା କରିଛନ୍ତି । ଏହି କାର୍ଯ୍ୟ ଯୋଜନା ପଛରେ ଥିବା ଆଭିମୁଖ୍ୟଟି ହେଲା, ସାମୁଦ୍ରିକ କଇଁଛ ଏବଂ ସେହିଭଳି ଅନ୍ୟାନ୍ୟ ପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ଏକ ସୁସ୍ଥ ସାମୁଦ୍ରିକ ପରିବେଶ ସୃଷ୍ଟି କରିବା ଯାହାକି ସମନ୍ୱିତ ଓ ସହଭାଗୀତା ମାଧ୍ୟମରେ ବ୍ୟବସ୍ଥା ଗ୍ରହଣ କରାଯିବ ।

**ତୁଷାର ଚିତାବାଘ ପ୍ରକଳ୍ପ:** ଭାରତର ବରଫାବୃତ କ୍ଷେତ୍ରରେ ଦୃଶ୍ୟ ହେଉଥିବା ଚିତାବାଘଙ୍କ ସଂରକ୍ଷଣ ଏବଂ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କରିଛି । ସରକାର ତୁଷାର ଚିତାବାଘ ସଂରକ୍ଷଣଙ୍କ ଆବାସସ୍ଥଳୀର ପୁନଃସଂରକ୍ଷଣ ଏବଂ ଏଥିନିମନ୍ତେ ପ୍ରାକୃତିକ ପରିବେଶ ଆଧାରିତ ସହଭାଗୀ ପରିଚାଳନା ବ୍ୟବସ୍ଥା ପ୍ରବର୍ତ୍ତନ କରୁଛି । ତୁଷାର ଚିତାବାଘ ଓ ସେମାନଙ୍କ ଆବାସସ୍ଥଳୀର ସଂରକ୍ଷଣ କରାଯିବା ଦ୍ୱାରା ହିମାଳୟରୁ ଉଦ୍ଭବ ନଦୀଗୁଡ଼ିକର ପ୍ରମୁଖ ପ୍ରାଣୀ ଓ ଜୀବ ସଂରକ୍ଷିତ ହେବା ଦିଗରେ ଏହା ସହାୟକ ହେବ। ସୁଉଚ୍ଚ ହିମାଳୟ କ୍ଷେତ୍ରରେ ଦୃଶ୍ୟ ଏହି ତୁଷାର ଚିତାବାଘଙ୍କୁ ସରକାର ଫ୍ଲାଗସିପ୍ ପ୍ରାଣୀର ମାନ୍ୟତା ପ୍ରଦାନ କରିଛନ୍ତି ।



**ହସ୍ତୀ ପ୍ରକଳ୍ପ:** ୨୦୧୭ ମସିହାର ଜାତୀୟ ହସ୍ତୀ ଗଣନା ଅନୁସାରେ, ଭାରତରେ ଏବେ ସର୍ବାଧିକ ସଂଖ୍ୟକ ଏସୀୟ ହାତୀ ରହିଛନ୍ତି ଏବଂ ସେମାନଙ୍କ ମୋଟ ସଂଖ୍ୟା ପ୍ରାୟ ୨୯,୯୬୪ । ଭାରତରେ ବିଶ୍ୱର ମୋଟ ଏସୀୟ ହାତୀଙ୍କ ସଂଖ୍ୟାର ୬୦ ପ୍ରତିଶତରୁ ଅଧିକ ବସବାସ କରନ୍ତି । ସେହିଭଳି ଦେଶରେ ୨,୭୦୦ ପାଖାପାଖି ପୋଷା ହାତୀ ଅଛନ୍ତି । ସରକାର ଭାରତୀୟ ହାତୀଙ୍କ ରାଷ୍ଟ୍ରୀୟ ଐତିହ୍ୟ ପ୍ରାଣୀର ଆଖ୍ୟା ପ୍ରଦାନ କରିଛନ୍ତି ।

**ଶାଗୁଣା ସଂରକ୍ଷଣ ୨୦୨୦-୨୫ କାର୍ଯ୍ୟ ଯୋଜନା:** ଭାରତରେ ମୋଟ ନଅ ପ୍ରକାରର ଶାଗୁଣା ଦୃଶ୍ୟ ହୋଇଥାନ୍ତି । ସେମାନଙ୍କ ମଧ୍ୟରୁ ତିନୋଟି ପ୍ରଜାତିର ଶାଗୁଣା ହେଉଛନ୍ତି, ଧଳା-ପିଠିଆ ଶାଗୁଣା, ସରୁ ଅଣ୍ଟିଆ ଶାଗୁଣା ଏବଂ ଲମ୍ବ ଅଣ୍ଟିଆ ଶାଗୁଣା ଯେଉଁମାନଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇଚାଲିଛି । ଏହି ତିନି କିସମର ଶାଗୁଣାଙ୍କୁ ଆଇୟୁସିଏନ, ବିଶ୍ୱ ସଂରକ୍ଷଣ ସଂଘ ପକ୍ଷରୁ ୨୦୦୦ ମସିହାରେ 'ଅତି ଜଟିଳ ବିଲୁପ୍ତପ୍ରାୟ ପକ୍ଷୀ'ଭାବେ ତାଲିକାଭୁକ୍ତ କରାଯାଇଛି । ନୂତନ କାର୍ଯ୍ୟ ଯୋଜନା ଏଭଳି ଶାଗୁଣାଙ୍କ ସଂଖ୍ୟା ହ୍ରାସକୁ ରୋକିବା ସହ ସେମାନଙ୍କ ସଂଖ୍ୟା କିଭଳି ବୃଦ୍ଧି ପାଇବ ସେ ଦିଗରେ କାର୍ଯ୍ୟ କରିବ । ■

# ଭ୍ୟାକ୍ସିନ୍ ମୈତ୍ରୀ: ବିଶ୍ୱକୁ ଭାରତର ଜୀବନରୂପୀ ଉପହାର

ଦୁଃସମୟରେ ହିଁ ବନ୍ଧୁତ୍ୱ ଓ ନେତୃତ୍ୱର ପ୍ରକୃତ ପରୀକ୍ଷାର ସମୟ ଉପନୀତ ହୋଇଥାଏ । ଭାରତ କରୋନା ଭୂତାଣୁ ମହାମାରୀକୁ କେବଳ ଦକ୍ଷତାର ସହ ମୁକାବିଲା କରିନାହିଁ ବରଂ ୨୦ରୁ ଅଧିକ ଦେଶକୁ ମେଡ ଇନ୍ ଇଣ୍ଡିଆ ଟିକା ପ୍ରତିଷେଧକ ସହାୟତାର ହାତ ମଧ ବଢାଇଛି ।

କରୋନା ମହାମାରୀର ଆରମ୍ଭ ସମୟରେ, ଏକ ବିରାଟ ଉଦବେଗ ଥିଲା ଯେ ଯଦି ଭାରତ ଏହାର ଉପଯୁକ୍ତ ମୁକାବିଲା କରିନପାରେ ଏହା କେବଳ ଭାରତ ନୁହେଁ, ସମଗ୍ର ମାନବଜାତି ପାଇଁ ଏକ ବଡ ଧରଣର ସଙ୍କଟ ଭାବେ ଉଭା ହେବ । ଜୀବନହାନିର ସଂଖ୍ୟା ଅମାପ ହୋଇଯିବ । ଗୋଟିଏ ଅଜଣା ଶତ୍ରୁ କେଉଁ ପରିମାଣର କ୍ଷତି ପହଂଚାଇପାରିବ ସେ ସମ୍ପର୍କରେ କାହା ପାଖରେ ମଧ ପୂର୍ବାନୁମାନ ନଥିଲା । ସଂକ୍ରମଣର ବ୍ୟାପ୍ତିକୁ ନିୟନ୍ତ୍ରଣ କରିବା ଏବଂ ଦେଶର ନାଗରିକମାନଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ କାହା ପାଖରେ କୌଣସି ନିୟମବଦ୍ଧ ଆଚରଣସଂହିତା ନଥିଲା । କିନ୍ତୁ କଠୋର ନିଷ୍ପତି, ଉପଯୁକ୍ତ ଚିନ୍ତାଧାରା ଏବଂ ପ୍ରସ୍ତୁତି ବଳରେ ଭାରତ ଏହା କରିବାରେ ସଫଳ ହୋଇଥିଲା । ଏବଂ ଆଜି ଏହା ବିଶ୍ୱର ଶହେରୁ ଅଧିକ ଦେଶ ପାଇଁ ଏକ ଆଶାର କିରଣ ଭାବେ ଉପନୀତ ହୋଇଛି । ନିକଟରେ ରାଜ୍ୟସଭାରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ: " ଆଜି, କରୋନା ଭାରତକୁ ବିଶ୍ୱ ସହିତ ବନ୍ଧୁତ୍ୱ ସ୍ଥାପନକୁ ଏକ ନୂତନ ସଂଜ୍ଞା ଦେଇଛି । ପ୍ରାରମ୍ଭରେ ଯେତେବେଳେ କୌଣସି ପ୍ରତିଷେଧକ ନଥିଲା ଏବଂ କେଉଁ ଔଷଧ କାମ କରିପାରିବ ସେ ସମ୍ପର୍କରେ ମଧ ଧାରଣା ନଥିଲା, ସେତେବେଳେ ଭାରତୀୟ ଔଷଧ ପ୍ରତି ସମଗ୍ର ବିଶ୍ୱର ଧ୍ୟାନ କେନ୍ଦ୍ରୀତ ହୋଇଥିଲା । ଭାରତ ବିଶ୍ୱର ଭେଷଜ ପେଣ୍ଠଭାବେ ଏବେ ଉଭା ହୋଇପାରିଛି । ସେହି ସମୟରେ ଏହି ଦେଶ ମଧ ଶହେ ପଚାଶରୁ ଅଧିକ ରାଷ୍ଟ୍ରକୁ ଔଷଧପତ୍ର ଯୋଗାଇ ଦେଇଥିଲା । ମାନବଜାତିର ସୁରକ୍ଷା ଦିଗରେ ଆମେ କେବେବି ପଛୁଆ ରହିନଥିଲୁ । କେବଳ ସେତିକି ନୁହେଁ, ବିଶ୍ୱ ଗର୍ବର ସହିତ ଘୋଷଣା କରୁଛି ଯେ ଏହା ଭାରତୀୟ ଟିକା ହାସଲ କରିଛି ।"

### ଭାରତରେ ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ

ଭାରତରେ ଯେଉଁଭଳି ଭାବରେ କରୋନା ମାମଲା ଦ୍ରୁତ ଭାବରେ ହ୍ରାସ ପାଉଛି, ଏହା କୁହାଯାଇପାରିବ ଯେ, ଏହି ଦେଶ ମହାମାରୀକୁ ପଛରେ ପକାଇ ଦେଇଛି । ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ ଏବେ ଭାରତରେ ଜାରି ରହିଛି । ୨୦୨୧ ମସିହା ଫେବୃଆରୀ ୧୯ ତାରିଖରେ ଭାରତରେ ମୋଟ ଏକ କୋଟି ହିତାଧିକାରୀ କରୋନା ପ୍ରତିଷେଧକ ନେଇସାରିଛନ୍ତି । ଭାରତରେ ସକ୍ରିୟ ମାମଲା ହାର ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ (୧୦୪) ଯାହା ବିଶ୍ୱରେ ସର୍ବନିମ୍ନ । ଏବେ ଜାତୀୟ ଆରୋଗ୍ୟ ହାର ବିଶ୍ୱର ସର୍ବାଧିକ (୯୭.୨୭ ପ୍ରତିଶତ) ରହିଛି ।




## ଦବାଇ ଭି କଡାଇ ଭି

(ଫେବୃଆରୀ ୧୮, ୨୦୨୧ ସୁଦ୍ଧା ତଥ୍ୟ)

**1,01,88,007** ଟିକାକରଣର ମୋଟ ସଂଖ୍ୟା

**20.94** କୋଟି ପରୀକ୍ଷା କରାଯାଇଛି

| | | |
|---|---|---|
| **1,39,542** | **1,06,67,741** | **97.30%** |
| ସକ୍ରିୟ ମାମଲା | ଆରୋଗ୍ୟ ମାମଲା | ଆରୋଗ୍ୟ ହାର |

ମୃତ୍ୟୁ ହାର (1.42%) ମୋଟ ମୃତ୍ୟୁ - 1,56,111


## ଆରୋଗ୍ୟ ସେତୁ ଆପ୍ ଟିକାକରଣ ସୂଚନା ପ୍ରଦାନ କରିବ

ଆରୋଗ୍ୟ ସେତୁ ଆପ ବିଶ୍ୱର ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ସର୍ବାଧିକ ଡାଉନଲୋଡ କରାଯାଇଥିବା ଆପ୍ । ଏହାକୁ ବର୍ତ୍ତମାନ କୋ-ୱିନ୍ ଆପ୍ ଡାଟାବେସ ସହିତ ସଂଯୁକ୍ତ କରାଯାଇଛି । ଏହା ଫଳରେ ବ୍ୟବହାରକାରୀମାନେ ଏବେ ଦେଶରେ ଜାରିଥିବା ଟିକାକରଣ ଅଭିଯାନ ସମ୍ପର୍କରେ ସୂଚନା ହାସଲ କରିପାରିବେ । ଏହାଛଡା ଏହି ଆପ୍ ଜରିଆରେ ସେମାନେ ଟିକାକରଣର ପ୍ରମାଣନ ମଧ ପାଇପାରିବେ ।




### ବିଶ୍ୱକୁ ବନ୍ଧୁତ୍ୱର ହାତ ବଢାଇବା

ନେପାଳ, ବାଂଲାଦେଶ, ଭୁଟାନ୍, ମାଲଦୀପ, ସିଚିଲ୍ସ, ମ୍ୟାଁମାର ଏବଂ ମରିସିଅସ୍ ପରେ ଏବେ ମେଡ ଇନ୍ ଇଣ୍ଡିଆ ଟିକା ବାର୍ବାଡୋସ ଓ ଡୋମିନିକାକୁ ପଠାଯାଇଛି । ବ୍ରାଜିଲ୍, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଓ ମରକ୍କୋକୁ ପଠାଯାଇଛି । ଏପର୍ଯ୍ୟନ୍ତ, ୨୦ରୁ ଅଧିକ ଦେଶ ୨.୨୯ କୋଟି ଡୋଜ୍ କରୋନା ଟିକା ଗ୍ରହଣ କରିସାରିଲେଣି । ▪



# ଏକ ସୁସ୍ଥ ଭାରତ ଆଡକୁ

**ସୁସ୍ଥ ନାଗରିକମାନେ ବାସ୍ତବରେ ଦେଶର ବିକାଶ ନିମନ୍ତେ ଗୋଟିଏ ଗୋଟିଏ ମୂଲ୍ୟବାନ ସମ୍ପତି । ଯେତେବେଳେ ବିଶ୍ୱ ଏକ ମହାମାରୀ ବିରୁଦ୍ଧରେ ସଂଗ୍ରାମ କରୁଛି ସେତେବେଳେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇପଡେ । ଏସବୁକୁ ବିଚାରକୁ ନେଲେ ୨୦୨୧-୨୨ ବଜେଟ କେବଳ ଏକ ବୈପ୍ଳବିକ ଓ ଦୂରଦୃଷ୍ଟିସମ୍ପନ୍ନ ବଜେଟ ନୁହେଁ ବରଂ ଏହା ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ତୀକ୍ଷ୍ଣ ଦୃଷ୍ଟି ଦେଉଛି ।**

ଜନସାଧାରଣଙ୍କ ସ୍ୱାସ୍ଥ୍ୟକ୍ଷେତ୍ରରେ ନିବେଶ ଦୂରଦୃଷ୍ଟି ଆବଶ୍ୟକ ରହିଛି ଏବଂ ଏହା ସରକାରଙ୍କ ସାହସିକତାକୁ ମଧ୍ୟ ଦର୍ଶାଇଥାଏ । କେନ୍ଦ୍ର ବଜେଟ୍ ୨୦୨୧-୨୨ ଏପରି ଏକ ବଜେଟ ଯେଉଁଥିରେ ସ୍ୱାସ୍ଥ୍ୟ ଓ ମଙ୍ଗଳ କ୍ଷେତ୍ର ପାଇଁ ବିଗତ ବଜେଟ୍‌ଗୁଡିକ ତୁଳନାରେ ଯଥେଷ୍ଟ ଅଧିକ ବ୍ୟୟବରାଦ କରାଯାଇଛି । ସ୍ୱାସ୍ଥ୍ୟ ଓ ନିରାମୟତାକୁ ବଜେଟର ୬ଟି ମୌଳିକ ସ୍ତମ୍ଭ ମଧ୍ୟରୁ ଅନ୍ୟତମ ଭାବେ ବିବେଚନା କରାଯାଇଛି । ୨୦୨୦-୨୧ ବର୍ଷରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୯୪,୪୫୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ୨୦୨୧-୨୨ ବର୍ଷ ପାଇଁ ସମୁଦାୟ ୨,୨୩,୮୪୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

ସ୍ୱାସ୍ଥ୍ୟ ଓ ନିରାମୟତା ପାଇଁ ବଜେଟ ଅର୍ଥ ବ୍ୟବସ୍ଥାରେ ଉଲ୍ଲେଖନୀୟ ବୃଦ୍ଧି ସ୍ୱାସ୍ଥ୍ୟ କ୍ଷେତ୍ରରେ ବଜେଟ ଆବଂଟନ ଓ ବ୍ୟୟରେ ନିରନ୍ତର ବୃଦ୍ଧିର ଧାରାକୁ ଦୃଢଭାବରେ ପ୍ରତିପାଦିତ କରୁଛି । ୨୦୧୪ ମସିହାଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଅନେକ ଜନକୈନ୍ଦ୍ରିକ ପଦକ୍ଷେପ ଆରମ୍ଭ କରାଯାଇଛି ଏବଂ ଏହା ସାମଗ୍ରିକ ସ୍ୱାସ୍ଥ୍ୟ ଓ ନିରାମୟତା ପ୍ରତି ସରକାରଙ୍କ ଦୂରଦୃଷ୍ଟି ଓ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି । ବଜେଟ୍‌ର ମଜବୁତ୍ ସମର୍ଥନ, ସ୍ୱାସ୍ଥ୍ୟ ଗବେଷଣା ଓ ସ୍ୱାସ୍ଥ୍ୟସେବା ପ୍ରଦାନର ସୁଦୃଢ ବ୍ୟବସ୍ଥା ମାଧ୍ୟମରେ ଭାରତ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେବା ପାଇଁ ନିଜକୁ ପ୍ରସ୍ତୁତ କରିବା ସହିତ ନୂତନ ଉଦାହରଣ ସବୁ ସୃଷ୍ଟି କରିବାରେ ଲାଗିଛି, ଯେଉଁଗୁଡିକୁ ଅନ୍ୟ ଦେଶମାନେ ନିଶ୍ଚିତ ଭାବେ ଅନୁସରଣ କରିବେ ।

## କ'ଣ ସବୁ ନୂତନତ୍ୱ ରହିଛି?

ଗତ ୬ ବର୍ଷ ଧରି ୬୪ ହଜାର ୧୮୦ କୋଟି ଟଙ୍କାର ବ୍ୟୟ ଅଟକଳରେ ନୂତନ ଭାବେ ଘୋଷିତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ପିଏମ୍ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା ପ୍ରାଥମିକ, ମାଧ୍ୟମିକ ଓ ତୃତୀୟ ସ୍ତରର ସ୍ୱାସ୍ଥ୍ୟସେବା କ୍ଷମତାକୁ ବିକଶିତ କରିବା ସହିତ ସ୍ୱାସ୍ଥ୍ୟ ସେବା ପ୍ରଦାନ ବ୍ୟବସ୍ଥାକୁ ମଜବୁତ୍ କରିବ, ନୂତନ ଓ ନୂଆ କରି ଦେଖାଯାଉଥିବା ରୋଗର ନିରୂପଣ ଓ ନିରାକରଣ ନିମନ୍ତେ ପ୍ରତିଷ୍ଠାନଗୁଡିକର ବିକାଶ କରିବ ଏବଂ ଏହିସବୁ ବ୍ୟବସ୍ଥାରୁ ପୃଥକ ଥିବା ବର୍ତ୍ତମାନର ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ମଧ୍ୟ ସୁଦୃଢ କରିବ । ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା ଭାରତର ଜନସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ଯୋଗାଇ ଦେବ । ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ଏଣିକି ୫ଟି ଆଂଚଳିକ ଶାଖା, ୨୦ଟି ମହାନଗର ସ୍ୱାସ୍ଥ୍ୟ ନିରୀକ୍ଷଣ କେନ୍ଦ୍ର ରହିବ। ସମନ୍ୱିତ ସ୍ୱାସ୍ଥ୍ୟ ସୂଚନା ପୋର୍ଟାଲକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକୁ ସମ୍ପ୍ରସାରିତ କରି ଏଥିସହିତ ସମସ୍ତ ଜନସ୍ୱାସ୍ଥ୍ୟ ପରୀକ୍ଷାଗାରକୁ ସଂଯୋଗ କରି ୧୭ଟି ନୂତନ ଜନସ୍ୱାସ୍ଥ୍ୟ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯିବ ।

**ଯୋଜନାର ମୁଖ୍ୟ ଉପାଦାନଗୁଡ଼ିକ ହେଉଛି :**

- 17788 ଗ୍ରାମୀଣ ଏବଂ 11024 ସହରାଞ୍ଚଳ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ରକୁ ସହାୟତା
- ସମସ୍ତ ଜିଲ୍ଲାରେ ସମନ୍ୱିତ ଜନସ୍ୱାସ୍ଥ୍ୟ ଲ୍ୟାବ ଏବଂ 11ଟି ରାଜ୍ୟରେ 3382 ବ୍ଲକ ଜନସ୍ୱାସ୍ଥ୍ୟ ୟୁନିଟ ପ୍ରତିଷ୍ଠା କରାଯିବ
- 602 ଜିଲ୍ଲା ଏବଂ 12 କେନ୍ଦ୍ରୀୟ ସଂସ୍ଥାନରେ ଗୁରୁତ୍ୱର ଚିକିତ୍ସା ପାଇଁ ହସ୍ପିଟାଲ ବ୍ଲକ ପ୍ରତିଷ୍ଠା
- ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ସୁଦୃଢ଼ୀକରଣ

| ମନ୍ତ୍ରଣାଳୟ/ବିଭାଗ ବାସ୍ତ ବ୍ୟୟ | ୨୦୧୯-୨୦ (କୋଟି ଟଙ୍କା ହିସାବରେ) ବଜେଟ ବ୍ୟୟବରାଦ | ୨୦୨୦-୨୧ (କୋଟି ଟଙ୍କା ହିସାବରେ) ବଜେଟ ବ୍ୟୟବରାଦ | ୨୦୨୧-୨୨ (କୋଟି ଟଙ୍କା ହିସାବରେ) |
|---|---|---|---|
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୬୨,୩୯୪ | ୬୫,୦୧୨ | ୭୧,୨୬୯ |
| ସ୍ୱାସ୍ଥ୍ୟ ଗବେଷଣା ବିଭାଗ | ୧,୯୩୪ | ୨,୧୦୦ | ୨,୬୬୩ |
| ଆୟୁଷ ମନ୍ତ୍ରଣାଳୟ | ୧,୭୮୪ | ୨,୧୨୨ | ୨,୯୭୦ |
| କୋଭିଡ ସମ୍ପର୍କିତ ସ୍ୱତନ୍ତ୍ର ବ୍ୟବସ୍ଥା | | | |
| ଟିକାକରଣ | | | ୩୫,୦୦୦ |
| ପାନୀୟ ଜଳ ଓ ପରିମଳ ବିଭାଗ | ୧୮,୨୬୪ | ୨୧,୫୧୮ | ୬୦,୦୩୦ |
| ପୋଷଣ | ୧,୮୮୦ | ୩,୭୦୦ | ୨,୭୦୦ |
| ଜଳ ଓ ପରିମଳ ପାଇଁ ଅର୍ଥ ଆୟୋଗଙ୍କ ଅନୁଦାନ ରାଶି | | | ୩୬,୦୨୨ |
| ସ୍ୱାସ୍ଥ୍ୟ ପାଇଁ ଅର୍ଥ ଆୟୋଗଙ୍କ ଅନୁଦାନ ରାଶି | | | ୧୩,୧୯୨ |
| ସମୁଦାୟ | ୮୬,୨୫୯ | ୯୪,୪୫୨ | ୨,୨୩,୮୪୬ |



"କୌଣସି ଦେଶର ବଳିଷ୍ଠ ଏବଂ ଅଦମ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟ ସ୍ତରର ସୁଦୃଢ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଆଧାର କରି ନିର୍ମିତ ହୋଇଥାଏ । ରୋଗ ନିରୂପଣ ଓ ନିରୀକ୍ଷଣ ନିମନ୍ତେ ସମାନ ଭାବେ ମଜବୁତ୍ ପ୍ରତିଷ୍ଠାନର ମଧ୍ୟ ଏଥିପାଇ ଆବଶ୍ୟକ ପଡିଥାଏ । ଏଥିସହିତ ନୀତି ଓ କାର୍ଯ୍ୟଧାରାକୁ ପରିଚାଳିତ କରିବା ନିମନ୍ତେ ବିଶ୍ୱସ୍ତରୀୟ ଗବେଷଣାଲବ୍ଧ ପ୍ରମାଣ ଯୋଗାଉଥିବା ଗବେଷଣା ଓ ବିକାଶ ପ୍ରତିଷ୍ଠାନ ମଧ୍ୟ ଏହି ଲକ୍ଷ୍ୟ ହାସଲରେ ସହାୟକ ହୋଇଥାଏ ।"

ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ହର୍ଷ ବର୍ଦ୍ଧନ

## ଭାରତ ଏବଂ କୋଭିଡ୍ ୧୯ ଉପରେ ଏହାର ପ୍ରତିକ୍ରିୟା

ଭାରତ କରୋନା ଭୂତାଣୁ ବିରୁଦ୍ଧରେ ଏହାର ଲଢେଇରେ ବିଶ୍ୱ ନେତୃତ୍ୱର ଆସନରେ ନିଜକୁ ଦୃଢ ଭାବେ ଅବସ୍ଥାପିତ କରିପାରିଛି । ଫେବୃଆରୀ ୧୫ ସୁଦ୍ଧା ଭାରତ ମୋଟ ୨୦.୬୭ କୋଟି ପରୀକ୍ଷା କରିସାରିଛି । କୋଭିଡ୍ ୧୯ରେ ସଂକ୍ରମିତ ମୋଟ ୧.୦୯ କୋଟିଙ୍କ ମଧ୍ୟରୁ ୧.୦୬ କୋଟି ଲୋକ ଆରୋଗ୍ୟ ଲାଭ କରିସାରିଛନ୍ତି । ଭାରତ ଏବେ କୋଭିଡ ୧୯ ନିରୂପଣ ସରଞ୍ଜାମ ନିର୍ମାଣରେ ଆତ୍ମନିର୍ଭର ହୋଇ ସାରିଥିବାବେଳେ ବଳକା ପରିମାଣକୁ ବିଦେଶକୁ ରପ୍ତାନୀ କରୁଛି ।

**କରୋନା ଭୂତାଣୁ ପ୍ରତିଷେଧକ ନିମନ୍ତେ ୩୫,୦୦୦ କୋଟି ଟଙ୍କା:** ବଜେଟରେ ଅତିରିକ୍ତ ୩୫,୦୦୦ କୋଟି ଟଙ୍କାର ବ୍ୟୟବରାଦ ଫଳରେ କୋଭିଡ-୧୯ ବିରୁଦ୍ଧରେ ଦେଶର ଲଢେଇ ଆହୁରି ମଜବୁତ୍ ହୋଇପାରିଛି । ପ୍ରତିଷେଧକ ଉତ୍ପାଦନ କ୍ଷମତା ଏବଂ ଟିକାକରଣର ବେଗରୁ ଭାରତର ନେତୃତ୍ୱ ସ୍ପଷ୍ଟଭାବେ ପରିଲକ୍ଷିତ ହେଉଛି । ଫେବୃଆରୀ ୧୫ ତାରିଖ ପର୍ଯ୍ୟନ୍ତ ୮୭ ଲକ୍ଷ ହିତାଧିକାରୀଙ୍କ ଟିକାକରଣ କରାଯାଇଛି ।

**ପଛକୁପଛ ଆହୁରି ୨୦ଟି ପ୍ରତିଷେଧକ ପ୍ରସ୍ତୁତି ପ୍ରକ୍ରିୟା ଆଗେଇ ଚାଲିଛି:** ଭାରତ ଅତିକମରେ ୧୮ରୁ ୨୦ଟି ପ୍ରତିଷେଧକ ଉପରେ କାର୍ଯ୍ୟ କରୁଛି, ଯେଉଁଗୁଡିକ ପ୍ରସ୍ତୁତିର ବିଭିନ୍ନ ପର୍ଯ୍ୟାୟରେ ରହିଛି, ସେମାନଙ୍କ ମଧ୍ୟରୁ କିଛି ପ୍ରାକ୍-ମାନବ ଶରୀର ପରୀକ୍ଷଣ ପର୍ଯ୍ୟାୟରେ ଥିବାବେଳେ ଅନ୍ୟକେତେକ ମାନବ ଶରୀର ପରୀକ୍ଷଣ ପର୍ଯ୍ୟାୟରେ ଏବଂ ଆଉ କିଛି ପ୍ରଥମ ପର୍ଯ୍ୟାୟ ତଥା ଅଳ୍ପ କିଛି ଦ୍ୱିତୀୟ ପର୍ଯ୍ୟାୟ ଓ ଅବଶିଷ୍ଟ ତୃତୀୟ ପର୍ଯ୍ୟାୟରେ ରହିଛି ଏବଂ ଅଳ୍ପକିଛି ମାସ ମଧ୍ୟରେ ସେଗୁଡିକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଉପଲବ୍ଧ କରାଯିବ । ଭାରତ ଅଧିକାଂଶ ଦେଶକୁ ଟିକା ରପ୍ତାନୀ କରୁଛି । ■

# ଭାରତ ଏହାର ନାୟକମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରୁଛି




ଭାରତ ଏହାର ସ୍ୱାଧୀନତାର ୭୫ତମ ବର୍ଷରେ ପଦାର୍ପଣ କରୁଥିବାବେଳେ ସ୍ୱାଧୀନତା ପାଇଁ ଯେଉଁମାନେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ସେମାନଙ୍କୁ ମନେପକାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ସରକାର ଅନୁଭବ କରୁଛନ୍ତି । ସେହିଭଳି ଅବଦାନ ରଖିଥିବା ଆଉଜଣେ ବିରଳ ବ୍ୟକ୍ତିତ୍ୱ ହେଉଛନ୍ତି ମହାରାଜା ସୁହେଲ ଦେବ । ଯାହାଙ୍କୁ ୨୦୨୧ ଫେବୃଆରୀ ୧୬ ତାରିଖରେ ସମଗ୍ର ରାଷ୍ଟ୍ର ସ୍ମରଣ କରିଥିଲା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହିଦିନ ଉତ୍ତରପ୍ରଦେଶର ବାହାରିଚ ଜିଲ୍ଲାରେ ମହାରାଜା ସୁହେଲଦେବ ସ୍ମାରକୀର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଚିତୌରା ହ୍ରଦର ବିକାଶ କାର୍ଯ୍ୟର ଶିଳାନ୍ୟାସ କରିଥିଲେ ।

> **ଭାରତୀୟତାକୁ ସୁରକ୍ଷିତ କରିବା ଦିଗରେ ମହାରାଜା ସୁହେଲ ଦେବଙ୍କ ଅବଦାନକୁ ଅଣଦେଖା କରାଯାଇଛି । ପାଠ୍ୟପୁସ୍ତକରେ ଅଣଦେଖା ସତ୍ତ୍ୱେ ଅବଧ, ତରାଇ ଓ ପୂର୍ବାଂଚଳର ଲୋକଗୀତି ମାଧ୍ୟମରେ ମହାରାଜା ସୁହେଲଦେବ ଜନସାଧାରଣଙ୍କ ହୃଦୟ ମଧ୍ୟରେ ଜୀବନ୍ତ ହୋଇ ରହିଛନ୍ତି ।**
>
> **ପ୍ରଧାନମନ୍ତ୍ରୀ**
> **ନରେନ୍ଦ୍ର ମୋଦୀ**

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଅଭିଭାଷଣ ଶୁଣିବା ପାଇଁ କ୍ୟୁଆର କୋଡ ସ୍କାନ୍ କରନ୍ତୁ

କୌଣସି ସଂସ୍କୃତି ଏବଂ ଦେଶ ପାଇଁ ସେହିସବୁ ଲୋକମାନଙ୍କୁ ମନେରଖିବା ଜରୁରୀ ଯେଉଁମାନେ ନିଜ ଦେଶମାତୃକା ପାଇଁ ସବୁକିଛି ସମର୍ପି ଦେଇଥିଲେ। ଭାରତର ଏହିଭଳି ଜଣେ ବରପୁତ୍ର, ମହାରାଜା ସୁହେଲଦେବଙ୍କୁ ମନେପକାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ନିଜ ସ୍ୱାଧୀନତାର ୭୫ତମ ବର୍ଷରେ ପ୍ରବେଶ କରୁଥିବାବେଳେ ମହାରାଜା ସୁହେଲଦେବଙ୍କ ଭଳି ଲୋକଙ୍କ ଅବଦାନ ଅତି ଗୁରୁତ୍ୱପୂର୍ଣ୍ଣ ହୋଇପଡେ । ମହାରାଜା ସୁହେଲଦେବ ଶ୍ରବସ୍ତିର ଜଣେ ରାଜା ଥିଲେ ଏବଂ ନିଜ ପରାକ୍ରମ ପାଇଁ ସେ ବେଶ ପରିଚିତ । ୧୧ଶ ଶତାବ୍ଦୀରେ ଏକ ଯୁଦ୍ଧରେ ସେ ଗଜନୀର ମାମୁଦଙ୍କ ଭଣଜା ଗାଜି ସୟଦ ସଲାର ମାସୁଦଙ୍କୁ ହତ୍ୟା କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେଉଁମାନେ ଭାରତ ଓ ଭାରତୀୟତା ପାଇଁ ନିଜର ସବୁକିଛି ଉତ୍ସର୍ଗ କରିଛନ୍ତି, ଇତିହାସ ବହିରେ ସେମାନଙ୍କୁ ସଠିକ୍ ସ୍ଥାନ ମିଳିନାହିଁ। ଭାରତୀୟ ଇତିହାସ ଲେଖକମାନଙ୍କ ଦ୍ୱାରା ଭାରତୀୟ ଇତିହାସ ନିର୍ମାତାଙ୍କ ପ୍ରତି ହୋଇଥିବା ଏହି ଅନିୟମିତତା ଏବଂ ଅନ୍ୟାୟକୁ ବର୍ତ୍ତମାନ ସରକାର ସଂଶୋଧନ କରୁଛନ୍ତି ।

୨୦୨୧ ଫେବୃଆରୀ ୧୬ ତାରିଖରେ ମହାରାଜା ସୁହେଲଦେବଙ୍କ ଜୟନ୍ତୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଜା ସୁହେଲଦେବ ସ୍ମାରକୀ ଏବଂ ବାହାରିଚ୍ ଜିଲ୍ଲାରେ ଥିବା ଚିତୌରା ହ୍ରଦର ବିକାଶ କାର୍ଯ୍ୟ

# "ଆତ୍ମନିର୍ଭରତା ପାଇଁ ରୂପାନ୍ତରଣ ହେଉଛି ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି"



ଭାରତ ଏହାର ସ୍ୱାଧୀନତାର ୭୫ ବର୍ଷରେ ପଦାର୍ପଣ କରୁଥିବା ଅବସରରେ ଏହା ଦେଶର ସ୍ୱାଧୀନତା ସଂଗ୍ରାମର ଏକ ଐତିହାସିକ ବିଷୟ - 'ଚୌରିଚୌରା' ଘଟଣାର ଶତବାର୍ଷିକୀ ପାଳନ କରୁଛି । ଶତବାର୍ଷିକୀ ପାଳନ କାର୍ଯ୍ୟକ୍ରମଗୁଡିକୁ ସ୍ଥାନୀୟ କଳା, ସଂସ୍କୃତି ଓ ଆତ୍ମନିର୍ଭରତା ସହ ସଂଯୋଗ କରିବା ପାଇଁ ପ୍ରଚେଷ୍ଟା କରାଯାଇଛି। ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ଏହା ହିଁ ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି ।

ସ୍ୱାଧୀନତା ପାଇଁ ଭାରତର ସଂଗ୍ରାମରେ ସାମୁହିକ ଅଂଶଗ୍ରହଣର ପ୍ରମୁଖ ଭୂମିକା ରହିଥିଲା । ଏଭଳି ଅଗଣିତ ଘଟଣାବଳୀ ରହିଛି ଯାହା ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲା । ଏଭଳି ଘଟଣା ୧୯୨୧ ମସିହା ଫେବୃଆରୀ ୪ ତାରିଖରେ ଚୌରିଚୌରାରେ ଘଟିଥିଲା। ୧୦୦ ବର୍ଷ ପୂର୍ବେ ପ୍ରଜାମାନେ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ ପୂର୍ବକ ପୋଲିସ ଷ୍ଟେସନରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ଦେଶର ସ୍ୱାଧୀନତା ସଂଗ୍ରାମକୁ ଏକ ନୂଆ ମୋଡ ଦେଇଥିଲା । ବର୍ତ୍ତମାନ ଚୌରିଚୌରାର ଏହି ଐତିହାସିକ ସଂଗ୍ରାମକୁ ଉପଯୁକ୍ତ ଗୁରୁତ୍ୱ ଦିଆଯାଉଛି । ୨୦୨୧ ଫେବୃଆରୀ ୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୌରିଚୌରା ଶତବାର୍ଷିକୀ ସମାରୋହକୁ ଉଦଘାଟନ କରିଥିଲେ । ପ୍ରଧାନମନ୍ତ୍ରୀ ମଧ୍ୟ ଏକ ଡାକଟିକଟ ଉନ୍ମୋଚନ କରି ଏହାକୁ ଚୌରିଚୌରା ଶତବାର୍ଷିକୀ ସମାରୋହ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ।

ଏହା ଏକ ସାମୁହିକ ଶକ୍ତି ଥିଲା ଯାହା ଦାସତ୍ୱର ବେଢିକୁ ଭାଙ୍ଗିବାରେ ସଫଳ ହୋଇଥିଲା । ସାମୁହିକତାର ସେହି ସମାନ ଶକ୍ତି ହେଉଛି ଆତ୍ମନିର୍ଭର ଭାରତ ଅଭିଯାନର ଆଧାର । ପ୍ରଧାନମନ୍ତ୍ରୀ କହଥିଲେ: "ଆମକୁ ମଧ୍ୟ ଏହି ସଙ୍କଳ୍ପ କରିବାକୁ ପଡିବ ଯେ ଦେଶର ଏକତା ଏବଂ ଦେଶ ପ୍ରତି ସମ୍ମାନ ହେଉଛି ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହି ଭାବନା ନେଇ ଆମକୁ ପ୍ରତ୍ୟେକ ଦେଶବାସୀଙ୍କ ସହ ଅଗ୍ରସର ହେବାକୁ ପଡିବ ।"

## ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ମୁଖ୍ୟାଂଶ

- ୧୦୦ ବର୍ଷ ପୂର୍ବେ ଚୌରିଚୌରାରେ ଯାହା ଘଟିଥିଲା ତାହା କେବଳ ପୋଲିସ୍ ଷ୍ଟେସନରେ ନିଆଁ ଲଗାଇବା ଘଟଣା ନଥିଲା । ଚୌରିଚୌରା ଘଟଣାର ବାର୍ତ୍ତାର ସୁଦୂରପ୍ରସାରୀ ପ୍ରଭାବ ଥିଲା । କେବଳ ପୋଲିସ୍ ଷ୍ଟେସନରେ ନିଆଁ ଜଳିନଥିଲା, ଏହି କ୍ରୋଧର ନିଆଁ ଲୋକଙ୍କ ଛାତିତଳେ ମଧ୍ୟ ହୁ ହୁ ହୋଇ ଜଳୁଥିଲା ।
- ଭାରତର ସ୍ୱାଧୀନତା ସଂଗ୍ରାମରେ ଚୌରିଚୌରାର ଏକ ବିଶେଷ ସ୍ଥାନ ରହିଛି କାରଣ ଗୋଟିଏ ଘଟଣା ପାଇଁ ଏକ ସମୟରେ ୧୯ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଫାଶୀ ଦେବା ଘଟଣା ଅତି ବିରଳ ଥିଲା
- ୨୦୨୧ ଫେବୃଆରୀ ୪ ତାରିଖରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବର୍ଷସାରା ଚାଲିବ ।
- ଆମେ ବାବା ରାଘବଦାସ ଏବଂ ମହାମାନ ମଦନ ମୋହନ ମାଲବ୍ୟଙ୍କ ଉଦ୍ୟମକୁ ମନେ ପକାଇବା ଓ ତାଙ୍କୁ କୃତଜ୍ଞତା ଜଣାଇବା ଉଚିତ୍ ଯେଉଁମାନେ ପ୍ରାୟ ୧୫୦ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଫାଶୀରୁ ରକ୍ଷା କରିଥିଲେ ।
- କୃଷକମାନଙ୍କ ପ୍ରଗତି ନିମନ୍ତେ ଗତ ୬ ବର୍ଷ ଧରି ନିରନ୍ତଭାବେ ପ୍ରୟାସ କରାଯାଉଛି, ଏହା ଦ୍ୱାରା ସେମାନେ ଆତ୍ମନିର୍ଭର ହୋଇପାରିବେ ।

ପାଇଁ ଶିଳାନ୍ୟାସ କରିଥିଲେ । ସେ ମଧ୍ୟ ମହାରାଜା ସୁହେଲଦେବଙ୍କ ନାମରେ ନିର୍ମିତ ନୂତନ ମେଡିକାଲ କଲେଜକୁ ଉଦଘାଟନ କରିଥିଲେ ।

ପ୍ରଧାନମନ୍ତ୍ରୀ ମହାରାଜା ସୁହେଲଦେବଙ୍କୁ ଏକ ସମ୍ବେଦନଶୀଳ ଏବଂ ବିକାଶୋନ୍ମୁଖୀ ଶାସକ ଭାବେ ବର୍ଣ୍ଣନା କରିବା ସହ ମେଡିକାଲ କଲେଜର ପ୍ରତିଷ୍ଠା ଏବଂ ସ୍ୱାସ୍ଥ୍ୟ ସୁବିଧାର ସମ୍ପ୍ରସାରଣ ସ୍ଥାନୀୟ ଲୋକଙ୍କ ଜୀବନକୁ ସହଜ କରିବ ବୋଲି କହିଛନ୍ତି । ମହାରାଜା ସୁହେଲଦେବଙ୍କ ସ୍ମାରକୀ ଆଗାମୀ ପିଢୀକୁ ଅନୁପ୍ରେରିତ କରିବା ସହ ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହିତ କରିବ ଏବଂ ଏହା ହେବ ମହାରାଜାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳୀ । ପ୍ରଧାନମନ୍ତ୍ରୀ କହିଛନ୍ତି: "ଗତ କିଛି ବର୍ଷ ମଧ୍ୟରେ ଇତିହାସ, ବିଶ୍ୱାସ ଓ ଧାର୍ମିକ ଭାବନାକୁ ନେଇ ନିର୍ମିତ ସ୍ଥାପତ୍ୟଗୁଡିକର ସବୁଠାରୁ ବଡ ଲକ୍ଷ୍ୟ ହେଉଛି ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ।"

ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଭାରତର ଇତିହାସ କେବଳ ସେୟା ନୁହେଁ ଯାହା ଉପନିବେଶବାଦୀ ଶକ୍ତି ବା ଉପନିବେଶବାଦୀ ମାନସିକତାଧାରୀମାନଙ୍କ ଦ୍ୱାରା ଲେଖାଯାଇଛି । ଭାରତର ଇତିହାସ ହେଉଛି ତାହା, ଯାହା ସାଧାରଣ ଲୋକଙ୍କ ଲୋକକଥା ଦ୍ୱାରା ସମୃଦ୍ଧ ହୋଇଛି ଏବଂ ଗୋଟିଏ ପିଢୀରୁ ଆର ପିଢୀ ନିକଟରେ ପହଂଚିଛି । ▪



# ଭାରତକୁ ବିପର୍ଯ୍ୟୟରୁ ସୁରକ୍ଷା, ଉଦ୍ଧାର

**ଅନନ୍ୟ ଭୂ-ଜଳବାୟୁଭିତ୍ତିକ ଏବଂ ସାମାଜିକ-ଅର୍ଥନୈତିକ ଅବସ୍ଥା କାରଣରୁ ଭାରତ ବନ୍ୟା, ମରୁଡି, ବାତ୍ୟା, ସୁନାମୀ, ଭୂମିକମ୍ପ, ସହରାଂଚଳ ଜଳବନ୍ଦୀ, ଭୂସ୍ଖଳନ, ହିମସ୍ଖଳନ ଏବଂ ବନାଗ୍ନି ପାଇଁ ବିଭିନ୍ନ ସ୍ତରରେ ସହଜଭେଦ୍ୟ । ଏହିସବୁ ବିପର୍ଯ୍ୟୟ ସମୟରେ, ଭାରତରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରର ସର୍ବୋଚ୍ଚ ସଂସ୍ଥା ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ସହାୟତାର ହାତ ବଢାଇଥାଏ । ବର୍ଷ ବର୍ଷ ଧରି ଭାରତ ଏହା ପ୍ରମାଣିତ କରିଛି ଯେ ବିପର୍ଯ୍ୟୟ ପରିଚାଳନା କେବଳ କ୍ଷତିପୂରଣ ଓ ରିଲିଫ୍ ସାମଗ୍ରୀ ଯୋଗାଣ ମଧ୍ୟରେ ସିମୀତ ନୁହେଁ ।**

ଏକ ଅପେକ୍ଷାକୃତ ଅଧିକ ନିରାପଦ ଏବଂ ବିପର୍ଯ୍ୟୟ ସହନଶୀଳ ଭାରତ ନିର୍ମାଣ ଲକ୍ଷ୍ୟ ସହିତ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ତତ୍ପରତାର ସହ କାର୍ଯ୍ୟ କରିଆସୁଛି । ପ୍ରାକୃତିକ ବିପର୍ଯ୍ୟୟ ହେଉ ଅବା ମନୁଷ୍ୟକୃତ ହେଉ କି କରୋନା ଭୂତାଣୁ ମହାମାରୀ ହେଉ ଏନଡିଏମଏ ସଦାସର୍ବଦା ସମ୍ମୁଖରେ ରହି ଲଢେଇ କରିଆସିଛି ।

ବିପର୍ଯ୍ୟୟ ପରିଚାଳନାର ସର୍ବୋଚ୍ଚ ସଂସ୍ଥା ହିସାବରେ ବିପର୍ଯ୍ୟୟର ସମୟାନୁବର୍ତୀ ଓ ପ୍ରଭାବଶାଳୀ ମୁକାବିଲା ସୁନିଶ୍ଚିତ କରିବା ପାଇଁ ଏନଡିଏମଏ ନୀତି, ଯୋଜନା ଓ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଥାଏ । ଏହା 'ନିବାରଣ, ନିୟନ୍ତ୍ରଣ, ପ୍ରସ୍ତୁତି ଏବଂ ପ୍ରତିକ୍ରିୟା'ର ସାମୁହିକ ବିଚାରଧାରା ବିକାଶର ପରିକଳ୍ପନା କରିଥାଏ । ସମସ୍ତ ସରକାରୀ ସଂସ୍ଥା, ବେସରକାରୀ ସଂଗଠନ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଜରିଆରେ ପ୍ରାକୃତିକ ତଥା ମନୁଷ୍ୟକୃତ ବିପତି ଯୋଗୁଁ ଘଟିଥିବା କ୍ଷୟକ୍ଷତିର ଭରଣା ନିମନ୍ତେ ଏକ ଜାତୀୟ ଅଙ୍ଗୀକାରବଦ୍ଧତାକୁ ପ୍ରୋତ୍ସାହିତ କରିବା ସକାଶେ ସରକାର ସର୍ବଦା ଯତ୍ନଶୀଳ । ଏକ ଅଧିକ ନିରାପଦ, ବିପର୍ଯ୍ୟୟ ସହନଶୀଳ ଏବଂ ଚଳଚଂଚଳ ଭାରତ ନିର୍ମାଣର ଲକ୍ଷ୍ୟକୁ ଏକ ପ୍ରଯୁକ୍ତି ପରିଚାଳିତ, ତତ୍ପର, ବହୁମୁଖୀ ବିପଦ ଓ ବହୁକ୍ଷେତ୍ରୀୟ ରଣନୀତି ମାଧ୍ୟମରେ

# ଭାରତ କେତେ ସହଜଭେଦ୍ୟ ?



ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ମଧ୍ୟରୁ ୨୭ଟି ବିପର୍ଯ୍ୟୟପ୍ରବଣ। ୫୮.୬ ପ୍ରତିଶତ ସ୍ଥଳଭାଗ ମଧ୍ୟମରୁ ଅତିତୀବ୍ର ଭୂମିକମ୍ପ ପ୍ରବଣ; ୧୨ ପ୍ରତିଶତ ଅଂଚଳ ବନ୍ୟା ଓ ନଦୀତଟ କ୍ଷୟ ପ୍ରବଣ; ୫,୭୦୦ କିମି ଉପକୂଳ ବାତ୍ୟା ଓ ସୁନାମୀ ପ୍ରବଣ; ପାର୍ବତ୍ୟ ଇଲାକାକୁ ଭୂସ୍ଖଳନ ଓ ହିମସ୍ଖଳନର ଆଶଙ୍କା ରହିଛି । ସହରାଂଚଳ ଜଳବନ୍ଦୀ, ଅଗ୍ନିକାଣ୍ଡ, ଶିଳ୍ପଭିତ୍ତିକ ଦୁର୍ଘଟଣା ଏବଂ ରସାୟନ ସହ ଜଡିତ ଅନ୍ୟାନ୍ୟ ମନୁଷ୍ୟକୃତ ଦୁର୍ଘଟଣା, ଜୈବ ଏବଂ ରେଡିଓ ଆକ୍ଟିଭ ସାମଗ୍ରୀଗୁଡିକ ଅତିରିକ୍ତ ବିପଦ ସୃଷ୍ଟିକାରୀ । ଖାମଖିଆଲି ଢଙ୍ଗର ସହରୀକରଣ, ଅତି ବିପଦପୂର୍ଣ୍ଣ ଅଂଚଳଗୁଡିକ ମଧ୍ୟରେ ବିକାଶ କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ କାରଣ ଯୋଗୁଁ ସହଜଭେଦ୍ୟତା ବୃଦ୍ଧି ପାଇଁ ବିପର୍ଯ୍ୟୟ ଆଶଙ୍କା ବହୁଗୁଣିତ ହେଉଛି ।

## ଏନଡିଏମଏ ଓ କରୋନା ଭୂତାଣୁ



ଏନଡିଏମଏ ଆଇନ୍ ବଳରେ ଭାରତ କରୋନା ମହାମାରୀ ଭଳି ଏକ ବିରାଟ ଯୁଦ୍ଧ ବିରୋଧରେ ଲଢେଇ କରିପାରିଥିଲା । ଏନଡିଏମଏର ସୁପାରିଶକ୍ରମେ ୨୦୨୦ ମସିହା ମାର୍ଚ୍ଚ ୨୪ ତାରିଖରେ ଜାତୀୟ ଲକଡାଉନ୍ ଘୋଷଣା ହେବା ପୂର୍ବରୁ ପ୍ରଥମଥର ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକରେ ବିପର୍ଯ୍ୟୟ ପରିଚାଳନା ଆଇନ୍ ଲାଗୁ କରାଯାଇଥିଲା । ଏହି ଆଇନ୍ କୋଟି କୋଟି ଲୋକଙ୍କ ଜୀବନ ବଂଚାଇବାରେ ସାହାଯ୍ୟ କରିବା ସହ ଦେଶକୁ ଏହି ବିରାଟ ସଙ୍କଟରୁ ମୁକୁଳାଇବାର ଆଧାର ପାଲଟିଥିଲା । ଏହା ଆକଳନ ଅନୁଯାୟୀ, ଲକଡାଉନ୍ ନିଷ୍ପତି ଦେଶରେ ମହାମାରୀ ସଂକ୍ରମଣର ବେଗ ହ୍ରାସ କରି ୧୪-୨୯ ଲକ୍ଷ ସଂକମଣ ମାମଲା ଏବଂ ୩୭-୭୮ ହଜାର ଲୋକଙ୍କ ମୃତ୍ୟୁକୁ ଏଡାଇ ଦେଇପାରିଥିଲା ।

## ଆପଦା ମିତ୍ର: ଦୁଃଖର ସାଥୀ



ବିପର୍ଯ୍ୟୟ ସମୟରେ ଜନ ସମ୍ପ୍ରଦାୟର ଗୁରୁତ୍ୱକୁ ହୃଦୟଙ୍ଗମ କରି ସରକାର ୨୦୧୫ ମସିହାରେ 'ଆପଦା ମିତ୍ର'ର ଶୁଭାରମ୍ଭ କରିଥିଲେ । ଏହା ଆଗୁଆ ଯୋଜନାର ପରିଚିତିରୁ ସମ୍ପ୍ରସାରିତ ହୋଇ ଏବେ ବିପର୍ଯ୍ୟୟ ପ୍ରଶମନ ଓ ବିପତି ହ୍ରାସ ନିମନ୍ତେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଏହାର ସ୍ୱେଚ୍ଛାସେବୀମାନେ ଓଡିଶାରେ ସଂଘଟିତ ୨୦୧୯ଫନି ଝଡ ନିମନ୍ତେ ପ୍ରସ୍ତୁତି ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହିତ ୨୦୨୦ଅଗଷ୍ଟ ମାସରେ ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାରେ ଘଟିଥିବା ଏକ ନୌକା ଦୁର୍ଘଟଣାରୁ ୧୩୫ ଜୀବନ ରକ୍ଷା କରିଥିଲେ ତଥା ୨୦୧୮-୧୯ରେ ଉତ୍ତରାଖଣ୍ଡର ହରିଦ୍ୱାରଠାରେ କାଉଡି ଯାତ୍ରା ସମୟରେ ଗଙ୍ଗା ନଦୀରେ ୧୨୫ଜଣ ଭକ୍ତଙ୍କୁ ସଲିଳ ସମାଧିରୁ ରକ୍ଷା କରିବାରେ ସଫଳ ହୋଇଥିଲେ । ଏଥିରେ ସାମିଲ ଥିବା ମହିଳା ଓ ବାଳିକା ସ୍ୱେଚ୍ଛାସେବୀମାନଙ୍କୁ 'ଆପଦା ସଖି' କୁହାଯାଇଥାଏ ।


ହାସଲ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ।

## ବିଗତ ବର୍ଷମାନଙ୍କରେ ବିପର୍ଯ୍ୟୟ ପ୍ରତି ଆଭିମୁଖ୍ୟରେ କିଭଳି ପରିବର୍ତ୍ତନ ଆସିଛି

ବନ୍ୟା ଓ ମରୁଡିକୁ ବିପର୍ଯ୍ୟୟ ଶ୍ରେଣୀଭୁକ୍ତ କରାଯାଇଥିବା ଯୋଗୁଁ ଭାରତରେ ବିପର୍ଯ୍ୟୟ ପରିଚାଳନାକୁ କୃଷି ବିଭାଗର କାର୍ଯ୍ୟ ଭାବେ ବିବେଚନା କରାଯାଉଥିଲା । କିନ୍ତୁ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଲକ୍ଷ୍ୟ ଏହି ପୃଷ୍ଠଭୂମୀରେ ବାସ୍ତବ ପରିବର୍ତ୍ତନ ଆଣିପାରିଥିଲା । ୨୦୦୧ ମସିହାରେ ଗୁଜରାଟ ଏକ ଅତି ପ୍ରଳୟଙ୍କରୀ ଭୂମିକମ୍ପ ଦ୍ୱାରା ପ୍ରଭାବିତ ହୋଇଥିଲା । ସରକାର ଏହି ବିପତିର ମୁକାବିଲା ପାଇଁ ପ୍ରସ୍ତୁତ ନଥିଲେ । ଏହି ଘଟଣାର ଠିକ୍ ପରେ ପରେ ନରେନ୍ଦ୍ର ମୋଦୀଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଯେଉଁସବୁ ପ୍ରାରମ୍ଭିକ ସଂସ୍କାରସବୁ ବିଷୟରେ ସେ ଯୋଜନା କରିଥିଲେ ତାହାରି ଯୋଗୁଁ ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଆଇନ୍ ୨୦୦୩ ପ୍ରଣୟନ ହୋଇଥିଲା । ଏହି ଆଇନ୍ ଅଧିନରେ ଦେଶରେ ପ୍ରଥମ ଥର ପାଇଁ ବିପର୍ଯ୍ୟୟ ପରିଚାଳନା ଦାୟିତ୍ୱକୁ କୃଷି ବିଭାଗ ହାତରୁ କାଢି ନିଆଯାଇ ଗୃହ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଏହି ଆଇନ୍

# ଜୀବନ ରକ୍ଷା କରୁଛି ଏନଡିଏମଏ:

**ବିଗତ କିଛି ବର୍ଷ ଧରି ଭାରତ ପ୍ରାକୃତିକ ବିପର୍ଯ୍ୟୟ ବିଶେଷକରି ଘୂର୍ଣ୍ଣିଝଡ଼ ପୂର୍ବରୁ ସଠିକ ଓ ସମୟାନୁବର୍ତ୍ତୀ ସତର୍କ ସୂଚନା ଯୋଗାଇ ଦେଇପାରୁଛି**



ଏପ୍ରିଲ-ମେ 2019ରେ ଭୀଷଣ ସାମୁଦ୍ରିକ ବାତ୍ୟା ଫନି ଓଡ଼ିଶା ଉପକୂଳରେ ମାଡ଼ ହୋଇଥିଲା। ଏକ କୋଟିରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। ହେଲେ ମୃତ୍ୟୁ ସଂଖ୍ୟା ତିନି ଅଙ୍କ ସୁଦ୍ଧା ଛୁଇଁନଥିଲା। ଅନ୍ୟପଟେ 1999ରେ ରାଜ୍ୟରେ ଆସିଥିବା ମହାବାତ୍ୟା 10000 ଲୋକଙ୍କ ଜୀବନ ନେଇଥିଲେ।

ସେହିପରି ଜୁନ 2020 ଅମ୍ଫନ ବାତ୍ୟା ଓଡ଼ିଶା ଓ ପଶ୍ଚିମବଙ୍ଗରେ ମାଡ଼ ହୋଇଥିଲା। ଆଇଏମଡି ଏ ସମ୍ପର୍କରେ ପୂର୍ବାନୁମାନ କରିବା ପରେ ଏନଡିଏମଏ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲା। ତେଣୁ କରି ମୃତ୍ୟୁ ସଂଖ୍ୟା ଦୁଇ ଅଙ୍କରେ ସୀମିତ ରଖିବା ସହ ସଠିକ ଢଙ୍ଗରେ ବିପର୍ଯ୍ୟୟ ପରିଚାଳନା କରିଥିଲା।

କରୋନା ଭୂତାଣୁ ମହାମାରୀ ମଧ୍ୟରେ ଭାରତର ପଶ୍ଚିମବଙ୍ଗ ଉପକୂଳରେ ବାତ୍ୟା ମାଡ଼ ହୋଇଥିଲା। ହେଲେ ମୃତ୍ୟୁ ସଂଖ୍ୟା ଏକ ଅଙ୍କରେ ସୀମିତ ରହିଥିଲା।

2018ରେ ଉତ୍ତର ଭାରତ ମହାସାଗର ବାତ୍ୟା ଋତୁ 1992 ପରଠାରୁ ସବୁଠୁ ସକ୍ରିୟ ଥିଲା। ଏହି ସମୟରେ 14ଟି ଲଘୁଚାପ ଏବଂ 7ଟି ବାତ୍ୟା ଆସିଥିଲା। କର୍ତ୍ତୃପକ୍ଷ ହଜାର ହଜାର ଲୋକଙ୍କୁ ଉଦ୍ଧାର କରିଥିଲେ ମୃତ୍ୟୁ ସଂଖ୍ୟାକୁ 200 ମଧ୍ୟରେ ସୀମିତ ରଖିଥିଲେ।

2018ରେ କେରଳରେ ମୌସୁମୀର ଭୟାବହ ରୂପ ଦେଖିବାକୁ ମିଳିଥିଲା। ବର୍ଷା ପରେ ଭୂସ୍ଖଳନ ଘଟିଥିଲା। ଫଳରେ ରାଜ୍ୟର 14 ଟି ଜିଲ୍ଲାର 54 ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। ମୃତ୍ୟୁ ସଂଖ୍ୟା ପାଖାପାଖି 450 ଥିଲା।

ଜାନୁଆରୀ 2015ରେ ବଡ଼ ଭୂସ୍ଖଳନ କାରଣରୁ ସିନ୍ଧୁ ନଦୀର ଏକ ଶାଖା ନଦୀ ଫୁକତାଲର ପଥ ଅବରୋଧ ହୋଇଯାଇଥିଲା। ଫଳରେ ଏକ କୃତ୍ରିମ ହ୍ରଦ ସୃଷ୍ଟି ହୋଇଥିଲା। ଏହାଫଳରେ ନଦୀବନ୍ଧ ଭାଙ୍ଗିବା ଏବଂ ଅକସ୍ମାତ୍ ବନ୍ୟା ଆସିବାର ଆଶଙ୍କା ସୃଷ୍ଟି ହୋଇଥିଲା। ହେଲେ ଏନଡିଏମଏ ଏକ ବିଶେଷଜ୍ଞ ଦଳ ଗଠନ କରି ପଦକ୍ଷେପ ଗ୍ରହଣ କରିବା ଯୋଗୁ ଏହି ବିପର୍ଯ୍ୟୟକୁ ଏଡ଼ାଯାଇ ପାରିଥିଲା।

**ଏପ୍ରିଲ 2015ରେ ନେପାଳରେ ଭୟାବହ ଭୂକମ୍ପ ପରେ ଭାରତରୁ ଏନଡିଏମଏ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ସଂଯୋଜନ କରାଯାଇଥିଲା। ଏହା ଏକ ବିଶେଷଜ୍ଞ ଦଳ ଗଠନ କରି ବୈଷୟିକ ମାର୍ଗଦର୍ଶନ ଏବଂ ଆବଶ୍ୟକ ପରାମର୍ଶ ଦେଇଥିଲା।**

କେନ୍ଦ୍ର ପାଇଁ ଏକ ନକ୍ସା ସଦୃଶ କାର୍ଯ୍ୟ କରିଥିଲା, ଯାହା ସମଗ୍ର ଦେଶ ପାଇଁ ବିପର୍ଯ୍ୟୟ ପରିଚାଳନା ଆଇନ୍ ପ୍ରସ୍ତୁତ କରିବା ନିମନ୍ତେ ସହାୟକ ହୋଇଥିଲା । ଭାରତରେ ବିପର୍ଯ୍ୟୟ ପରିଚାଳନାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଏବଂ ଏଥିପାଇଁ ଏକ ସାମଗ୍ରିକ ତଥା ସମନ୍ୱିତ ଆଭିମୁଖ୍ୟ ସହ କାର୍ଯ୍ୟ କାରିବା ପାଇଁ ୨୦୦୫ ମସିହାରେ ପ୍ରଣୀତ ଏହି ଆଇନ୍ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏନଡିଏମଏ ଗଠନ ହେବା ସହିତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ନେତୃତ୍ୱରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଗଠିତ ହୋଇଛି ।

୨୦୧୪ ମସିହାରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେଲେ । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସଂସ୍କାର ପାଇଁ ଥିବା ତାଙ୍କର ଲକ୍ଷ୍ୟ ଏନଡିଏମଏକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପର ଶୁଭାରମ୍ଭ କରିଥିଲା । ପ୍ରଶିକ୍ଷଣ ଏବଂ ସଚେତନତା ସହ ଭାରତ ୨୦୧୫ ମସିହାରେ ଏକ ଜାତୀୟ ବିପର୍ଯ୍ୟୟ ହେଲପଲାଇନ୍ ୧୦୭୮ର ଶୁଭାରମ୍ଭ କରିଥିଲା ।

୨୦୦୫ ମସିହାରେ ଗଠିତ ହେବା ଦିନଠାରୁ ଏନଡିଏମଏ ବିପର୍ଯ୍ୟୟ ପରିଚାଳନା ଉପରେ ବିଭିନ୍ନ କ୍ରସ କଟିଙ୍ଗ ବିଷୟବସ୍ତୁକୁ ନେଇ ୧୮ଟି ଜାତୀୟ ବିପର୍ଯ୍ୟୟ ପରିଚାଳନା ନିୟମାବଳୀ ପ୍ରସ୍ତୁତ କରିଛି, କେବଳ ୨୦୧୪-୧୫ ମସିହାରେ ୫ଟି ନିୟମାବଳୀ ଜାରି ହୋଇଛି ।

୨୦୧୬ ମସିହା ଜୁନ୍ ପହିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା (ଏନଡିଏମପି) ଉନ୍ମୋଚନ କରିଥିଲେ । ଏହା ହେଉଛି ବିପର୍ଯ୍ୟୟ ପରିଚାଳନା ପାଇଁ ଦେଶରେ ପ୍ରସ୍ତୁତ ସର୍ବପ୍ରଥମ ଜାତୀୟ ଯୋଜନା । ଏହା ମଧ୍ୟ ବିଶ୍ୱର ସର୍ବପ୍ରଥମ ଜାତୀୟ ଯୋଜନା ଯାହା ବିପର୍ଯ୍ୟୟ ଆଶଙ୍କା ହ୍ରାସ କରିବା ଉପରେ ସେନଡାଇ ଫ୍ରେମୱାର୍କ ୨୦୧୫-୨୦୩୦ ଉପରେ ପର୍ଯ୍ୟବେଶିତ । ୨୦୧୯ ମସିହାରେ ଏହି ଯୋଜନାର ସଂଶୋଧନ କରାଯାଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶକ୍ରମେ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଉପରେ ଦଶ ସୂତ୍ରୀ କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି ।

୨୦୧୯ ମସିହାରେ ଏନଡିଏମଏ 'ଅକ୍ଷମତା ଅନ୍ତର୍ଭୁକ୍ତ ବିପତି ପ୍ରଶମନ ଉପରେ ଜାତୀୟ ମାର୍ଗଦର୍ଶିକା' ଉନ୍ମୋଚନ କରିଥିଲା। ଏଥିସହ ଭାରତ ପ୍ରଥମ ରାଷ୍ଟ୍ର ଭାବେ ବିଶ୍ୱ ସମ୍ମୁଖରେ ଏଭଳି ଏକ ମାର୍ଗଦର୍ଶିକା ଉପସ୍ଥାପିତ କରିଥିଲା । ■

# ଉତ୍ତରାଖଣ୍ଡର ଚାମୋଲିରେ ହିମସ୍ଖଳନ, ୫୧ମୃତ, ୧୫୩ ନିଖୋଜ



ଉତ୍ତରାଖଣ୍ଡରେ ଚାମୋଲି ଜିଲ୍ଲାର ଅଲକାନନ୍ଦା ନଦୀର ଏକ ଉପନଦୀ ହେଉଛି ଋଷିଗଙ୍ଗା ନଦୀ । ଏହାର ଉପର ଅଂଚଳରେ ୨୦୨୧ ମସିହା ଫେବୃୟାରୀ ୭ତାରିଖ ଦିନ ୧୦ଟାରେ ହିମସ୍ଖଳନ ଘଟିଥିଲା । ଏହା ଫଳରେ ଋଷିଗଙ୍ଗା ନଦୀରେ ଅପ୍ରତ୍ୟାଶିତଭାବେ ଜଳପତନ ବୃଦ୍ଧି ପାଇଲା । ଏହା ଘଟଣା ପରଠାରୁ କେନ୍ଦ୍ର ଓ ରାଜ୍ୟ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ୨୦୨୧ମସିହାର ଫେବୃୟାରୀ ୭ତାରିଖ ଦିନ ଏକ ଉପଗ୍ରହ ସୂଚନା ଅନୁଯାୟୀ ୫ହଜାର ୬୦୦ ମିଟର ଉଚ୍ଚତାରେ ଥିବା ବରଫ ସ୍ରୋତରେ ଋଷିଗଙ୍ଗା ନଦୀର ଉପର ମୁଣ୍ଡରେ ପ୍ରାୟ ୧୪ବର୍ଗ କିଲୋମିଟର ଅଞ୍ଚଳରେ ଭୂସ୍ଖଳନ ଘଟି ବରଫ ପାହାଡର ହିମସ୍ଖଳନ ଘଟିଛି । ଏହା ଫଳରେ ଋଷିଗଙ୍ଗା ନଦୀର ତଳ ଅଞ୍ଚଳରେ ହଠାତ ପ୍ରବଳ ବନ୍ୟା ଆସିଛି । ଏହି ବନ୍ୟା ସମ୍ମୁଖରେ ଯାହା ପଡିଲା ସବୁକିଛି ଭାସିଯାଇଛି । ଋଷିଗଙ୍ଗା ନଦୀରେ ୧୩.୨ ମେଗାୱାଟ କ୍ଷମତା ସମ୍ପନ୍ନ କାର୍ଯ୍ୟକ୍ଷମ ଥିବା ଜଳବିଦ୍ୟୁତ ପ୍ରକଳ୍ପ ଭାସିଯାଇଛି । ଏହି ବନ୍ୟାରେ ତଳମୁଣ୍ଡରେ ଥିବା ଧଉଳିଗଙ୍ଗା ନଦୀର ତପୋବନଠାରେ ନିର୍ମାଣାଧୀନ ୫୨୦ମେଗାୱାଟର ଜଳବିଦ୍ୟୁତ ପ୍ରକଳ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ।

ଏହି ଘଟଣା ଘଟିବା ପରେ ତୁରନ୍ତ ଜଳବନ୍ଦୀ ଅଞ୍ଚଳରେ ଲୋକମାନଙ୍କ ଉଦ୍ଧାର କାର୍ଯ୍ୟ ବିଭିନ୍ନ ସଂଗଠନ ପକ୍ଷରୁ ଆରମ୍ଭ ହୋଇଥିଲା । ରାଜ୍ୟ ପ୍ରଶାସନ ସହିତ ସମ୍ପର୍କ ରକ୍ଷା କରି ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ କେନ୍ଦ୍ର ସରକାର ସମ୍ପୃକ୍ତ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ ମସିହା ଫେବୃୟାରୀ ୧୫ତାରିଖ ସୁଦ୍ଧା ୫୧ଟି ମୃତଦେହ ଉଦ୍ଧାର କରାଯାଇଥିଲା ଏବଂ ୧୫୩ଜଣ ନିଖୋଜ ଥିଲେ । ଉଦ୍ଧାର କାର୍ଯ୍ୟ ଏବେ ବି ଚାଲିଛି। ଉଦ୍ଧାର ଏବଂ ସହାୟତା କାର୍ଯ୍ୟରେ ସମସ୍ତ ପ୍ରକାରର ସହଯୋଗ କେନ୍ଦ୍ର ସରକାର କରିବେ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ।

## କେନ୍ଦ୍ର ସରକାର ନେଇଥିବା ପଦକ୍ଷେପ

- ପରିସ୍ଥିତି ଉପରେ ଦିନରାତି ୨୪ଘଣ୍ଟିଆ ନଜର ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ୟକ୍ତିଗତଭାବରେ ପରିସ୍ଥିତି ଉପରେ ନଜର ରଖିଛନ୍ତି ।
- କେନ୍ଦ୍ର ଶକ୍ତି ଏବଂ ପୁନଃ ନବୀକରଣ ଉର୍ଜ୍ଜା ରାଜ୍ୟମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଶ୍ରୀ ରାଜକୁମାର ସିଂ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଉଦ୍ଧାର ଏବଂ ସହାୟତା କାର୍ଯ୍ୟର ମଧ୍ୟ ତଦାରଖ କରିଥିଲେ ।
- ଆଇଟିବିପି ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇ ୪୫୦ଜଣଙ୍କୁ ଆବଶ୍ୟକୀୟ ଉପକରଣ ସହିତ ଉଦ୍ଧାର ଓ ସହାୟତା କାର୍ଯ୍ୟରେ ନିଯୁକ୍ତ କରାଯାଇଛି ।
- ୫ଟି ଏନଡିଆରଏଫ ଦଳକୁ ଉଦ୍ଧାର ଏବଂ ରିଲିଫ କାମରେ ନିୟୋଜିତ କରାଯାଇଛି ।
- ଭାରତୀୟ ବାୟୁସେନାର ୮ଟି ଦଳ ଉଦ୍ଧାର ଓ ସହାୟତା କାମରେ ନିୟୋଜିତ ହୋଇଛନ୍ତି। ଏଥିରେ ଗୋଟିଏ ଇଞ୍ଜିନିୟରିଂ ଦଳ ମଧ୍ୟ ରହିଛି । ଗୋଟିଏ ମେଡିକାଲ ଦଳକୁ ଆମ୍ବୁଲାନ୍ସ ସହିତ ସେଠାରେ ମୁତୟନ କରାଯାଇଛି । ଭାରତୀୟ ନୌ-ସେନାର ଗୋଟିଏ ବୁଡାଳୀ ଦଳ ମଧ୍ୟ ସେଠାରେ ପହଞ୍ଚିଛନ୍ତି ।
- ଭାରତୀୟ ବାୟୁସେନାର ୫ଟି ହେଲିକେପ୍ଟରକୁ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଛି। ଯୋଶୀମଠ ଠାରେ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି । ଘଟଣାସ୍ଥଳରେ ସଶସ୍ତ୍ର ସୀମାବଳର ଗୋଟିଏ ଦଳ ଏବଂ ଡିଆରଡିଓର ତୁଷାର ଓ ବରଫସ୍ଖଳନ ଅନୁଧ୍ୟାନ ସଂସ୍ଥାର ଗୋଟିଏ ଦଳକୁ ମୁତୟନ କରାଯାଇଛି ।

# ମୋନ୍‌ପା ହାତତିଆରି କାଗଜ

## ହଜାରବର୍ଷ ତଳର ପାରମ୍ପରିକ କଳାର ପୁନରୁଦ୍ଧାର

**ଅରୁଣାଚଳ ପ୍ରଦେଶର ତାୱାଙ୍ଗ ଜିଲ୍ଲାରେ ତିଆରି କରାଯାଉଥିବା 'ମନ୍ ଶୁଗୁ' ନାମକ ମୋନପା ହାତ ତିଆରି କାଗଜ ବିଲୁପ୍ତିର ଦ୍ୱାର ଦେଶରେ ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର 'ମନ୍ କି ବାତ୍' ରେଡିଓ କାର୍ଯ୍ୟକ୍ରମରେ ଏହି ହଜାର ବର୍ଷର ପ୍ରାଚୀନ ପାରମ୍ପରିକ କଳାକୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରି ପୁର୍ନଜୀବନ ଦେଇଥିବାରୁ ସେ ଧନ୍ୟବାଦର ପାତ୍ର ।**

ଅରୁଣାଚଳ ପ୍ରଦେଶର ତାୱାଙ୍ଗ ଜିଲ୍ଲା ମନୋରମା ପର୍ବତ ଦ୍ୱାର ବେଷ୍ଟିତ ଏଠାରେ 'ମୋନ୍‌ପା' ନାମକ ଏକ ପ୍ରାଚୀନ ଜନଜାତିର ଲୋକେ ବସବାସ କରନ୍ତି । ଏହି ଜନଜାତିର ଲୋକମାନେ 'ମନ ଶୁଗୁ' ନାମକ ହାତ ତିଆରି କାଗଜ ପ୍ରସ୍ତୁତ କରନ୍ତି । ଏହାକୁ ମୋନ୍‌ପା ହାତ ତିଆରି କାଗଜ ମଧ୍ୟ କୁହାଯାଏ । ଏହି କାଗଜ ପ୍ରସ୍ତୁତି ହେଉଛି ଏକ ପ୍ରାଚୀନ କଳା । ଶୁଗୁ ଶେଙ୍ଗ ଗୁଳ୍ମର ବକଳାରୁ ଏହି କାଗଜ ପ୍ରସ୍ତୁତ ହୁଏ। ଏହି ପ୍ରଣାଳୀରେ କାଗଜପ୍ରସ୍ତୁତି ପାଇଁ ଗଛ କାଟିବା ଆବଶ୍ୟକ ପଡେ ନାହିଁ । ଏକଦା ଏହି କାଗଜ ତାୱାଙ୍ଗ ଜିଲ୍ଲାର ପ୍ରତ୍ୟେକ ଘରେ ତିଆରି ହେଉଥିଲା । ଗତ ୧୦୦ବର୍ଷ ହେଲା ଏହି ପରମ୍ପରା କ୍ରମେ ଲୋପ ପାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ'ରେ ଏହି ପ୍ରସଙ୍ଗରେ ଆଲୋଚନା କରିବା ପରେ ମୋନ୍‌ପା ହାତ ତିଆରି କାଗଜ ପୁନର୍ବାର ଲୋକଲୋଚନକୁ ଆସିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏଠାକାର ସ୍ଥାନୀୟ ଲୋକମାନେ ଶୁଗୁ ଶେଙ୍ଗ ନାମକ ଏକ ଉଦ୍ଭିଦର ବକଳାରୁ କାଗଜ ପ୍ରସ୍ତୁତ କରନ୍ତି। ତେଣୁ ଗଛକୁ କାଟିବା ଆବଶ୍ୟକ ପଡେ ନାହିଁ । ଆହୁରି ମଧ୍ୟ ଏହି କାଗଜ ପ୍ରସ୍ତୁତିରେ ରାସାୟନିକ ପଦାର୍ଥ ବ୍ୟବହାର କରାଯାଏ ନାହିଁ, ତେଣୁ ଏହି କାଗଜ ପରିବେଶ ଏବଂ ସ୍ୱାସ୍ଥ୍ୟ ପାଇଁ ନିରାପଦ ।

### ମନ୍‌ପା ସମ୍ପର୍କୀତ କିଛି ତଥ୍ୟ

- ଏହି ପ୍ରଣାଳୀରେ କାଗଜ ତିଆରି ପାରମ୍ପରିକ କଳା ପ୍ରାୟ ଏକ ହଜାରରୁ ଅଧିକ ବର୍ଷର ପ୍ରାଚୀନ ।
- ଏହି କାଗଜ ଅତ୍ୟନ୍ତ ହାଲୁକା । ଏହାର ପ୍ରାକୃତିକ ତନ୍ତୁର ଦୃଢତା ଯୋଗୁଁ ଏଥିରେ କଳାତ୍ମକ କାମ କରିହୁଏ ।
- ଲେଖିବା ସମୟରେ ଏହି କାଗଜ ଚିରିଯାଏ ନାହିଁ ।
- ବୌଦ୍ଧ ଧର୍ମାବଲମ୍ବୀମାନେ ଏହି କାଗଜରେ ଧର୍ମପୁସ୍ତକର ପାଣ୍ଡୁଲିପି ଲେଖୁଥିଲେ । ପ୍ରାର୍ଥନା ପାଇଁ ପତାକା ମଧ୍ୟ ତିଆରି କରୁଥିଲେ ।
- ଏକଦା ଏହି କାଗଜ ତିବତ, ଭୁଟାନ, ମିଆଁମାର ଏବଂ ଜାପାନ ଭଳି ଦେଶକୁ ରପ୍ତାନୀ ହେଉଥିଲା । କିନ୍ତୁ ନୂତନ ବୈଷୟିକ କୌଶଳ ପ୍ରୟୋଗ କରି କାଗଜ ପ୍ରସ୍ତୁତ ହେବା ପରେ ଗତ ୧୦୦ବର୍ଷ ମଧ୍ୟରେ ଏହି କଳା ପ୍ରାୟତଃ ବିଲୁପ୍ତ ହେବାକୁ ଯାଉଛି



### କେଭିଆଇସି ମାଧ୍ୟମରେ ମନ୍‌ପା କାଗଜର ଅନଲାଇନ ବିକ୍ରି

ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଉଲ୍ଲେଖ କରିବା ପରେ ମୋନ୍‌ପା ହାତତିଆରି କାଗଜର ଚାହିଦା ହଠାତ୍ ବଢିଯାଇଛି । ଖଦୀ ଏବଂ ଗ୍ରାମୋଦ୍ୟୋଗ କମିଶନ (କେଭିଆଇସି) ବର୍ତ୍ତମାନ ଏହି ମୋନ୍‌ପା ହାତତିଆରି କାଗଜ ବିକ୍ରି କରୁଛି । ଏହାର ଇ ପୋର୍ଟାଲ- www.khadiindia. gov.in. ମାଧ୍ୟମରେ ଏହା ବିକ୍ରି ହେଉଛି। ବିକ୍ରି ଆରମ୍ଭର ପ୍ରଥମ ଦିନରେ ୧୦୦ ଫର୍ଦ୍ଦ ମନ୍‌ପା କାଗଜ ବିକ୍ରି ହୋଇଛି । ଫର୍ଦ୍ଦ ପ୍ରତି ଏହାର ଦାମ ୫୦ଟଙ୍କା ରଖାଯାଇଛି । ମନ୍‌ପା କାଗଜ କେବଳ ପରିବେଶ ଅନୁକୂଳ ନୁହେଁ, ଏହା ମଧ୍ୟ ସ୍ଥାନୀୟ କାରିଗର ମାନଙ୍କ ପାଇଁ ରୋଜଗାରର ମାର୍ଗ ଖୋଲିଦେଇଛି । ▪



**Narendra Modi** @narendramodi
A special day in our journey to become Aatmanirbhar in the defence sector. Arjun Main Battle Tank (MK-1A) was handed over to the Army. A tank made in Tamil Nadu will protect our borders. This is a glimpse of Bharat's Ekta Darshan.



**Rajnath Singh** @rajnathsingh
India's EAM, @DrSJaishankar in his insightful article published in @Newsweek has reimagined Diplomacy in the post COVID world.

He writes that the next world order would be more multi-polar, pluralistic and rebalanced. And India will help make a difference. Do read



**Amit Shah** @AmitShah
पहले J&K में योग्यता नहीं चिट्ठियों के आधार पर नौकरी बांटी जाती थी लेकिन हमने नौकरियों को सेवा चयन बोर्ड द्वारा ही देने का निर्णय लिया व 2022 से पहले 25,000 युवाओं को सरकारी नौकरी देंगे।

Back to Village कार्यक्रम के तहत लगभग 13,000 छोटी इकाइयों के मामलों को ऋण भी दिया गया है।



**Nitin Gadkari** @nitin_gadkari ·
In continuation to our effort to reduce costs through innovation, all steel whether produced from ore, billets, pellets or melting of scrap would be allowed to be used for NH construction as long as it meets the standards required for specific grades of steel.



**Dr. S. Jaishankar** @DrSJaish...
•Strong cooperation with Japan has made a difference to India, specifically to the development of Assam.

•Act East must begin by giving the necessary attention and resources to our own States in the East and North-East.



**Dr Jitendra Singh** @DrJiten...
#NewNortheast

MIB India 🇮🇳 #StayHo...
NE Region has received adequate funds from the Centre to fight the #COVID19Pandemic effectively: Union Minister @DrJitendraSingh.

# Modi breaks down in RS as he bids adieu to Ghulam Nabi Azad

V-P Venkaiah Naidu describes Azad as a voice of sanity in public life



# Put nation first, go vocal for local, PM tells party

Akhilesh.Singh@timesgroup.com



PM Narendra Modi addresses BJP workers on the occasion of 53rd death anniversary of Deen Dayal Upadhyay in Delhi on Thursday

# India, Afghanistan in pact to build 2nd dam in Kabul

Modi, Ghani discuss development, terror, and bilateral ties at virtual meet



"NO EXTERNAL POWER CAN STOP THE DEVELOPMENT OF AFGHANISTAN, OR THE INDIA-AFGHANISTAN FRIENDSHIP"

# Vaccination in city hits new high with 12k jabs



A health worker receives a Covishield vaccine jab at R... Super Speciality Hospital.

# Govt, Parliament have respect for farmers: PM in Lok Sabha

MANDIS, MSP TO STAY



RAIL ROKO ON FEB 18: UNIONS

RNI No. :
DELODI/2020/78831
March: 1-15, 2021

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi-110001 On 26-28 advance Fortnightly, (Publishing Date February 18, 2021, Pages-44)



# ନାଟ୍ୟାଞ୍ଜଳି

(11 ମାର୍ଚ୍ଚ (ମହାଶିବରାତ୍ରୀ) ଠାରୁ ମାର୍ଚ୍ଚ 15, 2021 ପର୍ଯ୍ୟନ୍ତ)

ମହାଶିବରାତ୍ରୀ ଠାରୁ ଆରମ୍ଭ ହେଉଥିବା ପାଞ୍ଚଦିନିଆ ନାଟ୍ୟାଞ୍ଜଳି ନୃତ୍ୟ ମହୋତ୍ସବ ପ୍ରତିବର୍ଷ ତାମିଲନାଡୁର ଚିଦାମ୍ବରମ ଠାରେ ଅନୁଷ୍ଠିତ ହୋଇଥାଏ। 1000 ବର୍ଷ ପୁରୁଣା ଚିଦାମ୍ବରମ ନଟରାଜ ମନ୍ଦିରରେ ଆୟୋଜିତ ହେଉଥିବା ଏହି ମହୋତ୍ସବ ନୃତ୍ୟର ଭଗବାନ ତଥା ବ୍ରହ୍ମାଣ୍ଡର ନର୍ତ୍ତକ ଭଗବାନ ନଟରାଜଙ୍କ ପ୍ରତି ସମର୍ପିତ। ଏହି ମହୋତ୍ସବ ଭାରତର ସମୃଦ୍ଧ ନୃତ୍ୟ ସଂସ୍କୃତି ଏବଂ ଭକ୍ତି ଭାବନା ପ୍ରତି ଏହାର ମିଶ୍ରଣକୁ ପ୍ରଦର୍ଶିତ କରିଥାଏ। ଏହି ମହୋତ୍ସବରେ ସାରା ବିଶ୍ୱ ଏବଂ ଦେଶର ସମସ୍ତ ଭାଗରୁ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀମାନେ ଅଂଶଗ୍ରହଣ କରିଥାନ୍ତି।



Editor:
**Jaideep Bhatnagar,**
Principal Director General, PIB, New Delhi

**Published & Printed by: Satyendra Prakash,** Director General, BOC on behalf of Bureau of Outreach and Communication

**Published from Bureau of Outreach and Communication, 2nd Floor, Soochna Bhawan, New Delhi - 110003**

**Printed at** Infinity Advertising services Pvt. Ltd. FBD-One Corporate Park, 10th Floor, New Delhi-Faridabad border, NH-1, Faridabad-121003 (Haryana)